ମନୋରମା

(ଐତିହାସିକ କାବ୍ୟ)

ଶ୍ରୀ ସତ୍ୟନାରାୟଣ ରାଜଗୁରୁ

Digitized by srujan ka@gmail.com

ମନୋରମା

(ଐତିହାସିକ କାବ୍ୟ)

ଲେଖକ—

ଶ୍ରୀ ସତ୍ୟନାରାୟଣ ରାଜଗୁରୁ

ମୂଲ୍ୟ :-ଟ।୧୨୫ ନୂ. ପ:

Digitized by srujan ka@gmail.com

ମୁଦ୍ରାକର :—

ଶ୍ରୀ ପ୍ରସନ୍ନକୁମାର ମହାପାତ୍ର
ଶ୍ରୀ ଶାରଦା ପ୍ରେସ,
ମହତାବ ରୋଡ଼,
ଭୁବନେଶ୍ୱର-୨

ପ୍ରଥମ ମୁଦ୍ରଣ :—୫୦୦

୧୯୭୦

Digitized by srujan ka@gmail.com

ମୁଖବନ୍ଧ

୧୫୧୪ ଖ୍ରୀଷ୍ଟାବ୍ଦରେ ବିଜୟନଗରର ମହାରାଜା କୃଷ୍ଣଦେବରାୟ ଓଡ଼ିଶା ବିରୁଦ୍ଧରେ ଦକ୍ଷିଣରୁ ଅଭିଯାନ ଚଳାଇଥିଲେ । ଉଦୟଗିରି କଣ୍ଡାବିଡ଼, ଚନ୍ଦ୍ରଗିରି ପ୍ରଭୃତି ଯେଉଁ ଦୁର୍ଗ ଗୁଡ଼ିକ ଗଜପତି-ସାମ୍ରାଜ୍ୟର ଦକ୍ଷିଣ-ସୀମାରେ ଦୃଢ଼ ପ୍ରାଚୀର ତୁଲ୍ୟ ରହିଥିଲା, ସେଠାରେ ମହାରାଜା ପ୍ରତାପରୁଦ୍ରଙ୍କ ପିତୃବ୍ୟ ତିରୁମଲ ରାଉତରାୟ ଏବଂ କୁମାର ବୀରଭଦ୍ର ଅବସ୍ଥାନ କରୁଥିଲେ । ସେମାନଙ୍କୁ ପରାସ୍ତ କରିବାକୁ କୃଷ୍ଣଦେବରାୟଙ୍କ ମନ୍ତ୍ରୀ ତିମ୍ମରସ ବିବିଧ କୌଶଳ ଓ ଭେଦନୀତି ପ୍ରୟୋଗ କରିଥିଲେ । ତା' ଫଳରେ ଗୋଦାବରୀ ପର୍ଯ୍ୟନ୍ତ ଦକ୍ଷିଣର ସମସ୍ତ ରାଜ୍ୟ ହରାଇ ପ୍ରତାପରୁଦ୍ର ତାଙ୍କ କନ୍ୟାଙ୍କୁ କୃଷ୍ଣଦେବରାୟଙ୍କ ହସ୍ତରେ ଅର୍ପଣ କରିଥିବା କଥିତ ହୁଏ । ଏ ସମ୍ବନ୍ଧେ ଦାକ୍ଷିଣାତ୍ୟରେ ବହୁ କିମ୍ବଦନ୍ତୀ ପ୍ରଚଳିତ ଅଛି । କିନ୍ତୁ ସେଥିର ଐତିହାସିକ ମୂଲ୍ୟ ନିର୍ଣ୍ଣୟ କରିବା ସୁକଠିନ । ଏଣୁ ତାହା କଳ୍ପନାତ୍ମକ କାବ୍ୟାକାରରେ ମାତ୍ର ବର୍ଣ୍ଣନା କରିବା ସମୀଚୀନ ଭାବି ୧୯୪୬ ମସିହାରେ ଏହା ମୁଁ ରଚନା କରିଥିଲି । ଓଡ଼ିଆ-ସାହିତ୍ୟରେ କାବ୍ୟ ଯୁଗର ଅସ୍ତ କାଳରେ **"ମନୋରମା"** ପ୍ରକାଶ କରିବାକୁ କାହିଁକି ଯେ ମୁଁ ପ୍ରବୃତ୍ତ ହେଲି, ତାହା ନିଜେ ମଧ୍ୟ ବୁଝିପାରୁନାହିଁ । ତେଣୁ ଏଥିର ବିଚାର ଭାର ସୁଧୀ ପାଠକବୃନ୍ଦଙ୍କ ଉପରେ ନ୍ୟସ୍ତ କଲି ।

ବିନୀତ

ଲେଖକ—

Digitized by srujan ka@gmail.com

ମନୋରମା

ପ୍ରଥମ ସର୍ଗ

ପୁଣ୍ୟ ସିଂହାଚଳ ତଳ କର୍ଣ୍ଣାଟ-ଶିବିରେ
କହନ୍ତି ଆତ୍ମଚରିତ ସଖୀ ପୁରତରେ
ମନୋରମା ନିରୁପମା ଅଳିଅଳି ଜେମା
କୃଷ୍ଣଦେବରାୟ-ହୃଦ-କୁମୁଦ-ଚନ୍ଦ୍ରମା,
"ଦିନେ ଜାଂଗଳିକ ଭାଟ ଆସିଥିଲା ଜଣେ
ଗାଇଲା ଏ ଗୀତ ଗୋଟି ମୋର ଉପବନେ:—

ଉତ୍କଳ ସେ ଆର୍ଯ୍ୟ- ଅଧ୍ୟୁଷିତ ରାଜ୍ୟ
ଉତ୍କଳ ବୀର-ଜନନୀ
ଚତୁର୍ଦ୍ଧା ମୂରତି ବନ୍ଦି ଜଗତ୍‌ପତି
ଶୋଭନ୍ତି ଯେଉଁ ଅବନୀ ଗୋ
ପୂର୍ବ-ସାଗର-ତଟରେ
ଗଜପତି-ଶାସନ ଯନ୍ତ୍ରରେ ଗୋ । ୧ ।

ଗଙ୍ଗା-ଗୋଦାବରୀ ଯାର ସୀମା ଧରି
ବନ୍ଧିଯାନ୍ତି ସିନ୍ଧୁମୁଖେ
ଯେଉଁ ଦେଶ ରାଜା ପାଳନ୍ତି ପରଜା
ପୁତ୍ରପରି ଅତି ସୁଖେ ଗୋ
ସେହି ଉତ୍କଳ ପୁଣି
ଧନ୍ୟ ମୁହିଁ, ସେ ମୋ ଜନ୍ମଭୂମି ଗୋ । ୨ ।

Digitized by srujan ka@gmail.com

କପିଳେନ୍ଦ୍ର ନାମେ   ସେ ଉତ୍କଳ ଧାମେ
ଥିଲେ ନୃପତି ଶେଖର
ସୂର୍ଯ୍ୟବଂଶେ ଜାତ   ପ୍ରତିଷ୍ଠ ପ୍ରଖ୍ୟାତ
ହୋଇଥିଲା ଯାହାଙ୍କର ଗୋ
ହିମାଳୟଠାରୁ ସେ
କୁମାରିକା ଯାଏ ସର୍ବ ଦେଶେ ଗୋ । ୩ ।

ତାହାଙ୍କ ନନ୍ଦନ   ସୁଖ୍ୟାତି-ଚନ୍ଦନ
ପ୍ରସରିଲେ ସଉରଭ
ଅରାତି ନିକର   କରାଇ କିଙ୍କର
ବଢ଼ାଇଲେ ଗଉରବ ଗୋ
ସେହି ପୁରୁଷୋତ୍ତମ
କାଞ୍ଚି-କାବେରୀ-ସମର-ଶ୍ରମ ଗୋ । ୪ ।

ତାଙ୍କ ଠହୁଁ ଜାତ   ପ୍ରତାପେ ପ୍ରଖ୍ୟାତ
ପ୍ରତାପରୁଦ୍ର ଭୂପତି
ଯାହାଙ୍କ ନନ୍ଦନ   ବୀରଙ୍କ ବନ୍ଦନ
ବୀରଭଦ୍ର ଗଜପତି ଗୋ
ନବକୋଟାଧୀଶ୍ୱର
କିଏ ବର୍ଣ୍ଣିବ ଗୁଣ ତାଙ୍କର ଗୋ । ୫ ।

ରୂପରେ ମଦନ   ହୋଇବେ ନଉନ
ବୁଦ୍ଧିରେ ସେ ବୃହସ୍ପତି
ଧନୁର୍ଦ୍ଧର ପଣେ   ନ ଥିବ କେ' ଜଣେ
ତାଙ୍କ ସମ ବସୁମତୀ ଗୋ
ସୁର-କୁମାର ପରି
ତାଙ୍କ ଉପମା ସେ ତାଙ୍କ ସରି ଗୋ । ୬ ।

Digitized by srujan ka@gmail.com

ମୃଦୁ ସୁଲଳିତ ସ୍ୱରେ ଛନ୍ଦ ଗୋଟି ଗାଇ
ଚମକି ଚାହିଁଲେ ଜେମା ସଖୀ ମୁଖ ଚାହିଁ ।

ପଚାରିଲେ, "ହୋଇଲା କି ଦୋଷ ?" ସଖୀ ଶୁଣି
ବୋଇଲା, "କାହା ସୁଗୁଣ ହେଉଛ ଗୋ ଗୁଣି ?

ଅବାକି ପରା ସେ ଗଜପତି କଣ୍ଠର !
କି କହିବେ ଶୁଣିଲେଟି ପିଅର ଭ୍ରମର ?"

ଘନ ଘନ କୋଳେ ବିଦ୍ୟୁ ବିକାଶିଲା ପରି
ମଧୁର ଅଧରେ ହାସ ପ୍ରକାଶି ସୁନ୍ଦରୀ

ବୋଲନ୍ତି ଲଳିତ ଧୀର ନମ୍ର ବଚନରେ,
"ମନକଥା କହେ ସିନା ତୁମରି ପାଖରେ ।

ମଳୟ ଯେନଇ ଯଥା କୁସୁମର କଥା,
ତୁମେ ଏକା ବୁଝିପାର ଏ ପରାଣ ବ୍ୟଥା ।
ଖୋଲି ଦେବି ଆଜି ସବୁ କରି ଏକମୁଖ
ହୃଦୟ ଭଣ୍ଡାରେ ଯେତେ ଭରିଅଛି ଦୁଃଖ"

ନିମିଷେ ସ୍ତିମିତ ହୋଇ ବସିଲେ ସୁନ୍ଦରୀ
ଉଦ୍‌ଭ୍ରାନ୍ତ ମନଟି ଗଲା ମଧୁବ୍ରତ ପରି
ଅତୀତ-ଆକାଶେ ଉଡ଼ି ଦୂରେ-ବହୁଦୂରେ
ସ୍ମୃତିର ସୁମନମାନ ଚୁମ୍ବନ ଆଶାରେ ।
ସେକାଳେ ସଞ୍ଜର ଶୋଭା ବାରୁଣୀ ଚଞ୍ଚଳେ
ଅମ୍ବରର ରଙ୍ଗ ସଙ୍ଗେ ଅମ୍ବର କି ଖେଳେ !
ଲାଜ-ଅଲକ୍ତକ-ରାଗେ ସନ୍ଧ୍ୟା ରାଣୀ ଚାହିଁ
ମେଘ-ପଣତରେ ଝିଏ ଲପନ ଲୁଚାଇ ।

Digitized by srujan ka@gmail.com

"ମନେ ପଡ଼ଇ ସେ ଦିନ କଥାଟି ସଜନି,
ପାନ୍ନାର(୧) ବକ୍ଷରେ ସେହି ଉତ୍ସବ-ରଜନୀ ।
କାର୍ତ୍ତିକ ପୂର୍ଣ୍ଣିମା ଆହା ! ଉଜ୍ଜ୍ୱଳ ଗଗନ ;
ପ୍ଲାବିତ ଜୋତ୍ସ୍ନାର ବନ୍ୟା ଜଳ-ସ୍ଥଳ-ଘନ !
ଶୁଳଜ୍ଜନ୍ତ ତରମାଳା ସ୍ରୋତସ୍ୱିନୀ ଜଳେ;
ସୁଶୁଭ୍ର ସଶରତେ ଶତ ଶଶୀ କି ସନ୍ତରେ ?
ପୂର୍ଣ୍ଣ କରି ବିଜୟବାହୁଡ଼ା(୨) ଅଭିଯାନ
ବିଜୟ ବାହୁଡ଼ା ପଥେ କର୍ଣ୍ଣାଟ ରାଜନ ।
ଅପୂର୍ବ ଅର୍ଣ୍ଣବ ପୋତେ ମୁକୁତାର ଝାଲି
ଚନ୍ଦ୍ରାତପେ ସୁମଣ୍ଡିତ ଶୁଭ୍ର ସ୍ୱର୍ଣ୍ଣମାଳୀ ।
ଆଲୋକ ନିବନ୍ଧ ବହି ଭାସନ୍ତି ସେ ଜଳେ
ଗବାକ୍ଷ ପଥେ ମୁଁ ଗୃହୁଁ ଥିଲି କୁତୂହଳେ;
ନାବମାଳା ପ୍ରତିବିମ୍ବ ଦିଶଇ ପାନ୍ନାରେ
ଆଲୋକର ଅଜଗର ଭାସଇ କି ନୀରେ ?
ଆକାଶ-ଅବନୀ ସାରା ଆନନ୍ଦ ପ୍ଲାବିତ;
ସେ ଶୋଭା-ସାଗରେ ଖରେ ହେଲି ନିମଜ୍ଜିତ ।
କାତ-ତାଳେ ମିଳାଇ ତା' ତାନ-ତରଙ୍ଗକୁ
ଶୁଣାଉଥିଲି ନାଭସୀ ମଧୁ-ସଙ୍ଗୀତକୁ
ଚନ୍ଦ୍ରଗିରି ଦୁର୍ଗ(୩) ତଳେ ଚାଲିଛି ବୋଇତ
କର୍ଣ୍ଣାଟ ସାମନ୍ତ ସୈନ୍ୟ ବହି ଅପ୍ରମିତ ।

(୧) କେନ୍ଦ୍ରୋର ଜିଲ୍ଲାରେ ପାନ୍ନାର ନାମକ ନଦୀ ପ୍ରବାହିତ ।

(୨) ବିଜୟବାହୁଡ଼ା ସମ୍ଭବତଃ ଆଧୁନିକ ବେଜଓ୍ୱାଡ଼ାର ପ୍ରାଚୀନ ନାମ । କାହା କାହା ମତରେ ସେଥିର ପ୍ରାଚୀନ ନାମ ଥିଲା ବିଜୟବଡ଼ ।

(୩) ଚନ୍ଦ୍ରଗିରି ଦୁର୍ଗଟି ଓଡ଼ିଶା ରାଜାଙ୍କର ଦକ୍ଷିଣରେ ସୀମାନ୍ତ ଅଞ୍ଚଳରୂପେ ଅବସ୍ଥିତ ଥିଲା ।

Digitized by srujan ka@gmail.com

ମନେ ପଡ଼ିଗଲା ମୋର ଜାଗଲିକ ଗୀତ:
ଗଜପତି କୁମାର ଏ ଦୁର୍ଗ ଅଧିପତି !
ଦକ୍ଷିଣ-ଭାରତ ଭୀତ ଯାର ପ୍ରତାପରେ
ବୀର ବୀରଭଦ୍ର ବସେ ନିଜେ ଏ ଦୁର୍ଗରେ ।
ଶୁଣିଥିଲି ଏକା ନାମ, ଦେଖିବାକୁ ମନ;
କିନ୍ତୁ ସେ କାମନା ଥିଲା ଆକାଶ-ସୁମନ !
ଗଗନର ଶଶି ସେ, ମୁଁ ଧରାର ଚକୋର;
ସମ୍ଭବକି ମିଳନ ଗୋ ତାଙ୍କର ମୋହର ?
ଥାଆନ୍ତାଟି ପକ୍ଷ ସତେ ଉଡ଼ିଯାନ୍ତି କୂଳେ,
ବସନ୍ତି ସେ ସୁଧା-ଧବଳିତ ସୌଧ ଚୂଳେ,
ତାଙ୍କ ନିଜ ବାସ-ବାତାୟନ-ପଥେ ବସି
କହନ୍ତି ପ୍ରାଣର ଭାଷା ପ୍ରଣୟ ସମ୍ପ୍ରତି ।
ସେ ସକଳ ସୁଧା ସମ ଆଶା-କଲପନା
ସେହିସ୍ଥାନେ ହୋଇଥାନ୍ତା ବିକଶିତ ସିନା !
ମଳୟର ମରମରେ ମରମର କଥା
ରଚନ୍ତେ ସୁମନେ ମନେ ପ୍ରଣୟ କବିତା;
ଗଗନେ ନକ୍ଷତ୍ର ମାଳା ନାଚନ୍ତି ମଞ୍ଜୁଳେ;
ହସନ୍ତା ପରବ-ବଧୂ ବିତାନ-ମଣ୍ଡଳେ;
ପାନ୍ଥାର ତରଙ୍ଗେ ରଙ୍ଗେ ଉଠନ୍ତା ପୁଲକ
ଶାରଦ-ପାରଦ-ଶୁକ୍ଳ-ଚନ୍ଦ୍ରିକା ଚମକ !
ଆହାରେ ଆଶାସ୍ଥୀ ଅନ୍ଧ କାକରୁକ*-ମନ !
ମରୀଚିକା ସମ ପ୍ରହେଳିକା ପରିଣାମ !

* କାକରୁକ—ନିର୍ଦ୍ଧନ

Digitized by srujan ka@gmail.com

ଜାଗ୍ରତରେ ଦେଖୁଁ ଦେଖୁ ମୋହନ-ସ୍ୱପନ
କିଏ ଜାଣିଥିଲା ହେବ ଭାଗ୍ୟ ବିବର୍ତ୍ତନ ?
ଶୁଭିଲା ସହସା ରାତ୍ରି ମଧ୍ୟେ କୋଳାହଳ;
ଜାଗିଲେ ଭୁଭରେ ଯେତେ ସାମନ୍ତ ସକଳ ;
କିଏ କହେ "ବନ୍ଧ-ବନ୍ଧ ପ୍ରାକାର ଉପରେ"
କିଏ ବୋଲେ "ଦେଖ-ଦେଖ ଅଗ୍ରତ ଅଦୂରେ !
ଖର ବେଗୁଁ ଖରମାଳ ଆସେ ସାଇଁ ସାଇଁ;"
କିଏ ପ୍ରତିବାଦ କରି କହେ "ନାହିଁ-ନାହିଁ,
ଶତ୍ରୁ ଅନ୍ତରିକ୍ଷ ଏକା ଆସଇ ଶାମ୍ବୁକ !"
ହୋଇଲା ତା' ପର ଦୃଶ୍ୟ ହୃଦ-ବିଦାରକ ।
ଲୋଟନ୍ତି ନାଉଗା କେତେ ଶରଘାତ ପାଇ;
ବିକଳେ ବ୍ୟାକୁଳେ କିଏ ଯିବାକୁ ପଳାଇ
ଝମ୍ପ ଦିଏ ଖରେ ଅତି ଆତୁରେ ସ୍ରୋତରେ ;
ଆଘାତ ପାଇ କେ' ପୁଣି ଆର୍ତ୍ତନାଦ କରେ ;
ଲିଭିଗଲା ତାରକିତ ଆଲୋକର ମାଳା;
ଆନନ୍ଦ ବକ୍ଷରେ କଲା ନିରାନନ୍ଦ ଖେଳା;
ବିପଦ ଉପରେ ଆଉ ପଡିଲା ବିପତ୍ତି ,
ତରଣିରେ ପାଣି ପୁଣି ପଶଇ ଝଟତି ।
ଆରତରେ ହାହାକାର କଲେ ସୈନ୍ୟଗଣ,
କର୍ଣ୍ଣାଟ-ସମ୍ପଦ ହୁଏ ସଳିଳେ ଉଛନ୍ନ !
ଚନ୍ଦ୍ରକରଜାଲେ ଜ୍ୱଳେ ଦୂରେ ଚନ୍ଦ୍ରପୁର
ଶୈଳମାଳ ଉତ୍ସେକ ଯଦ୍ଧି ଉଜ୍ଜଳର;
ଏମନ୍ତ ନିଷ୍ଠୁର ବୀର-ହୃଦସ୍ଫୂର୍ତ୍ତି ସତେ !
ପାଷାଣ କି ବୀରହୃଦ୍ର ? ନୁହେତ ପରତେ ।

Digitized by srujan ka@gmail.com

ଧୀରେ ଧୀରେ ନଇଁକାଟି ବୁଡ଼ିଗଲା ତଳେ ;
ଭାସିଲି ମୁଁ ତରଙ୍ଗିତ ଅତଳ ସଲିଳେ ।
କ ହେଲା ତା ପରେ କିଛି ନଜାଣେ ସଜନ ,
କେମନ୍ତେ ପାହିଲା ସେହି ଦାରୁଣ ରଜନୀ !!

*   *   *   *   *

ନେତ୍ର ଯେବେ ଉନ୍ମୀଳିତ ହେଲା ପ୍ରଥମରେ
ଦେଖିଲି ଶାୟିତ ମୁହିଁ ପଲଙ୍କ ଉପରେ ।
ଗୃହଟି ଉପବନ-ପ୍ରାସାଦରେ ଏକାକିନୀ
ସହିଁ ଚନ୍ଦ୍ରପୁର-ଶୋଭା ଉଠଇ ଉଜାଣି ।
ମନେ ହେଲା, ବନ୍ଦିନୀ ମୁଁ ଅଜ୍ଞାତ-ନବରେ ;
ଗଞ୍ଜଣାନ୍ତ ପ୍ରେମଗୀତ ନୁହେ ପୃଥିବୀରେ !
ଯେଉଁ ପୁର ଥିଲା ମୋର ପ୍ରଣୟ-ସ୍ୱପନ
ତହିଁ ମୁଁ ବନ୍ଦିନୀ ! ଆହା ! ବିଧି ବିଡ଼ମ୍ବନ !!
ଜୀବନ ଯା' ପଦେ ଢ଼ାଳି ଦେଇଛି ସଙ୍ଗିନୀ,
ସେ ପୁଣି ଅଗମ୍ୟ ମୋର, ମୁଁ ତାଙ୍କ ବନ୍ଦିନୀ !
ତରଳ-ତପନ-ଆଭା ପଡ଼ଇ ଉଛୁଳି;
ଭରିଯାଏ ଉପବନେ ପକ୍ଷୀ-କାକଳୀ !
ଫୁଟନ୍ତି ପ୍ରସୂନ ପଂକ୍ତି ସ୍ତବକେ ସ୍ତବକେ;
ଉଡ଼ନ୍ତି ବିତାନେ ବଣି-କାକ-ହଂସ-ବକେ;
ଦେବାଳୟେ ଶୁଭେ ଶୁଭ ଶଂଖ-ଘଣ୍ଟା-ସ୍ୱନ—
ପ୍ରକୃତି-ଦେବୀଙ୍କ ନୀରାଜନ ଆୟୋଜନ !
ଚୀନାଂଶୁକ-ଯବନିକା ଖୋଲି ଦେଲି ଖରେ
ଅନିନ୍ଦ୍ୟ ସୁନ୍ଦରୀ ଏକ ଉଭା ପୁରତରେ ।

Digitized by srujan ka@gmail.com

ଭାବିଲି, ସତ କି ଏହା ସ୍ୱପନର କଥା,
ପାନ୍ଥୀର ବକ୍ଷେ ତରଙ୍ଗ-ତଳପେ ଶାୟିତା ?
ମନେ ପଡିଗଲା ସେହି କରୁଣ-କାହାଣୀ,
ତରଙ୍ଗିଣୀ ଜଳେ ମଗ୍ନ କର୍ଣ୍ଣାଟ-ବାହିନୀ !
ମନେ ପଡ଼ିଗଲେ ପିତା କୃଷ୍ଣଦେବରାୟ;
ସତେ କି ଜୀବନେ ଆଜି ଅଛନ୍ତି ସେ ହାୟ !
ଚନ୍ଦ୍ରଗିରି କାରାଗାରେ ବନ୍ଦିନୀ ମୁଁ ପର !
ନୟନରୁ ଝରିଗଲା ଲୋତକର ଧାର ।
ଆଗନ୍ତୁକା ନାୟିକା ମୋ ପାଶେ ବସି ହସି
କହିଲେ କୋମଳ କଥା ମନକୁ ଆଶ୍ୱାସି,
"ମୋ ରାଣୀଟି ଆଜି କାନ୍ଦନାହିଁ ଜେମାମଣି,
ଆଜଠାରୁ ହେଲ ମୋର ପ୍ରାଣର ମିତଣୀ ।
ତୁମେ କର୍ଣ୍ଣାଟର ଜେମା, ମୁହିଁ ଉତ୍କଳର,
ସଖୀ ବସିବାକୁ ନୁହେ ଅସମ ତୁମ୍ଭର ।"
କେତେ ଯୁଗ-ଯୁଗାନ୍ତର-ଆପଣାର ପରି
କରି ନେଲେ ନିମିଷେ ଏ ବନ୍ଦିନୀକୁ ଧରି ।
ଏମନ୍ତ ସୁନ୍ଦରୀ କାହିଁ ନଥିବ ଜଗତେ ;
ଚନ୍ଦ୍ରରେ କଳଙ୍କ; ଏତ ନିଷ୍କଳଙ୍କ ସତେ ।
ମଧୁ ଗୋଲାପ ପାଖୁଡ଼ା ରକ୍ତ-ମାଂସ କରି
ଗଢ଼ିଲା କି ବିଧି ବହୁଦିନେ ଏ ସୁନ୍ଦରୀ !
ଭ୍ରମର-ଚଞ୍ଚଳ-କମନୀୟ-କଳା-ଡୋଳା
ପ୍ରୀତି-ସରଳତା-ଅନୁରାଗାଞ୍ଜନ ବୋଳା !
ପଚାରିଲି "କିଏ ତୁମ୍ଭେ ? କେ' ତୁମ ପିଅର ?"
ଉତ୍ତରିଲେ ବାଳା, "ଗଜପତି ଗୌଡ଼େଶ୍ୱର-

Digitized by srujan ka@gmail.com

ପ୍ରତାପ / ପ୍ରତାପରୁଦ୍ର ଶ୍ରୀକଳିଙ୍ଗପତି,
ସେହି ମୋ ପିଅର ଯେଣୁ ମୁହିଁ ଭାଗ୍ୟବତୀ ।
'ଜଗନ୍ମୋହିନୀ' ନାମରେ ଡାକନ୍ତି ସେ ମୋତେ ;
କିନ୍ତୁ ଏ ସାର୍ଥକ ନୁହେଁ ତୁମ୍ଭର ଅଗ୍ରତେ !"
ନୀରବେ ଶୁଣିଲେ ତାଙ୍କ ଗଉରବ କଥା,
କର୍ଣ୍ଣାଟ-ଈଶ୍ୱର ପୁଣି ପୋତି ଦେଇ ମଥା ।
ହୁଅନ୍ତେ ପିଅର ମୋର ଯେବେ ଏହିପରି,
ସହନ୍ତି ସିନା ମୁଁ କଥା ମଥା ତଳ କରି !
ସମସ୍ତ ଏ ହୃଦୟର ଭାବକୁ ସେ ଜାଣି
ସାନ୍ତ୍ୱନା ବହିଲେ ପୁଣି ମଧୁର ବଖାଣି ।
ବୋଇଲେ, "ଏ ନୁହେଁ ତୁମ୍ଭ ଉଚିତ ଗୋ ମିତ ;
ରଜାର ସମ୍ପଦ କେବେହେଁ ନୁହେଁ ପରମିତ ;
ଆଜ ଯେ ସମ୍ରାଟ, କାଲି ପଥର ଭିକାରି !
ସମ୍ପଦ-ଆପଦ ମାନ ଜଳବିମ୍ବ ପରି,
ଜନ୍ମି ଥିଲେ ଏ ଦେଶରେ କେତେ କେତେ ରଜା ;
ଆତ୍ମତ୍ୟାଗ-ବ୍ରତପାଳିଲେ ପାଇଛନ୍ତି ପୂଜା !
ଦାନୀ ବୋଲି କର୍ଣ୍ଣ, ମାନୀ ବୋଲି ସୁଯୋଧନ,
ସତ୍ୟାସନ୍ଧ ନାମେ ହରିଶ୍ଚନ୍ଦ୍ର ନାରାୟଣ,
କର୍ତ୍ତବ୍ୟନିଷ୍ଠ-ଗୁଣେ ରାମ ରଘୁପତି,
ପୂଜ୍ୟ ହୁଅନ୍ତି ନଳ, ମାନ୍ଧାତା, ଯଯାତି ;
ସମ୍ପଦ ସମ୍ଭାରେ ରଜା କାରଣ ବିସ୍ତାର !
ଆତ୍ମତ୍ୟାଗ-ମାହାତ୍ମ୍ୟରେ କୀର୍ତ୍ତି ଅଧିକଣ ।
ଏଥିପାଇଁ ପୂର୍ବେ କେତେ ଉତ୍କଳ-ନୃପତି
ଭାରତ-ମଧ୍ୟର ମାଳା ବୋଲି ଯାଇଛନ୍ତି !

Digitized by srujan ka@gmail.com

ହେମନ୍ତ ଉନ୍ନତ-ସିଂହାସନ ପାଇବାକୁ
କଏସେ ନ ହେବ ଲୋଭ କହତ ଆମ୍ଭଙ୍କୁ !
ମୋ ପିଅର ଗଜପତି କ ଅନନ୍ତ କର,
ସ୍ମରଣୀୟ ହେବ ନାମ ଜଗତେ ତାଙ୍କର ?
ନହୁଅ ବିମନା ଏଥିପାଇଁ ସଙ୍ଗୀକୁଣି;
ଉତ୍କଳ ବିରାଟ ନୁହେଁ କର୍ଣ୍ଣାଟକୁ ଜିଣି !"
ତରୁଣ ବୟସୀ ବାଳା ଦ୍ରବିଣାର ପର
କହିଲେ ଭାରଖ ଯାହା, ହୃଦ ଗଲା ଭରି !
ଧରି ମୁଁ ତାଙ୍କର ଗ୍ରହ୍ମ କର ପଲ୍ଲବକୁ
ବିଲୋକିଲ ଧୀରେ ସେହି ଉଜ୍ଜ୍ୱଳ ମୁଖକୁ;
ବୋଇଲି, "ଆହା ! କି ସତେ ଉନ୍ନତ ହୃଦୟ !
ସକଳ ଉତ୍କଳବାସୀ ପାଷାଣତ ନୁହଁ !!"
ମନେ ପଡଗଲା ପୁଣି ଗତ-ଗତ କଥା ;
ଉଇଁଲେଣି ଚନ୍ଦ୍ରଗିରି ଚୂଳରେ ସବିତା;
ହୃଦ-ବିଦାରକ ଦୀର୍ଘ ନିଃଶ୍ୱାସ ପକାଇ
କହିଲି, "ଉତ୍କଳେ ତୁମ୍ଭ ପଟାନ୍ତର କାହିଁ ?"
ଏ କଥାର ମରମଟି ବୁଝିପାରି ଜେମା
ଭୁଲାଇ ଦେବା ଛଳରେ ବୋଇଲେ, "ଦେଖନା,
କେଡ଼େ ମନୋହର ଆଜ ଦିଶେ ଉପବନ !
ମୟୂର ନାଚଇ, ଶୁଭେ ପରଭୃତ-ସ୍ୱନ !
ଆସ ଥରେ ମିତଣିଗୋ ବୁଲିଯିବା ତହିଁ;
ପଡ଼ିଥିବେ ଦାସୀମାନେ ତୁମ୍ଭ ସେବା ପାଇଁ !"
ଧୀରେ କର ଧରି ମୋର ନେଲେ ବାହାରକୁ
ଦୂରେ ଓଶୋକ-ଶ୍ରେଣୀ-ପୁଷ୍କରଣୀର କୂଳକୁ !

Digitized by srujan ka@gmail.com

ମସୃଣ-ମର୍ମର-ଶିଳା ବେଷ୍ଟିତ ସେଥିରେ
ସ୍ଫଟିକର ସମ ନୀର ଅଗାଧ ଗର୍ଭରେ;
ଫୁଟିଛୁ କମଳ, ନୀଳ ଲୋହିତ କୁମୁଦ;
କରୁଛନ୍ତି ହଂସ-କାରଣ୍ଡବ କଳନାଦ ।
ସହକାର ତଳେ ସ୍ୱଚ୍ଛ-ମର୍ମର-ଆସନେ
ବସିଲି ଉତ୍କଳ-ରାଜ-ତନୟା ଗହଣେ;
ମୋର ହାତ ଧରି ସେହୁ ପୁଚ୍ଛିଲେ ସାଦରେ,
"କହିବ କି ସତ୍ୟକରି କଥାଏ ଗୁପ୍ତରେ ?"
ବୋଇଲି ମୁଁ, "ତୁମ ଠାରେ କି ଅଛପା ମୋର ?
ସଙ୍କୋଚ ନକରି ପୁଚ୍ଛ ଯାହା ମନେ କର ।"
ହସି ଦେଇ ଧୀରେ ଏହୁ ଚିବୁକଟି ଧରି
ବୋଇଲେ, "କହିବ ମୋର ରାଣ ସତ କରି,
କିଏ ସେ ସୁଭଗ ତୁମ ଧରିଛନ୍ତି ହାତ ?
କେଉଁ ଦେଶ ରାଜପୁତ୍ର କହିବ ସଙ୍ଗାତ ?"
ଲଜ-ଅରୁଣିତ-ଗଣ୍ଡ ହୋଇଗଲି କ୍ଷଣେ;
କହିଲି କାନରେ ତାଙ୍କ, "କୁମାରୀ ମୁଁ ଜଣେ ।"
ଏ ବଚନ ଶୁଣି ବାଳା ହସି କୁତୁହଳେ
ବୋଇଲେ "ସତ୍ୟ ରାଣୀ କି ହୁଅନ୍ତ ଉତ୍କଳେ !"
ମୁଁ ବୋଇଲି, "ନାହିଁ ମୋର ସେ ବାସନା ମନେ;
ପାଷାଣ-ହୃଦୟ ଯେତେ ଉତ୍କଳର ଜନେ !"
ମୁହଁରେ କହିଲି ସିନା ଏମନ୍ତ ବଚନ,
ଅନ୍ତରେ ନାଚିଲା କାହା ପ୍ରତିମା ମୋହନ;
ଜାଗ୍ରଲକ-ଗୀତ ପୁଣି ପଡ଼ିଗଲା ମନେ;
କୁମାରୀ ସେ ଶରୀରକୁ ଜାଗିଲେ ଧିଆନେ;

Digitized by srujan ka@gmail.com

ଆଶା-ସମ୍ମୋହନ-ଶକ୍ତ୍ୟା ଘେନିଲା ଉଠାଣି;
ସତେ ଯେବେ ଦୁଷ୍ମନ୍ତ ସେ ଉତ୍କଳର ମଣି !
ଲଜ୍ଜାଟିରେ ଲଙ୍ଘନ ମୌନ ହୋଇଲା ଭଙ୍ଗକୁ;
ସମୀର-ଲହରି ପୋଛି ନ ପାରେ ସ୍ୱେଦକୁ;
ତନୁରେ ବେଷ୍ଟିତ ନୀଳ-ବସନକୁ ଫେଇ
ପୋଛିଲି କପୋଳ-କଣ୍ଠୁ ସ୍ୱେଦ-ବିନ୍ଦୁ ତହିଁ !
ସେକାଳେ ଉନ୍ନତ-ବକ୍ଷ ହୋଇଲା ମୁକତି;
କହିଲେ ସିଚଣୀ କାଣେ, "ନ ସୁଅ ମହତ !"
ଦେଖିଲି ଦୂରରେ ତରୁ-ମୂଳେ ନବ-ଯୁବା,
ସାର-ତନୁଚ୍ଛଦ ବନ୍ଧ ହୋଇଛନ୍ତି ଉଭା !
ତଳତଳେ ଯୋଡ଼ାଇଲି ବକ୍ଷ-ଦେଶ ମୋର !
ଲଜ୍ଜା-ଭୟ-ଅଭିମାନେ କମ୍ପିଲା ଶରୀର;
ଏହି କି ମୋ ସ୍ୱପନର ପ୍ରଣୟ ପ୍ରତିମା ?"
"ଶ୍ରବଣେ କହିଲେ ଧୀରେ ଚେଟେଲି ସୁଲୋଚନା,
"ମନ କି ଶାନ୍ତିରୁ ସଖି, ମୋ ଭାଇଙ୍କୁ ଦେଖି ?"
ଶମୂଷ୍ଟି ଦେଲି ମୁଁ ତାଙ୍କ ଜାନୁକୁ ଉଲଟି ।
ଜାଣି ମୁଁ ଲଜ୍ଜିତ ଯୁବା ହୋଇଲେ ଅନ୍ତର
ଫୁଙ୍କି ଦେଇ ପରାଣରେ ପ୍ରେମର ମନ୍ତର ।
ସେ କାନ୍ତୁଁ ଦେଖିଲି ଜଗତକୁ ଆନ ପର;
ବୁଝିଲି ଏ ହୃଦୟୁଁ ନୁହଇ ମୋହର;
ଜଗନ୍ମୋହନଙ୍କ ସେହି ପରିହାସ ବାଣୀ
ଚକ୍ଷୁନ୍ମୋହନ ସ୍ୱରୂପ ଅମୃତ-ଉଜାଣି;
ସେହିଠୁ ଶୁଣିଲି ମଧୁ ସ୍ୱନ କୋକିଳର;
ମଣିଲି ସଂସାର ପ୍ରେମ-ସଙ୍ଗୀତ-ମନ୍ଦିର;

Digitized by srujan ka@gmail.com

'ସାନ୍ଧ୍ୟ-ସମୀରଣେ ପୂର୍ଣ୍ଣ ଚନ୍ଦ୍ର-କିରଣରେ,
ଶୀତଳତା ନାହିଁ ଅନୁଭବିଲା ପ୍ରାଣରେ;
ଏକାନ୍ତ ସ୍ଥଳକୁ କଲି ଏକାନ୍ତ କାମନା;
ଭୁଲିଗଲେ ସିତଣୀ ମୋ ମନର ବେଦନା ।
ହସି ହସି ଧୀରେ ଆସି ବସି ମୋର ପାଶେ
ଗେଲାଇ କହିଲେ ମୃଦୁ ପରିହାସ ଛଳେ,
"ଶୁଣିଲଣି ସଖି ତୁମ ପରିଣୟ କଥା ?"
ଚମକି ପଡ଼ିଲି ପାଇ ଏ' ଶୁଭ ବାରତା ।
ପଚାରିବା ପାଇଁ ଆଉ ବିଶେଷ କଥାକୁ
ନ ହୁଏ ସାହସ, ହୁଏ ଦମ ଦମ ବୁକୁ !"
କ୍ଷଣେ ମଉନତା ଭଙ୍ଗ କହିଲେ ସଙ୍ଗିନୀ,
"କୁମାରଙ୍କ ମନ-ଧନ ନେଲ ତୁମ୍ଭେ କିଣି !
ଯାହା ପାଇଁ ସବୁ ମୋର ହୋଇଗଲେ ଭାଇ,
ଆଜି ଏତେ ଦିନେ ବନ୍ଧୁ ଦେଲେ ତା' ଘଟାଇ;
ପଠାଇ ଅଛନ୍ତି ତୁମ୍ଭ ପିଅର ଚାଟାଉ,
'ଶୁଭରେ ବିଳମ୍ବ ଆଉ କରିବାର ନୋହୁ;
କର୍ଣ୍ଣାଟର ଜେମା ମନୋରମା ମନୋରମା
ହେଉ ଗଜପତି ରାଜକୁଳ-ମନୋରମା,
ଉତ୍କଳ-କର୍ଣ୍ଣାଟ ହେଉ ମିତ୍ର ରାଜ୍ୟ ଏବେ;
ଦକ୍ଷିଣ-ଭାରତ ଶାନ୍ତି ଲଭୁ ସର୍ବ ଶୁଭେ' ।
ତୁମ୍ଭ ପିତାଙ୍କର ଏହି ଉତ୍ତରକୁ ପାଇ,
ପଠାଇଲେ ଭାଇ ଦୂତେ ସମ୍ମତି ଜଣାଇ ।
ବନ୍ଦିନୀ ରୂପେ ଯାହାଙ୍କୁ ବାନ୍ଧିଲ ରୂପରେ
କାମ-କାରାଗାରୁ ତାଙ୍କୁ ମୁକ୍ତ କର ବାରେ ।

Digitized by srujan ka@gmail.com

ସ୍ନେହ-ଅନୁବନ୍ଧେ କେମା ନୁହତ କୃପଣ !
ବନ୍ଧ ଏ ସ୍ଥାନକୁ ସାଇ ଆସିବେ ଏକ୍ଷଣ ।”
ଏତେ କହ୍ନି ହସି ବାଳା ଗୃଳଗଲେ ପୁରେ;
ଉଦାସୀନ-ଦୃଷ୍ଟି ମୋର ଥିଲା ଶୂନ୍ୟେ ଦୂରେ ।
“କୁଶଳ କ ତୁମ୍ଭର ଗୋ କର୍ଣ୍ଣାଟ-କୁମାର ?”
କଏ ଏ’ ସଙ୍ଗୀତମୟ-ଭାଷାକୁ ଉଚ୍ଚାର
ଉଭା ମୋ’ ପୁରତେ ନବ-କମନୀୟ-ଯୁବା ?
ଆହା ସେ ରୂପ ! ଯୁବତୀ-ଜନ-ମନ-ଲୋଭା !
ଦେଖି ନଦେଖିଲା ପର ମୋଡ଼ ଦେଉଁ ମଥା,
ଅତି ନକଟକୁ ଆସି ଆରମ୍ଭିଲେ କଥା,
“ଉତ୍କଳ-ମଣ୍ଡନମଣି-ଶ୍ରୀ ପ୍ରତାପରୁଦ୍ର—
ଗଜପତି-କୁମାର ମୁଁ ଅଟେ ବୀରଭଦ୍ର ।
ଦକ୍ଷିଣ-ଭାରତେ ନବ ଦୁର୍ଗ ଉତ୍କଳର ,
ପିତାଙ୍କ ଆଜ୍ଞାରେ ମୁହିଁ ତହିଁ ଅଧୀଶ୍ୱର ।
କର୍ଣ୍ଣାଟ-ରାଜାଙ୍କ ଉଚ୍ଚମନ-ବୀରପଣ,
ଦାକ୍ଷିଣାତ୍ୟ-ଜନେ ଆଜ କରନ୍ତି କୀର୍ତ୍ତନ ।
ଦାନେ, ମାନେ, ପ୍ରତିଭାରେ ତାଙ୍କପର କେହି
ଦ୍ରାବଡ଼-ରାଜ୍ୟରେ ଜନ୍ମି ନାହିଁ ନରସାଇଁ ।
ଲଢିବା ପାଇଁ ସେ କେବେ ଉତ୍କଳ ସଙ୍ଗତେ
ପ୍ରସ୍ତୁତ ନଥିଲେ, ଏହା ଜାଣେ ମୁଁ ନସ୍ତବତେ ।
କନ୍ତୁ କର୍ଣ୍ଣାଟର ମନ୍ତ୍ରୀ କୃଶ-କଳେବର-
କୁଟିଳ-ବୃଦ୍ଧ ସେ ତିମ୍ମରସ ନାମ ଯାର,
ସେ ଏକା ଉଠାଇ ଦେଲା ଖଳ ପ୍ରକୃତିରେ
ଉତ୍କଳର କର୍ଣ୍ଣାଟର ଅପ୍ରୀତି ମହୀରେ ।

Digitized by srujan ka@gmail.com

ତିକ୍ତରସ ଅଛୁ ତିକ୍ତ-ରସ ଉପୁଜାଇ,
ପ୍ରେମର ଅମୃତ-ରସେ ଦେବା ତା' ଭସାଇ !"
ଏତେ କହି ସ୍ନେହଭରେ ଚୁମ୍ବିଲେ ମୋ ମୁଖ;
ଫୁଟିଥିଲା ତହିଁ ମଧୁ-ପ୍ରେମର-ମୟୂଖ ।
ମରମ ଭେଦିଲା ତାଙ୍କ ସୁଲଳିତ କଥା;
ସରମେ-ଭରମେ ପୋତି ଦେଇଥିଲି ମଥା ।
କହିଲେ ପୁଣି ସେ ଧୀର-ମଧୁମୟ-ଗିରେ,
"ଆଜ ତୁମ୍ଭ ପିତା ଲେଖିଛନ୍ତି ଶିଖାଇରେ,-
କର୍ଣ୍ଣାଟ-ଉତ୍କଳ ରହୁ ପୀରତି-ମିଳନେ
ଚନ୍ଦ୍ରପୁରେ ତୁମ୍ଭ ଆମ୍ଭ ବିବାହ-ବନ୍ଧନେ ।
ଏବେ ତୁମ୍ଭ ସମ୍ମତିର ଆଶାରେ ସୁନ୍ଦରି
ଆସିଅଛୁ ପ୍ରଣୟର ଭିକ୍ଷାପାତ୍ର ଧରି ।"
କି ଦେବି ଉତ୍ତର ? ଖୋଜି ନ ପାଇଲି ଭାଷା;
ମନେ ମନେ କଲି ତାଙ୍କ ଚରଣ ଭରସା ।
ସୁବର୍ଣ୍ଣଜରି-ମଣ୍ଡିତ-ପାଦୁକାକୁ ଛୁଇଁ
ବୋଇଲି, "ଦାସୀ ପଣକୁ ଯୋଗ୍ୟ ନୁହେଁ ମୁହିଁ ।
ଅପାର କରୁଣା ଯେବେ ହୋଇବ ତୁମ୍ଭର
ଚରଣ-ସେବିକା କରି ରଖ ନିରନ୍ତର ।"
ଶାରଦ-ଶୁଭ୍ର-ଚନ୍ଦ୍ରିକା ରଚେ ଇନ୍ଦ୍ରଜାଲ;
ଦୋଳନ୍ତି ବୃନ୍ତଚ୍ଛ କୋଳେ ପୁଷ୍ପ ମାଳ ମାଳ ;
ଅଦୂରେ ପାନ୍ଥାର ଧୀର-ମଧୁ-କଳଗୀତ
ରଚିଲା ଅପୂର୍ବ ଛନ୍ଦ-ଲହରୀ ପ୍ରକୃତି !
ହୋଇଲା ସଜନ ଯାହା କହିବ କେମନ୍ତେ
ଚନ୍ଦ୍ରପୁର-ଚନ୍ଦ୍ରଶାଳେ ସେ ମଧୁ-ନିଶୀଥେ !

Digitized by srujan ka@gmail.com

ମହାର୍ଘ ହେଉ ତୋ ହର୍ଷଣି-ମୂର୍ତ୍ତି ନନ୍ଦନ-ମନ୍ଦିରେ
ଶ୍ରଦ୍ଧାଞ୍ଜଳି ହେଉ ଆମ୍ଭ ଗାନ୍ଧର୍ବ-ଉଧ୍ୱରେ ।

✻ ✻ ✻

ଆଜି ଏ ନିରୋଗ ସୁଖ-ରବ, କହେ ଭାଇ
ସୁନ୍ଦର-ଅଞ୍ଚଳ-ତଳେ ଅରୁଣ ଖେଳାଇ ।
ଫିଟିଗଲା ନୟନ ମୋର ଲୁକ୍କାୟିତ ସ୍ୱପ୍ନେ,
ଚାହିଁଲି ବସିଛି ଉଭ-ନବକା-ସ୍ୱପନେ ।"
ସଲଜ୍ଜେ କାଞ୍ଚନ ଯାଜ ଉଠିଲ ସନ୍ତର୍ପଣେ;
ମାଙ୍କଣା-ମଣ୍ଡପେ ଗାଇ ପ୍ରାଣବନ୍ତିକା ଚାହିଁଲେ ।
ଉତ୍କଳ ତୁମ୍ଭମାନେ ଆଜି ଛଡ଼ି ଛପି ଆସି
ଅଶାନ୍ତ ଜୀବନରେ ଜାଗି ଅନ୍ଧ ଉନ୍ଦ ଭାସି ।
ଛୁଇଁ ନଭଭୀତର ନୃତ୍ୟ-ନାଳ ଉଣ ଉଣି ତରେ
କୋଇଲେ; "ଦେଖିଲି ଏକ ସ୍ୱପ୍ନ ନଗ୍ନଧରେ ।"
ମୁଁ ଉକ ଭ୍ରଷି ମୁଁ ପଶୁରିଲି, "କି ସ୍ୱପନ?"
"ଦେଖିଲି ସରଗ-ପୁରେ ଅପୂର୍ବ ଛନ୍ଦନ"
ଆରମ୍ଭିଲେ ରାଜା, "ରମ୍ଭା-ଉର୍ବଶୀ-ସୁନ୍ଦରୀ
ନୃତ୍ୟ କରୁଥିଲେ ଇନ୍ଦ୍ର-ସଭା ଶୋଭା କରି ।
ରାଜାଙ୍କର ସାଥେ ଥିଲା ପାରିଜାତ ହାର,
ତାହା ଦେଇଲେ ରମ୍ଭା-ଅଙ୍କେ ପ୍ରୀତି-ଉପହାର ।
ମେନକା-ଅଭରଣ ଛିର ଦେଖାଗଲା ତହିଁ
ଇନ୍ଦ୍ର କହୁଥିଲେ ଓ ଆଉ ଚାଣକ୍ୟତ ନାହିଁ;
ବାହୁଣିଲା ତୋଷିତ ଏବେ ମେନକା ହୃଦୟ
ବନ୍ଧାଇ ଗର୍ବ ନ ଧରଇ ଉର୍ବଶୀ ।

Digitized by srujan ka@gmail.com

ସଙ୍କୋଧେ ମେନକା ସ୍ପର୍ଶି ରମ୍ଭାର ବଦନ,
ବୋଇଲେ, 'ଏ ଦୁର୍ଗପୁରେ ନାହିଁ ତୋର ସ୍ଥାନ ।
ସୁନ୍ଦରୀ ବୋଲି ତୁ ଯାହା କଲୁଣି ଗରବ
ମୋ ଶାପରେ କର୍ଣ୍ଣାଟରେ ଯାଇ ଜନ୍ମ ଲଭ ।'
ଜାଣି ପରିହାସ ବାଣୀ କହିଲି ମୁଁ, "ସହି,
ରମ୍ଭା ମେନକାଙ୍କୁ ଛଳ-ଶାପ ଦେଲେ ତହିଁ,—
'ମୁଁ ଯେବେ କର୍ଣ୍ଣାଟେ ଭୁଞ୍ଜ ଜନମ ଉଚ୍ଛୁଲେ !'
ଏମନ୍ତେ ସେ ଦୁହେଁ ଶାପ ବିନିମୟ କଲେ ।"
ମୋ କଥା ଶୁଣି ବୋଇଲେ ହସି ଚନ୍ଦ୍ରମୁଖୀ,
"ଏକା ରତିକେ ରସିକା ହୋଇଲ କି ସଖି ?"
ବୁଝିଗଲି ସଙ୍କେତ ସେ ଆଶ୍ଳେଷ ଭାଷାର ;
ଉତ୍ତର ଦେବାକୁ ଆଉ ନ କଲି ବିସ୍ତର ।
ଦୁର୍ଗ ମଧ୍ୟେ ଥିଲା ବହୁ ଗୁପ୍ତ-ଗୃହ ଶ୍ରେଣୀ;
ଦିନେ ମୁହିଁ ଭ୍ରମୁଥିଲି ତହିଁ ଏକାକିନୀ ।
ଶୁଣିଲି ରହସ୍ୟାଗାରେ* ମନୁଷ୍ୟ କଣ୍ଠରେ
ସମ୍ଭାଷଣ କରନ୍ତି କେ' ଅତି ମୃଦୁସ୍ୱରେ ।
ଧୀରେ-ଅତିଧୀରେ ସେହି ବାତାୟନେ ଥରେ
ଝାଙ୍କିଲି ପ୍ରଦୋଷର ଈଷତ ଧୂସ୍ରାରେ;
ବୁଝିଲି ରାଉତରାୟ ବୃଦ୍ଧ ସେନାପତି †
କରନ୍ତି ମନ୍ତ୍ରଣା ଯେଣୁ ମୋ ପରାଣ ପତି ।
ଦୁର୍ବଳ ଅବଳା-ପ୍ରାଣ, ଶୁଣିଲି ଭୀଷଣ ;
ରାଉତରାୟ କହନ୍ତି, "କଥାଟା କି ଜାଣ ?

---

* ରହସ୍ୟାଗାର—ମନ୍ତ୍ରଣାକକ୍ଷ

† ବୃଦ୍ଧ ରାଉତରାୟ କପିଳେନ୍ଦ୍ର ଦେବଙ୍କର ଜଣେ ଅନ୍ତର-ପୂଜ୍ୟ । ଦାକ୍ଷିଣାତ୍ୟରେ ସେ ଜଣେ ଅତି ମାନ୍ୟ ବ୍ୟକ୍ତି ଥିଲେ ।

Digitized by srujan ka@gmail.com

ଭୂଲୁକ୍-ବଂଶରେ ଯେବେ ତାଙ୍କର ଜନମ
ଗଜପତି ଅନ୍ତଃପୁରେ ନ ମିଳିବ ସ୍ଥାନ ।'
ଭୀତି ଆସିମିଳି ଚିତ୍ତ ସେ ବଚନ ଶୁଣି
କି ଦେବେ ଉତ୍ତର ପୁଣି ମୋ ଜୀବନ-ମଣି ?
ମନେ ମନେ ମଣାଇଲି ଶଂକର-ପାର୍ବତୀ,
ହୁଅନ୍ତୁ ମୋ ଅନୁକୂଳ-ଗିର ଗଜପତି !
ସେ ଆକୁଳ ମିନତି କି ଶୁଣିଲେ ଦେବତା ?
ପ୍ରିୟତମଙ୍କ ମୁଖରୁ ଶୁଭିଲା ଏ କଥା,
"କଉଳିକ କଟକଣା ଅମୂଳକ ସିନା;
କ୍ଷତ୍ରିୟର ଗ୍ରାହ୍ୟ ଅଟେ ଦୁଷ୍କୁଳ-ସୁକନ୍ୟା ।"
ପ୍ରତିବାଦ କରି ବୃଦ୍ଧ କହିଲେ, "ଅଥବା,
ଅଜ୍ଞାତ-କୁଳଶୀଳଙ୍କୁ ଦୁର୍ଗେ ସ୍ଥାନ ଦେବା
ଅସଙ୍ଗତ ସାମରିକ ବିଧି ଅନୁଯାୟୀ ;
ଅନୁକୂଳ ନୁହେ କାଳ ବିବାହର ପାଇଁ ।"
କୁମାରି କହିଲେ, "ସତ୍ୟ ଆପଣଙ୍କ କଥା ;
କିନ୍ତୁ ଏ କର୍ଣ୍ଣାଟରାଜ-ସମ୍ମତ ବ୍ୟବସ୍ଥା ।
କେମନ୍ତେ କରିବୁ ଆମ୍ଭେ ସତ୍ୟ ପ୍ରତ୍ୟାହାର ?
ଉତ୍ତମ କର୍ଣ୍ଣାଟ କେମା ସ୍ୱଭାବ-ଆଚାର !
ଆପଣ ଜାଣନ୍ତୁ ସ୍ଥିର, ଦାକ୍ଷିଣାତ୍ୟେ ପୁଣି
ଦୁର୍ଲଭ ଏମନ୍ତ ଉଚ୍ଚ-ଲକ୍ଷଣା-ରମଣୀ !"
ଫୁଲି ଉଠିଲା ମୋ ବୁକୁ ଶୁଣି ସେ ବଚନ ;
କି ଉଦାର ଅଟେ ସତେ ପ୍ରିୟତମ-ମନ !!
ଅଲକ୍ଷିତେ ପ୍ରଣିପାତ କରି ଚରଣରେ,
ବାହୁଡ଼ ଆସିଲି ତହୁଁ ଚନ୍ଦ୍ରଶାଳା ପୁରେ;

Digitized by srujan ka@gmail.com

କଟିଲା ଆନନ୍ଦ-ଦିନ ମଧୁ-ସରଗରେ ;
ଭାସିଲା ଜୀବନ-ତରୀ ପ୍ରେମ-ତରଙ୍ଗରେ;
ବୀଣାଟିଏ ମୋ କୋଳରେ ଥୋଇ ସୁକୁମାରୀ
କହନ୍ତି ଜଗନ୍ମୋହିନୀ, "ଗାଅଗୋ ସୁନ୍ଦର !"

ପ୍ରଶାନ୍ତ ମଧୁର ସନ୍ଧ୍ୟେ ବଲ୍ଲକୀର ତାରେ
ଇନ୍ଦ୍ରଜାଲ ରଚଇ ମୁଁ ସୁସ୍ୱର-ଝଙ୍କାରେ ।
ସେ ତାନ ମୂର୍ଚ୍ଛନା ଭରି ଉଠଇ ପ୍ରାସାଦ;
ଯୌବନ ଜାଣଇ ପିନା ସଙ୍ଗୀତ-ଆସ୍ୱାଦ ।

କର୍ଣ୍ଣାଟୀ-ବିଦ୍ୟାରେ ହୋଇଥିବାରୁ ପ୍ରବୀଣା
ଉତ୍କଳ-ଜେମାଙ୍କୁ ଦିନେ ଶିଖାଇଲି ବୀଣା;
ଚତୁରୀ ସେ ବୁଦ୍ଧିମତୀ ଶିଖିଲେ ତୁରିତେ ;
ମଧୁର ଉତ୍କଳ-ଛନ୍ଦ ଗାଇଲେ ସଙ୍ଗୀତେ ।

ଆହା ! ସେହି ସୁଧାମୟ ସୁସ୍ୱର-ଲହରୀ
ଲୁବ୍ଧକର ପରି ମନ-ପ୍ରାଣ ନିଏ ହରି:—

ପୂର୍ବେ-ଅତି ପୂର୍ବେ ଦିନେ ହିମାଳୟ ଚୂଳେ
ବସିଥିଲେ ତପେ ଶିବ ଜାହ୍ନବୀର କୂଳେ ଗୋ

ହିମାଳୟ-ଜେମା
ଶିବ-ରୂପେ ବିମୋହିତା ହୋଇଥିଲେ ଉମା ଗୋ ।୧।

ବହୁତ ମିନତି ସ୍ତୁତି କରନ୍ତି ପାର୍ବତୀ
'ହେ ଚନ୍ଦ୍ରମ-ଜ୍ୟୋତିର୍ମୟ ! ହୁଅ ମୋର ପତି' ସେ

ମହା ଯୋଗୀଙ୍କର
ନୟନ ଖୋଲଇ ନାହିଁ; ଜଗତ ଅସ୍ଥିର ସେ ।୨।

Digitized by srujan ka@gmail.com

ସୁରପୁରେ ପୁରନ୍ଦର ଶୁଣିଲେ ଏ' କଥା;
ଆଶ୍ରୟ କଲେ ସେ ଶେଷେ କନ୍ଦର୍ପ ଦେବତା ଯେ
'ଆହେ ରତିପତି !
ହରଙ୍କ ଯୋଗକୁ ହରିବାକୁ କର ମତି ଯେ' ।୩।
ବୀର ବେଶରେ ସାଜିଲେ ରତି ମଦନଙ୍କୁ
କୁସୁମ-ଧନୁରେ ଯୋଖି କୁସୁମ-ଶରକୁ ଗୋ
କୁସୁମର ରଥେ
ବାହାରିଲେ ରତି ପୁଷ୍ପଗୃହଙ୍କ ସଙ୍ଗତେ ଗୋ ।୪।
ବସନ୍ତ-ସମୀର, ପିକ-ଗୀତ, ଭୃଙ୍ଗ-ଧ୍ୱନି,
ଏମନ୍ତେ ଚାଲିଲେ ସଙ୍ଗେ କନ୍ଦର୍ପ ସଇନ ଗୋ
ସେହୁ ହିମାଚଳେ
ନିର୍ବିକାର ଯୋଗୀ ଯହିଁ ଆସୀନ ଥିଲେ ଗୋ ।୫।
ଉଠିଲେ ସଙ୍ଗୀତ ରତି ମୋହନ କଣ୍ଠରେ;
ଆନ୍ଦୋଳିତ ହିମାଳୟ କନ୍ଦର୍ପ ନୃତ୍ୟରେ ଗୋ
କମ୍ପେ ତ୍ରିପୁର ।
ଯୁବକ-ଯୁବତୀ ମନ ମଦନ-ଆତୁର ଗୋ ।୬।
ନିଶ୍ଚଳ ସେ ନିର୍ବିକାର ନବୀନ-ତପସ୍ୱୀ
ତେଜ ଅତି ପାଖେ ରତି ନ ଯାନ୍ତି ଭରସି ଗୋ
କ୍ରୋଧେ ସେ ମଦନ
ପଞ୍ଚ-ପୁଷ୍ପଶର ଦୃଢ଼େ କଲା ଆମନ୍ତ୍ରଣ ଗୋ ।୭।
ନୟନ ଫିଟିଲା ହର ଚାହିଁଲେ ରୋଷରେ;
ବରଷିଲା ବହ୍ନି ତାଙ୍କ ତୃତୀୟ-ନେତ୍ରରେ ଗୋ
ଜଳନ୍ତି ମଦନ
ରତି ବୋଲନ୍ତି 'ହେ ପ୍ରଭୁ ! ଶରଣ-ଶରଣ ହେ' । ।

Digitized by srujan ka@gmail.com

ଚଳିଥିଲା ପ୍ରେମ-ସ୍ରୋତେ ଜୀବନ-ବୋଇତ;
ବହୁଥିଲା ପ୍ରାଣେ ସୁଖ-ମଳୟ-ବସନ୍ତ;
ଜ୍ୟୋତି ପରେ ଅନ୍ଧକାର, ଦିବା-ରାତ୍ରି ପର
ନର-ଭାଗ୍ୟ ଚକ୍ରେ ସୁଖ-ଦୁଃଖ ଯାଏ ଘୂରି;
ଆଗତ-ତିମିରେ ଗୁପ୍ତ ଅଦୃଷ୍ଟର କଥା,
କିମ୍ପା ଏ ଜଗତେ ସତେ ହେଲା ଏଁ ବ୍ୟବସ୍ଥା ?
ମନୁଷ୍ୟ ବୁଝନ୍ତା ଯେବେ ଭବିଷ୍ୟତ-ଭାଷା,
ଆଉ କି ରହନ୍ତା ପ୍ରାଣେ ନିର୍ମମ-ନିରାଶା ?
ଭାଗ୍ୟର-କନ୍ଦୁକ କ୍ରୀଡ଼ା କରେ ନିରନ୍ତରେ
ତମିସ୍ର ଆବୃତ-ନିତ୍ୟ-ନିୟତି ହସ୍ତରେ ।
ସୁଦିନ-ସଉଧେ ବାସ କରଇ ଦୁର୍ଦ୍ଦିନ;
ହାୟ-ହାୟ ! ବିଧାତା କି ନିର୍ଦ୍ଦୟ-କଠିନ !
ଅସ୍ତମିତ ହେଲା ମୋର ସୁଖ-ରବି ଦିନେ,
କହିବି ସେ କଥା ଶୁଣ ସଖି ଏଥି କ୍ଷଣେ ।
ପୁଷ୍କରିଣୀ ତଟେ ବସି ଦିନେ ଏକାନ୍ତରେ
ସୁମନର ମାଳା ରଚୁଥିଲି ସୁମନରେ ।
ପ୍ରଦୋଷ-ବିତାନେ ଉଡ଼ି ଆସେ ପାରାବତ;
ମୋ ଆଖି ରହିଲା ଲାଗି ତହିଁରେ ନିୟତ ।
କର୍ଣ୍ଣାଟେ ହଟକେ * ଥିଲା କପୋତ ଯେ ମୋର,
ଶ୍ରଦ୍ଧା ଯେଣୁ ଦେଖିବାକୁ ବିହଙ୍ଗ-ବିହାର ।
ଚକ୍ରାକାରେ ଘୂରି ଘୂରି ଉଡ଼ି ଲେଉଟି ଲେଉଟି
ଆକାଶୁଁ ଖସିଲା ନିକଟକୁ ପକ୍ଷୀ ଗୋଟି ।

* ହଟକେ—ପାରସ୍କନ୍ଧ

Digitized by srujan ka@gmail.com

ଚହ୍ନିଗଲା ଦେଖି ସେହୁ ମୋର ପୋଷା ପ୍ରାଣୀ,
କେମନ୍ତ ଆଗତ ଏଥେ ନ ପାରିଲି ଜାଣି ।
ପତ୍ରଟିଏ ବନ୍ଧା ହୋଇଥିଲା ପଦେ ତାର,
ଦେଖି ମୁହିଁ ମନେ ମନେ କଲି ଏ' ବିଚାର,
ନିଶ୍ଚୟେ ପ୍ରେରିତ ପକ୍ଷୀ ସମ୍ବାଦ-ବାହକ;
କେଜାଣି କାହିଁକି ବୁକୁ ହେଲା ଧକ ଧକ ।
ଫିଟାଇ ପଢ଼ିଲି ଯେବେ ଚଠାଉଟି ଥରେ
ଅଥୟୁ ନୟନ-ନୀର ଅନିବାରେ ଝରେ:—
'ଶ୍ୱେତ-ତପସ୍ୱିତ-ସୁର-ବୟୂଙ୍କ ନିଦେଶ,
ଶ୍ରବଣ-ଅଟ ଦେଶର ପ୍ରତାପୀ ନରେଶ ।
ଚିତ୍ତ-ଆନନ୍ଦଦାୟିନୀ ପ୍ରଢ ଗୁପ୍ତ କଥା,
ସୁମର ଯା' କଲେ ଦେବଯାମୀ-ମହାଶ୍ୱେତା;
ତାମ୍ବୂଳାର ବକ୍ଷେ ଆଜ ଉପନରେ ବସି
ଯିବେ ବୁଦ୍ଧି-ଦାତା; ଥିବ ତୁମ୍ଭେ ତହିଁ ନଶି-
କାଳେ; କହିବେ କେମନ୍ତ ଶଶି-ଧରାଧର
କରିଭର୍ତ୍ତା କବଳିତ ହୋଇବେ ଏଥର ।'
ପଢ଼ିଲି ଥରକୁଥର ଅତି ଯତନରେ;
ବୁଝିଲି ଲିଖିତ ଶବ୍ଦ-ସଙ୍କେତ-ସ୍ୱଢରେ;
ସାହିତ୍ୟାଳଙ୍କାରେ ଥିଲା ମୋର ପ୍ରବୀଣତା;
ଏମନ୍ତ ଅର୍ଥ ମୁଁ କରି ହୋଇଲି ବିସ୍ମିତା:—
'କୃଷ୍ଣଦେବ ରାୟଙ୍କର ଅଟଇ ନିଦେଶ,
କର୍ଣ୍ଣାଟ ଦେଶର ଯେହୁ ପ୍ରତାପୀ ନରେଶ ।
ମନୋରମା ଜେମା ପ୍ରତି ଏହୁ ଗୁପ୍ତ କଥା,
ପିତୃଭକ୍ତି-ଉପାଖ୍ୟାନ ସୁମର ଦୁହିତା;

Digitized by srujan ka@gmail.com

ପାନ୍ଥାର ବକ୍ଷରେ ଆଜ ଚରଣିରେ ବସି
ଯିବେ ବୃଦ୍ଧ ମନ୍ତ୍ରୀ; ତୁମ୍ଭେ ଥିବ ତହିଁ [illegible]ଣି-
କାଳେ; କହିବେ କେମନ୍ତ ଚନ୍ଦ୍ରଗିରି ପୁର
ଗଜପତି କବଳିତ ହୋଇବେ ଏଥର ।'
[illegible]ବଳ ମନରେ ତେବେ ସନ୍ଧିର ବ୍ୟବସ୍ଥା,
ବୀରଭଦ୍ରଙ୍କର ମୋର ପରିଣୟ କଥା,
ଛଳନା ପୂରିତ-କୂଟ-ରାଜନୀତି-ବ୍ରତ,
ମାୟା-ମରୀଚିକା ମାତ୍ର ଇନ୍ଦ୍ରଜାଲ ବତ ?
ନୟନରୁ ଝର-ଝର ଝରିଲା ଲୋତକ;
କେଉଁ ଜନ୍ମେ କରିଥିଲି କି ମହାପାତକ ?
ସମ୍ରାଟ-କୁମାରୀ ହୋଇ ମୋପରି ଦୁଃଖିନୀ
ନାରୀ-ସମାଜେ ଖୋଜିଲେ ନଥିବ ଅବନୀ ।
କି କରିବି ଏବେ ? ବୁଦ୍ଧି ହୋଇଲାଣି ବଣା;
କେମନ୍ତେ ବୁଝିବି କିଏ ପର, କେ' ଆପଣା ?
ଚନ୍ଦ୍ରଗିରି-ଅଧୀଶ୍ୱର ମୋର ପ୍ରାଣେଶ୍ୱର;
କର୍ଣ୍ଣାଟ-ସମ୍ରାଟ ପୁଣି ଅଟନ୍ତି ପିଅର ।
କେମନ୍ତେ କା' ବିପତ୍ତିର ଭିତ୍ତି ହେବାପାଇଁ
ଆସିଲି ମୁଁ ଅଭାଗିନୀ ଏଥି ପାପ-ମହୀ ?
ଦିଗନ୍ତର ଶୀର୍ଣ୍ଣ-ଶଶୀ ହସଇ ଆକାଶେ;
ଉଡ଼ିଯାନ୍ତି ପକ୍ଷୀକୁଳ ଯେ' ଯାହା ଆବାସେ ;
ମନରେ ଚିନ୍ତିଲି, ଏଥି ଛଳନା-ଶୃଙ୍ଖଳ
ଛିନ୍ନରପ ବିନା ଆନ ନ ପାରଇ କରି ।
ସେହିଟି ଅଟଇ କୂଟ-କପଟ-ନିଷ୍ଠୁର
ବିଶ୍ୱାସଘାତକ-ନାଟକର ସୂତ୍ରଧାର ।

Digitized by srujan ka@gmail.com

ବହିବ ପ୍ରବଳ ରଣ-ବାତ୍ୟା ଏ ଭୂମିରେ;
ଉତ୍କଳ-କର୍ଣ୍ଣାଟ-ଦ୍ୱନ୍ଦ ହେବ ନିକଟରେ ।
କୁମାର କୁମାରୀଙ୍କର ସାଧିବାକୁ ଶ୍ରେୟ
କେମନ୍ତେ ପାରିବି ? ହାୟ, ଚିତ୍ତ ଯେ ଅଥୟ !
ଈଶ୍ୱରସ ! ପାତିଅଛୁ ମାୟା-ଜାଲ ତୁହି;
ଛିନ୍ନ କରିଦେବ ନିଶ୍ଚେ, ସତ୍ୟକଲି ମୁହିଁ ।
କିନ୍ତୁ, କେମନ୍ତେ ଭେଦିବି ସେ ବ୍ୟୂହଭୂମି ତାର ?
ସ୍ଥିର କଲି, ନିଶୀଥରେ ଯିବି ନର୍ମ-ଗାର ।
ଏମନ୍ତ ସଂକଳ୍ପ କପାଁ କଲି ମୁଁ ସେକାଳେ ?
ସ୍ୱର୍ଗେ ଥିଲି ଜ୍ୱଳିବାକୁ ଅନୁତାପାନଳେ ।
ସେ ଦିନର ସେହି କଥା ମନେ ହେଲେ ସହି,
ସନ୍ତାପ-ଅନଳେ ଏହି ପ୍ରାଣ ହୁଏ ଦହି ।"
ନିଥର-ନୟନୁ ନୀର ମୁହିଁ ମନୋରମା
ନୀରବେ ବସିଲେ କ୍ଷଣେ ଶୋକାକୁଳ ବାମା ।
ପୁଣି ଆରମ୍ଭିଲେ ଧୀରେ ଅଶ୍ରୁଭରା ସ୍ୱରେ ,
"ଶୁଣ ଗୋ ସଙ୍ଗିନି ଯାହା ହେଲା ତାହା ପରେ,-
ଉପବନୁ ଫେରିଗଲି ଯେବେ ଅନ୍ତଃପୁର
ବହି ଅବସନ୍ନ-ବପୁ ଆକୁଳ-ଅନ୍ତର,
ଉତ୍କଳ-କୁମାରୀ ସ୍ନେହେ ପଚାରିଲେ ତହିଁ,
"ଏମନ୍ତ ବିରସ କିସ ଦିଶ ପ୍ରାଣସହି ?"
ଭୁଲାଇ କହିଲି ତାଙ୍କୁ, "ଅସୁଖ ଶରୀର;
କପାଳେ ବେଦନା ହୁଏ କେବେ କେବେ ମୋର !"
ମିଛାଇ କହିବି ସତ୍ୟ, ନ ହେଲି ଆଶ୍ରୟ ;
କେଜାଣି କପାଁଇ ପ୍ରାଣ ହୋଇଲା ଅଥୟ ।

Digitized by srujan ka@gmail.com

ପଦ୍ମତଳ ତଳ୍ପୁଁ ଯାଇ ଶୟନ-ମନ୍ଦିରେ
ଶୋଭା-ସମ୍ପଦ-ପୁଞ୍ଜିତ-ରତ୍ନ-ପଲଙ୍କରେ ।
ପ୍ରାଣର ଦେବତା ମୋର ପୁଚ୍ଛିଲେ ସଧୀରେ,
"ବ୍ୟଥିତ ହୋଇଛ ସଖି ମନେ ନା ଶରୀରେ ?"
କମ୍ପିତ-କମ୍ପିତ ସ୍ୱର ନପାରିଲି କହି,
କିଏ ଯେତେ କଣ୍ଠଦେଶ ରୁଦ୍ଧ କଲା ସହି ।
ହୃଦୟ-ଦୁଆର ଖୋଲି ନପାରିଲି ତହିଁ ;
ଆଜ ମହା ଦୁଃଖିନୀ ମୁଁ ଯିନା ସେଥି ପାଇଁ ।
ଗମ୍ଭୀର ନଶୀଥେ ଦୁର୍ଗ ନୀରବ-ନିସ୍ତଳ ;
ଶୁଭଇ ଝିଲ୍ଲୀର ସ୍ୱନ କରୁଣ-ବିକଳ ;
ମେଚକ-*ଗଗନେ କେବେ ରାବଇ ପେଚକ ;
ପୁଷ୍କରଣୀ କୂଳେ ଭେକ କୁଳ ଭକ ଭକ ;
ଭାସିଆସେ ପ୍ରାବୃଟର କୃଷ୍ଣକାଦମ୍ବିନୀ ;
ଆକାଶେ କି ଅସଂଖ୍ୟ ସେ ଅସୁର-ବାହିନୀ ;
ଉଜ୍ଜ୍ୱଳ ତାଙ୍କର ହସ୍ତ-ଅସ୍ତ୍ର-ଜ୍ୟୋତିଃ ବହ୍ନି
ଜ୍ୟୋତିରିଙ୍ଗଣଗଣ କି ଉଡ଼ିଯାନ୍ତି ତହିଁ ?
ଡମ୍ବରୁ ବାଜଇ ଘୁମୁ-ଘୁମୁ ଘନ-ମେଘେ ;
ଚକିତେ ଚମକ ଉଠେ ଚପଳା ସବେଗେ ;
ପାଶରେ ଶାୟିତ ଥିଲେ ପ୍ରାଣ-ପ୍ରିୟତମ ;
ଦୁଃସାହସ କର୍ମେ ଶକ୍ତ ଅଥୟ ମୋ ମନ ;
କୁଟିଳ ସେ ଭ୍ରମରୂପ ଜାଲକୁ ଛିଣ୍ଡାଇ
କେମନ୍ତେ ପ୍ରିୟଙ୍କୁ ସତେ କରିବି ବିଜୟୀ ?
ମୋ ଜୀବନ ଦେଇ ତାଙ୍କ ରଖିବି ଜୀବନ,
ମନେ-ମନେ ଦୃଢ଼କଲି ଦୁର୍ଗମ ଏ ପଣ ।

* ମେଚକ — ଅନ୍ଧକାର

Digitized by srujan ka@gmail.com

ଗରଜ ଉଠିଲା ମେଘ, ବରଷିଲା ପାଣି;
ହୃଦୟେ ଉଚ୍ଛୁଳି ଉଠେ ଉନ୍ମାଦ-ଉଜାଣି ।
ଅବଳା ବୋଲି କି ସତେ ହୋଇବ ଦୁର୍ବଳ ?
ତରଳ ହେଲେହେଁ ଶକ୍ତ ନବହେ କି ଜଳ ?
ଯେଉଁ ସମୀରଣ ସ୍ୱଚ୍ଛ-ସୁରଭିତ ସତେ
ବାତ୍ୟାରେ ସେ କରେ କି ପ୍ରଳୟ ଜଗତେ ?
କ୍ଷତ୍ରିୟ କୁଳରେ ମୁଁ ତ ଲଭିଛି ଜନମ !
କୈକେୟୀ-ସାହସ *ସ୍ମରି ଦୃଢ଼ କଲି ମନ ।
ଧୀରେ-ଧୀରେ ବସିଲି ମୁଁ ପଲଙ୍କ ଉପରେ ;
ଗରଜୁଥିଲା ରଜନୀ ଝିଲ୍ଲୀର ମୁଖରେ;
ରାତ୍ରିଚର ପକ୍ଷୀଟିଏ 'ଉହୁଁ-ଉହୁଁ' ରବେ
ବାରଣ କଲା କି ମୋର ଉଦ୍ୟମକୁ ତେବେ ?
ନିଷ୍ଠୁର ରଜନୀ ! ବହେ ଶୀତଳ-ପବନ !
ଭୟରେ କମ୍ପିଲା ମୋର ସାରା ଅପଘନ ;
ପାଦୁଟେ ଆଗକୁ ଗଲେ, ପାଦୁଟେ ପଛକୁ ,
ସ୍ଥିରକରି ନ ପାରିଲି ଅସ୍ଥିର ମନକୁ !
ନିର୍ଘୋଷ-ନିଦରେ ଶୋଇଥିଲେ ପ୍ରାଣପତି;
ଭେଦିଲି ଦୁର୍ଗର ବ୍ୟୂହ, କମ୍ପୁଥିଲା ଛାତି ;
ଧୀରେ, ଅତି ଧୀରେ ବାହାରିଲି ବାହାରକୁ ;
ଭୀଷଣ ତମିର ଗ୍ରାସି ରହିଛି ଧରାକୁ ;
ଜଳ-ସ୍ଥଳ-ଆକାଶଟି ଦେଇଛି ମିଶାଇ ;
ଉଦାର ହୃଦୟେ ଯଥା ଉଚ୍ଚ-ନୀଚ ନାହିଁ ।

---

* ସ୍ୱୀୟ ପତିଙ୍କ ସଙ୍ଗେ ରଥାରୂଢ଼ା କୈକେୟୀ ଯୁଦ୍ଧକ୍ଷେତ୍ରରେ ଅପୂର୍ବ ସାହସ ପ୍ରଦର୍ଶନ କରିଥିଲେ ।

Digitized by srujan ka@gmail.com

ମୃତ୍ୟୁ-ଦେବତାଙ୍କ ସମଦର୍ଶିତାର ପରି
ମହାମାନ୍ତ ଅନୁସୃତା ତାମସୀ ଶର୍ବରୀ ?
ଅୟି ! ଅନ୍ଧକାର ନନ୍ଦି ! ଠାବ ଦିଅ ମୋତେ
ତୁମରି କୋଳରେ ଏହି ଭୟଙ୍କର ପଥେ ।
ଉପବନ ଭେଦି ବନ୍ୟ-ଦୁର୍ଗମ ସରଣି,
ଚାଲିଛି ମୁଁ ଉନ୍ମାଦିନୀ ପରି ଏକାକିନୀ ।
ପ୍ରାବୃଟ-ସିକ୍ତ ସେ ପଥ ପିଚ୍ଛିଳ-ବନ୍ଧୁର ;
ଉଚ୍ଚ-ନୀଚ ଭୂମି କିଛି ନାହିଁ ମୋ ବିଚାର ।
ଘୋର ଅନ୍ଧକାର-ବୁକୁ ଚିରି ଥରେ-ଥରେ
ଚପଳା ଚମକି ଉଠେ ବାଦଲ-ବକ୍ଷରେ ।
ଅଳୀକ ଆଲୋକେ ଲାଗେ ଚମକ ନୟନେ,
ବିବେକ-ଆଘାତ ଯଥା ନାରକୀ-ଜୀବନେ ।
କିଅବା ରଜନୀ-ରାଣୀ କୃଷ୍ଣ-କୁନ୍ତଳରେ
କିଆ-ଗଭାକୁ ଗୁଞ୍ଜଇ ଘନ ଘନ-କରେ ?
ଅଥବା ଭୀଷଣ ପାପ-ଦୁର୍ମତି-କୁଣ୍ଡରେ
ପୁଣ୍ୟ-ଜ୍ୟୋତିଃ-ଦୃପ୍ତ କିଏ ଦିଏ ଆହୁତିରେ ?
ପୁରତେ ଦିଶଇ ଦୁର୍ଗ-ପ୍ରାଚୀର ନୟନେ ;
ଘେରି ରହିଛି ସେ ବୃକ୍ଷ-ଚାହାଡ଼ ସମାନେ ।
ପଛରେ କାହାର ପଦ-ଶବଦ ଶୁଣି କି
ଥମକି ଗଲା ଚରଣ ? ଚାହିଁଲି ଚମକି ;
ପ୍ରହେଳିକା ! କିଏ କାହିଁ ନାହିଁ ତ ସେଠାରେ !
ଶୃଗାଳ ଗୋଟିଏ ମାତ୍ର ଚାଲିଯାଏ ଦୂରେ ।
ଭାବିଲି, ମୋ ମନ ଏକା ଡରାଉଛି ମୋତେ,
ଆରବରେ ନିଜ ଛାୟା ଅଶ୍ୱକୁ ଯେମନ୍ତେ* ।

---

* ପ୍ରବାଦ ଅଛି ଯେ, ଆରବ ଦେଶର ତେଜସ୍ୱୀ ଅଶ୍ୱ ସୂର୍ଯ୍ୟକିରଣରେ ନିଜ ଛାୟା ଦେଖି ଚମକି ଦଉଡ଼ନ୍ତି ।

Digitized by srujan ka@gmail.com

ନଥିଲେ କଏ ସେ ଦୁର୍ଗ-ରକ୍ଷକ ସେଠାରେ;
ଫିଟଇଲ ଗୁପ୍ତ ଦୁଆରଟି ଧୀରେ-ଧୀରେ ।
ଦେଖିଲ, ସୁଡ଼ଙ୍ଗ ଘନ-ଘୋର-ଅନ୍ଧକାର,
ଜଗତରେ ଯାହାରଟି ନାହିଁ ପଟାନ୍ତର !
ଅଜଗର ନିଶ୍ୱାସରେ ଆକର୍ଷିତ ପଶୁ ।
ପଶିଗଲି ତହିଁ ଏକା କିଛି ନ ବିଗୁର ।
ପାତାଳକୁ ଭେଦିଅଛି ସୋପାନର ମାଳା ।
ତିମିର-କୂପରେ ଝମ୍ପ ଦେଲି ମୁଁ ଅବଳା ।
ଦଣ୍ଡେ ଯାଏ ସନ୍ତରି ସେ ତମିସ୍ର-ବକ୍ଷରେ,
ଉଭା ହେଲି ସାନ୍ଦ୍ର-ସ୍ନିଗ୍ଧ-ପାନ୍ଥର-କୂଳରେ ;
ଦେଖିଲ, ନଦୀରେ ଦୂରେ ଧୀରେ ନଉକାରେ
କଏସେ ନାବିକ ଏକା ଆହୁଲିକୁ ମାରେ ।
ଡାକିଲି ଗମ୍ଭୀର ସ୍ୱରେ, "କଏ ହୋ ନାଉରି ?
ଆସ ଯେବେ ଆସିଅଛ ସମ୍ବାଦକୁ ଧରି ।"
ସାବଧାନେ ତରଣୀ ସେ କରି ଅଗ୍ରସର
ଛଦ୍ମବେଶୀ ପ୍ରବେଶିଲା ସମୀପରେ ମୋର ।
ଚହ୍ନିଲି ଦେଖି ସେ ଶୀର୍ଣ୍ଣ-ମୁରତ-ନାବିକ
ଚମ୍ପରସ କର୍ଣ୍ଣାଟର ସାନ୍ଧି-ବିଗ୍ରହିକ ।
ପଚାରିଲି, "କି ସମ୍ବାଦ କହ ମନ୍ତ୍ରୀବର ।"
ଦନ୍ତହୀନ-ମୁଖେ ହସି ଦେଲେ ସେ ଉତ୍ତର,
"ବନ୍ଧୁହୀନ ହେଲା ଏହି ଚନ୍ଦ୍ରଗିରି ତଳେ
ବୁଡ଼ିଲେ କର୍ଣ୍ଣାଟ-ସେନା ପାନ୍ଥାର ସଲିଳେ ।
ସ୍ମରଣ ନାହିଁକି ଜେମା ସେ ଦିନର କଥା,
ଅବନତ ହେଲା ଯେବେ କର୍ଣ୍ଣାଟର ମଥା ?

ତୁମ୍ଭ ପିତାଙ୍କ ଉନ୍ନତ-ଗୌରବ, ସୁଖ୍ୟାତି
ହରିଲେ ସେ ଦିନ ଏହି ଦୁର୍ଗେ ଗଜପତି ।
ରାଜନୀତି ପ୍ରେମନୀତି ନୁହେ ଜେମାଦେଇ,
ଉତ୍କଳ-କର୍ଣ୍ଣାଟ-ପ୍ରୀତି ସମ୍ଭବ ନୁହଇ ।
କର୍ଣ୍ଣାଟ-ଜେମାଙ୍କ ପରିଣୟ ପ୍ରସ୍ତାବନା,
ଗଜପତିଙ୍କର ସଙ୍ଗେ ଆମ୍ଭର ଛଳନା !
ସ୍ରୋତସ୍ୱିନୀ ପରପାରେ ବିରାଟ ବାହିନୀ
ସଜ୍ଜିତ ରହିଛନ୍ତି ଜେମା ଆଜି ଏ ରଜନୀ;
ଦୁର୍ଗର ସୁଡ଼ଙ୍ଗ-ଦ୍ୱାର ମୁକ୍ତ କରିବାକୁ
ସମ୍ବାଦ ବାହକ-ପକ୍ଷୀ ଗଲା ତୁମ୍ଭଠାକୁ ।
ମୋହରି କଳ୍ପନା ହେଲା ଫଳବତୀ ଏକା
ତୁମ୍ଭଯୋଗୁଁ କର୍ଣ୍ଣାଟର ଉଡ଼ିବ ପତାକା ।”
ସ୍ତମ୍ଭିତ ପରାଣେ ଶିଳ୍ପ-ପୁତ୍ତଳିକା ପରି
ଚାହିଁଥିଲା ନୟନକୁ ଛଳ-ଛଳ କରି ।
ଏମନ୍ତ ଜୀବନ କେଗୋ ମାନବର ହେବେ,
ସ୍ୱାର୍ଥ ପାଇଁ କି ଦୟା ମାୟା ନାହିଁ ଲବେ ?
ଏହିକିଗୋ ରାଜନୀତି ? ରାଜତ୍ୱ ସଂସାରେ ?
ଧିକ-ଧିକ- ଜନ୍ମିଲି ଯା’ ନୃପତି-କୋଳରେ ।
କେତେ ଭାଗ୍ୟବାନ ସେହି ପାର୍ବତୀୟ-ପ୍ରାଣୀ ,
ସଭ୍ୟତା-ଶଠତା-ଗନ୍ଧ ଯେହୁ ନାହିଁ ଜାଣି ।
ମାନସରେ ସେତେବେଳେ ହେଲା ଏହି ବୁଦ୍ଧି,
ଶଠତା-ରୋଗର ଏକା ଶଠତା-ଔଷଧି ।
ବୋଇଲା ସଖୀରେ ମୁହିଁ ସରିବକୁ ଯୁହିଁ,
“ଯାଅ ତୁମ୍ଭେ ଏହିଠାରେ ରହି ଅଛୁ ମୁହିଁ ।

Digitized by srujan ka@gmail.com

କର୍ଣ୍ଣାଟର ସୈନ୍ୟଶ୍ରେଣୀ ସଙ୍ଗତରେ ଧରି
ଆସ ହେ ଚଞ୍ଚଳ ଏଥେ ବିଳମ୍ବ ନ କର ।
ତୃତୀୟ ପ୍ରହର ନିଶି ହୋଇଲାଣି ଆସି,
ବୃହସ୍ପତି ଯାଉଛନ୍ତି ପ୍ରତୀଚୀରେ ମିଶି ।
ଏ ନିଶୀଥେ ଚନ୍ଦ୍ରଗିରି ଦୁର୍ଗ ଅଭିଯାନ
କର୍ଣ୍ଣାଟ-ବାହିନୀ ଏବେ କରନ୍ତୁ ବହନ !"
ମୋ ବଚନ ଶୁଣି ବେଗେ ଫେରିଲେ ସଚିବ,
ନଦୀ-ବକ୍ଷ ଭେଦି ଚାଲିଗଲା ତାଙ୍କ ନାବ;
ମନେ ମୁଁ ଭାବିଲି, ଏବେ ଫେରିବି ଦୁର୍ଗକୁ;
ସଚେତ କରାଇ ଦେବି ମୋ ପ୍ରାଣ ପ୍ରିୟକୁ;
ହସିଲା ସେ କାଳେ ଆହା ! ଅଦୃଷ୍ଟ-ଅଙ୍ଗନା !
ମୋ ମନ କଳ୍ପନା ମାୟା-ମରୀଚିକା ହିନା
ହବିଲି, ବିପଦ ବରି ଆଣିଲି ମୁଁ ଏକା,
କେମନ୍ତେ ପାରିବି କରି ଏବେ ଦୁର୍ଗ ରକ୍ଷା ?
କାହିଁକି ମୂଳରୁ ସବୁ ନକଲି ପ୍ରକାଶ ?
ନାରୀ ହୋଇ କଲି କମ୍ପା ଅପାର ସାହସ ?
କେଉଁ ଗ୍ରହ-ବିପାକରୁ ହେଲା ମତିଚ୍ଛନ୍ନ
କରିବାକୁ ଚନ୍ଦ୍ରଗିରି ସୁଷମା-ଉଚ୍ଛନ୍ନ ?
ଅନ୍ତର ଦେଶରୁ ଆଶା କହେ ବଚନକୁ,
"ବେଳଟି ! ଯାଅ; ରକ୍ଷାକର ଏ ଦୁର୍ଗକୁ !"
ବିବେକର ଉପଦେଶେ ମୁଖକୁ ଫେରାଇ
ସୁଡ଼ଙ୍ଗ ପଥରେ ବେଗେ ଉଠିଲି ଧସାଇ ;
ଜଳଦ-ଗମ୍ଭୀର-କଣ୍ଠେ ଗହ୍ୱର-ଦୁଆରେ
କହିଲା କେ, "ସାବଧାନ ! ରହ ସେହିଠାରେ !!"

Digitized by srujan ka@gmail.com

ପଥିକ ବ୍ୟାଘ୍ରକୁ ଦେଖି ସମ୍ମୁଖେ ଯେସନ
ବୃକ୍ଷିଡାଳରେ ଅବଲମ୍ବେ ଆସନ୍ନ ମରଣ,
ତେମନ୍ତ ଅସ୍ଥିର ପ୍ରାଣେ ହୋଇଲି ସ୍ତମ୍ଭିତ
ଶୁଣି ସେ ଗମ୍ଭୀର ବାକ୍ୟ କ୍ରୋଧ-ବକମ୍ପିତ !
ଚାହିଁଲି, ସେହି ସେ ଦର୍ପ-ବଳିଷ୍ଠ-ମୂରତି
ମୋ ପ୍ରାଣ ପ୍ରତିମା ନକ୍ଷେ ବୀର-ଗଜପତି !
ଘୃଣା-ଭର୍ତ୍ସିତ କଣ୍ଠରେ ବୋଇଲେ ନିର୍ଦ୍ଦୟୀ,
"ଦେଖାଇଲ ଆଜ୍ଞା ସୂର୍ପଣଖା-ଅଭିନୟ !
ଅମୃତ-ଭାଣ୍ଡରେ ତୀବ୍ର-ହଳାହଳ ପରି
ସୁନ୍ଦର-ଶଙ୍ଖରେ ଖଳ-ହୃଦୟ ତୁମ୍ଭର !
ଶୁଣିଲଣି କୁମନ୍ତ୍ରଣା ତୁମ୍ଭର ମୁଁ ଏବେ;
କହଯାଇ କର୍ଣ୍ଣାଟର କୁଟିଳ-ସଚିବେ,
କାମିନୀ-କାଞ୍ଚନେ ପ୍ରତାରଣାଟି ତାଙ୍କର
ଭାରତର ଇତିହାସେ କଳଙ୍କ ମାତର !!"
ପରିଣୟ-ମୁଦ୍ରି କାଟି ଅଙ୍ଗୁଳିରୁ ପୋଇ
ଫେଟିଗଲେ ମୋ ଆଡ଼କୁ ତାହା ଫିଙ୍ଗିଦେଇ ।
ପଛରେ ଗୋଡ଼ାଇ ମୁହିଁ କହିଲି କାତରେ,
"କରିନାହିଁ ଅପରାଧ ପ୍ରଭୁ ଚରଣରେ !"
ଦୂରରୁ ସେ ରୁକ୍ଷ ହାସେ ବୋଇଲେ ବଚନ,
"ଈଶ୍ୱର କ୍ଷମନ୍ତୁ ତୁମ୍ଭ କଳଙ୍କିତ ପ୍ରାଣ !"
ତାହା ପରେ ଦୁର୍ଗ-ଦ୍ୱାର ହୋଇଲା ମୁଦ୍ରିତ
ରୁଦ୍ଧ କରି ମୋ ପ୍ରାଣରେ ପ୍ରେମର ସଙ୍ଗୀତ
ପ୍ରଳୟର ଅନ୍ଧକାର ଆଚ୍ଛାଦିଲା ଏକା
ଯଉବନ-ସ୍ୱର୍ଗ-ନାଟିକାର ଯବନିକା

Digitized by srujan ka@gmail.com

ସେକାଳେ ହୃଦୟ-ବ୍ୟଥା କି କହିବ ମହି ?
ବ୍ୟାଧ-ବାଣାହତ କ୍ଷୁଦ୍ର ପକ୍ଷୀ ପରି ମୁହିଁ
ସୁଢ଼ଙ୍ଗ-ସୋପାନୁ ପଡ଼ିଗଲି ଥର ଥର
ଆହା ! ଜ୍ଞାନହରା ମୁହିଁ ଅଭାଗିନୀ ନାରୀ !!!
ନଗଲି ଜୀବନ କିମ୍ପା ସେହି ମୁହୂର୍ତ୍ତିରେ ?
ଜାଣେ ନା ଆଉ କି ଦୁଃଖ ଅଛି ଏ ଭାଗ୍ୟରେ

Digitized by srujan ka@gmail.com

ଦ୍ୱିତୀୟ ସର୍ଗ

ଅମରାବତୀ* ସେ ମର୍ତ୍ତ୍ୟର
ସତେ ଅମରାବତୀ !
ଅମରେଶ୍ୱରଙ୍କ ମନ୍ଦିରେ
ଜ୍ୱଳେ ସହସ୍ର ବତ୍ତି ।
କର୍ଣ୍ଣାଟ-ସମ୍ରାଟ-ଉତ୍ସବ
ଆଜି ସେହି ତୀର୍ଥରେ;
ଚନ୍ଦ୍ରଗିରି-ଦୁର୍ଗ-ବିଜୟ-
ଧ୍ୱଜ ଉଡ଼େ ଯହିଁରେ ।
ଆଟୋପେ ସୈନ୍ୟ-ସାମନ୍ତ-
ଅସ୍ତ୍ର ସଜ୍ଜିତ କରି
ରାଜ-ସିଂହଦ୍ୱାର ସମ୍ମୁଖେ
ଉଭା ଶୋଭା ବିସ୍ତାରି ।
ସମାଗତ ଦାକ୍ଷିଣାତ୍ୟର
ରାଜପୁତ୍ର-ସାମନ୍ତ ;
ବିଜୟ-ବିଭୂତି ବର୍ଣ୍ଣନେ
କିଏ ହେବ ସମର୍ଥ ?
ପାଣ୍ଡ୍ୟ, ପରାନ୍ତକ, ମାଳବ,
କାଞ୍ଚି, କଳବର୍ଗରୁ
ଉପସ୍ଥିତ ରାଜ-କୁମାରେ
ବହୁ ଦୂର ଦେଶରୁ ।

---

* କୃଷ୍ଣା ନଦୀର ପୂର୍ବକୂଳ ଐତିହାସିକ ସ୍ଥାନ ଅମରାବତୀରେ ଅମରେଶ୍ୱର-ମନ୍ଦିର ପ୍ରତିଷ୍ଠିତ ।

Digitized by srujan ka@gmail.com

ଗନ୍ଧ-ଗନ୍ଧ ଜନ ଗହଳ;
ଉଡ଼େ ଚମ୍ବଳ ପଂକ୍ତି;
ଭାଟ-ବନ୍ଦୀଙ୍କର ମୁଖରୁ
ଶୁଭେ ରାଜ-ପ୍ରଶସ୍ତି ।
ଉଜ୍ଜ୍ୱଳ ଆଲୋକ ନିବହ
ଜ୍ୱଳେ ସଭା-ସଦନେ ;
ଆସୀନ ସଚିବ, ସଦସ୍ୟ,
ଅମାତ୍ୟଙ୍କ ଗହଣେ ।
ସମର-ମନ୍ତ୍ରଣା ପାଇଁକି
ଆଜି ଏ' ଆୟୋଜନ ;
କୃଷ୍ଣଦେବରାୟ ସଭାରେ
ଦେଉଛନ୍ତି ଭାଷଣ :—
"କେମନ୍ତେ ହୋଇବେ ଉତ୍କଳ-
ଗଜପତି ଆନତ,
ସାରା ଦାକ୍ଷିଣାତ୍ୟ ଯା' ହେତୁ
ବିକମ୍ପିତ-ବିବ୍ରତ ?
ଯେଉଁ ଗଜପତି ପ୍ରଭାବେ
କମ୍ପେ କାନ୍ୟକୁମାରୀ,
ମାଳବ, ଗୁର୍ଜ୍ଜର, କୋଙ୍କଣ,
ଦୂର ଅବନ୍ତୀ ପୁରୀ !
ବିଜାପୁରର ଯେ ନବାବ,
ଗୋଲକଣ୍ଡା ସରବେ
ଉତ୍କଳ ପ୍ରତାପେ ତା' ସଙ୍ଗେ
ଧନ୍ଧ କଲେଣି ଏବେ !

Digitized by srujan ka@gmail.com

ଧାଣ୍ଡି ଚେଷ୍ଟା-ସିନ୍ଧୁ କୂଳରେ
ଆଜ ଗାଉଛୁ ଘଣ୍ଟ,-
'ଉତ୍କଳର ବଳେ ଦଳିତ
ଗୋଟ, ଲଟ, କର୍ଣ୍ଣାଟ !'
ସମୁନ୍ନତ କାଞ୍ଚି ରାଜ୍ୟର
ଶିର ହେଲା ନମିତ ;
ସେଥି ଗଜପତି-ପ୍ରଭାବ
ଅଦ୍ୱିତୀୟ ନସ୍ତୁତ ।
କଲବର୍ଗ ଦୁର୍ଗେ ଉଡ଼ଇ
ଉଚ୍ଚେ ଉତ୍କଳ-ବାନା;
ମଦ୍ର ଦେଶ ଦଳି ଚାଲନ୍ତି
ଗର୍ବେ ଓଡ଼ିଆ-ସେନା !
ପାଣ୍ଡ୍ୟ, ଚେର, ଚୋଳ ନୃପତି
ମଥା ଆନତ କରି
ଗଜପତି-ପଦେ ଶରଣ ପଶି
ଗଲେଣି ସରି ।
ସିଂହଳ-ସାଗରେ ଖେଳଇ
ଶତ ଉତ୍କଳ-ପୋତ ;
ଓଡ଼ିଶା-ସାଧବ-ସମ୍ପଦ
ସିନା ଅପରିମିତ !
ଆର୍ଯ୍ୟ-ରକ୍ତଧାର ଛୁଟଇ
ତାଙ୍କ ଧାତୁ-ଧମନୀ;
ଦ୍ରାବିଡ଼ଙ୍କ ବଳ ଦଳିତ
ଦାକ୍ଷିଣାତ୍ୟ-ଅବନୀ ।

Digitized by srujan ka@gmail.com

ଏହ୍ସ ସେ ଅମଗ୍ସବଣ୍ଟି
ପୁଣ୍ୟ-ସ୍ମୃତି-ମନ୍ଦର,
ଯା' ନାମେ ଜାଗନ୍ତ ସ୍ମୃତିରେ
କେତେ ବରେଣ୍ୟ-ଙ୍କର !
କୁଳୋତ୍ତୁଙ୍ଗ-କୀର୍ତ୍ତି-କଳାପ
ଆନ୍ଧ୍ରଦେଶ-ମହତ୍ତ୍ୱ ;
ବିଚ୍ଛେଦନ ଶ୍ଲେକ ଯା' କୋଳେ
ହୋଇଥିଲେ ସମ୍ଭୂତ* !
ବେଙ୍ଗି ରାଜ୍ୟ କୀର୍ତ୍ତି-କଳାପ
ବହ୍ସ ଏହ୍ସ ଅବନୀ
ଘରଚେ ହୃଦୟରେ ଉତ୍ତୁଙ୍ଗ
ପୂତ ଆନ୍ଧ୍ର-କାହାଣୀ !
ଖ୍ୟମରାଜ, କେତରାଜଙ୍କ
ନାମ ହୁଏ ସ୍ମରଣ ,
ଯାହାଙ୍କ ବୀରତ୍ୱ-ବିଭବେ
ଭରିଥିଲା ଏ' ସ୍ଥାନ !
ତାଙ୍କର ସତେଜ-ଶୋଣିତ
ବହେ ଯାହା ଶରୀରେ ,
ଆସନ୍ତୁ ସେ ରାଜ-କୁମାରେ
କଣ୍ଡାବଡ୍ଡୁ-ସମରେ ।
କୃଷ୍ଣବେଣୀ-ବକ୍ଷେ ଅଗ୍ରତି-
ରକ୍ତ କରି ତର୍ପଣ

---

* ଖ୍ରୀଷ୍ଟୀୟ ୧୨ଶ ଶତାବ୍ଦୀରେ ଏମାନେ ଆନ୍ଧ୍ର ରାଜ୍ୟରେ ରାଜତ୍ୱ କରୁଥିଲେ ।

Digitized by srujan ka@gmail.com

ପ୍ରକାଶନ୍ତୁ ଆନ୍ଧ୍ର-ଭୂଷମ
　　　　ଏହ୍ୱ ସମରାଙ୍ଗଣ ।
ହାରିଛନ୍ତି ଗଜପତିଙ୍କ
　　　　ସେନା ଚନ୍ଦ୍ରଗିରିରେ ;
ଲୁଟି ରହିଛନ୍ତି ଉଜ୍ଜ୍ୱଳ-
　　　　ରତ୍ନ କଣ୍ଡାବଡ଼ୁରେ*
ପ୍ରକମ୍ପିତ ଦାକ୍ଷିଣାତ୍ୟ ଯେ
　　　　ବୀରଭଦ୍ରଙ୍କ ନାମେ ,
ଚନ୍ଦ୍ରଗିରି ଦୁର୍ଗେ ପରାସ୍ତ
　　　　ସେହୁ ଅଦୃଷ୍ଟ ବାମେ ।
ମହାମନ୍ତ୍ରୀ ତିମ୍ମରସଙ୍କ
　　　　କୂଟ-କୌଶଳ ପାଇଁ
କର୍ଣ୍ଣାଟର ସେନା ଲଭିଲେ
　　　　ଜୟ-ଲକ୍ଷ୍ମୀଙ୍କୁ ତହିଁ ।
ଶୁଣ ସବେ ଆମ୍ଭ ପ୍ରତିଜ୍ଞା-
　　　　କର୍ଣ୍ଣାଟର ଏ' ପଣ !
ଯେଉଁ ବୀର ଅଗ୍ରେ ସ୍ଥାପିବ
　　　　କର୍ଣ୍ଣାଟକ କେତନ
ଗଜପତି-ଅଧିକୃତ ସେ
　　　　କଣ୍ଡାବଡ଼ୁ ଦୁର୍ଗରେ ,
ସମର୍ପିବି ମୋର କୁମାରୀ
　　　　ସେହି ବୀର ହସ୍ତରେ !"

---

* କଣ୍ଡବଡ଼ୁ ଦୁର୍ଗ କୃଷ୍ଣା ତଟରେ ଗଜପତି ରାଜାମାନଙ୍କର ଗୋଟିଏ ପ୍ରଧାନ ସାମରିକ ଘାଟୀ ଥିଲା ।

Digitized by srujan ka@gmail.com

ଜଗତରେ ଥାଇ ଶୁଣିଲି
ପିତାଙ୍କର ପ୍ରତିଜ୍ଞା ;
ଆହା ! ସେ କାଳରେ ସଜନି,
ହଜିଗଲା ମୋ ଲଜ୍ଜା !
ବସୁନ୍ଧରା ରସାତଳକୁ
କିପାଁ ନ ଯାଏ ଖସି ?
ଛିଡ଼ି ନ ପଡ଼ଇ କାହିଁକି
ଆକାଶରୁଟି ଶଶୀ ?
ଲଜ୍ଜା-ଘୃଣା-ଅଭିମାନରେ
ନେତ୍ର ହେଲା ମୁଦ୍ରିତ
ଝଲ୍କିଲେ ମୋତେ ସଖୀରୁ
ଯେବେ ନୃପତି ସୁତ !
କର୍ଣ୍ଣାଟ-ସମ୍ରାଟ-ପ୍ରତିଜ୍ଞା
ଶୁଣି ସକଳ ଥରେ
ଜଣାଇଲେ ଯୁଦ୍ଧେ ଲଢ଼ିବେ
କଣ୍ଡାବଣ୍ଡୁ ଦୁର୍ଗରେ ।
ମୁଣ୍ଡ ଦେବେ, କବା ଆଣିବେ
ଗଜପତି-ମୁଣ୍ଡକୁ ;
ଏମନ୍ତ ପ୍ରତିଜ୍ଞା ତାଙ୍କର
ଶୁଣି କମ୍ପିଲା ବୁକୁ ।
ସତେ କି ପରାଣ-ପ୍ରିୟଙ୍କ
ହେବ ଏମନ୍ତ ଦଶା ?
କାଳୁ ସେ କେଶରୀ; ଏମାନେ
ଅତି କଳଙ୍କ-ଶଶା ।

Digitized by srujan ka@gmail.com

ସଭାରୁ ଉଠି ସେ କର୍ଣ୍ଣାଟ-
ମନ୍ତ୍ରୀ କହିଲେ ଧୀରେ ,
"ଘୋର ଅନ୍ଧକାର ଘୋଟଇ
ଆଜ ଦାକ୍ଷିଣାତ୍ୟରେ ।
ପ୍ରାଚୀନ ସେ ହିନ୍ଦୁ-ଶାସନ
ଏବେ ଗଲାଣି ଲୁଚି ;
ବିଦେଶୀ-ବାସବ-ଆଶ୍ରିତା
ପୁଣ୍ୟ ଅବନୀ-ଶଚୀ ।
ବିଜାପୁର, ଗୋଲକଣ୍ଡାରେ
ଆଜ ଯବନ ସେନା ;
କାଞ୍ଚି, କଲବର୍ଗ, ବିଦରେ,
ଉଡ଼େ ତାଙ୍କର ବାନା !
ହିନ୍ଦୁ ବୋଲି ନାମ ରହିବ
ନାହିଁ ଆଉ ଭରତେ;
ଆତ୍ମ-ଗଉରବ ସକଳ
ଛିନ୍ନ ହେବ ତୁରିତେ !
ଯବନ ଇଚ୍ଛଇ ମଇତ୍ରୀ
ଉତ୍କଳର ନୃପତି;
ତେଣୁ ଏ' ଭାରତ-ଗର୍ବିତ
ପିନା ସେ ଗଜପତି ।
ବେଣ୍ଟ ହୋଇ କାଟେ ବାଉଁଶ
ନିଜ ବଂଶ ଯଥା,
ଏ ଦେଶର ରାଜନୀତିରେ
ଆଜ ସେହି ବ୍ୟବସ୍ଥା !

Digitized by srujan ka@gmail.com

ଉଠ-ଉଠ ହୃଦ୍, ଆସ ବେ
ଏବେ ସ୍ୱଧର୍ମ ପାଇଁ;
କାଣ୍ଡାବର୍ତ୍ତ-ଦୁର୍ଗ ମାଟିର
ତଳେ ଦିଅ ମିଶାଇ.
ସୁମର ଭୁମର ଅମର-
ଗଉରବ କଥାକୁ—
ଅଚ୍ୟୁତ, ବର୍ମ୍ମଣ ନାମରେ
ସ୍ଥିତ କର୍ଣ୍ଣାଟ-ବୁକ୍କ !
ହରିହର, ନରସିଂହ ଦେବ
ବୁକ୍କାରାୟଙ୍କ ନାମ
ଇତିହାସେ ସ୍ୱର୍ଣ୍ଣ-ଅକ୍ଷରେ
ଲେଖା ରହିଛି ଜାଣ !
ତାଙ୍କ ସେ' ଆସନ, ତହିଁକ
ତୁଅ ତତ୍ପର ବୀର;
ଗଜପତି ଧ୍ୱଂସ ପାଇଁକି
ବାରେ ପ୍ରତିଜ୍ଞା କର !"
'ମନେ-ମନେ ମୁହିଁ ଚିନ୍ତିଲି,—
ଆତ୍ମ ପ୍ରତାରଣାକୁ
କର୍ଣ୍ଣାଟରେ ମନ୍ତ୍ରୀ ହୋଇଛି
ସିନା ଶିଖାଇବାକୁ;
ଯେଉଁ ଜଗନ୍ନାଥ-ଦେଶର
ରାଜା ମଉଡ଼ମଣି;
ବିଧର୍ମୀର ସଙ୍ଗୀ କହୁଛି
ତୁଚ୍ଛ କୁତ୍ସା ବଖାଣି ।

Digitized by srujan ka@gmail.com

ପାଇବ ତା' ପ୍ରତିଫଳକି
ଖଳ-କୁଳ-ଚନ୍ଦ୍ରମା;
ଉଜ୍ଜ୍ୱଳ ରହିବ ଉତ୍କଳ-
ଗଜପତି-ଗରିମା !'
ଉର୍ଣ୍ଣନାଭି ଯଥା ପତଙ୍ଗ
ମାରି ନିଜ ତନ୍ତୁରେ
ବଦ୍ଧ ହୋଇ ନିଜେ ମରଇ
ଜୀବ ଯିବା କ ଳରେ ।
ତେମନ୍ତ ତୁମରି ପାପରୁ
ତୁମେ ଲଭିବ ଶାସ୍ତି,
ଜଗତେ ବିସ୍ମୃତ ରହିବ
ଗଜପତି-କୀରତି !
ପିତାଙ୍କ ସଭାରେ ପଣ୍ଡିତ
ଥିଲେ ଉତ୍କଳ-କବି
ରସାଳ-ମଧୁର-ଅମୃତ-
କାବ୍ୟ-ଆଲୋକ-ଛବି ।*
ଯାହାଙ୍କ ଲେଖନୀ-ପ୍ରସୂତ-
କାବ୍ୟ "ଭରତାମୃତ,"

---

* କୃଷ୍ଣ ଦେବରାୟଙ୍କ ସଭାରେ ବହୁ ପଣ୍ଡିତ ଓ କବି ବିଭିନ୍ନ ଦେଶରୁ ଯାଇ ଅବସ୍ଥାନ କରୁଥିଲେ । କେତେକ ଉତ୍କଳୀୟ କବି ମଧ୍ୟ ସେଠାରେ ଥିଲେ । ତାଙ୍କ ମଧ୍ୟରୁ ଲୋଲ ଲକ୍ଷ୍ମୀଧର ଏବଂ କବିଚନ୍ଦ୍ର ଦିବାକର ପ୍ରଧାନ । ଦିବାକରଙ୍କ ରଚିତ "ଭରତାମୃତ ମହାକାବ୍ୟ" ସଂସ୍କୃତରେ ଏକ ଅମୂଲ୍ୟ ଗ୍ରନ୍ଥରୂପେ ପରିଚିତ ।

Digitized by srujan ka@gmail.com

କବି ଦିବାକର ଭାଷିଲେ
ଶାନ୍ତ-ବଚନାମୃତ,
"ଯବନ-ଦମନ-ଯଜ୍ଞରେ
ହବି ଢାଳିବା ପାଇଁ
ଉଚିତ ନୁହେ ତ ଯୁଝିବା
ଭାଇ ସଙ୍ଗରେ ଭାଇ !
ଉତ୍କଳ-କର୍ଣ୍ଣାଟ ମିଳନ
ଯେବେ ହୁଅନ୍ତା ଆଜ,
ସ୍ୱଧର୍ମୀର ମେରୁଦଣ୍ଡ
ନଷ୍ଟେ ଯାଆନ୍ତା ଭାଜ ।
ସିକନ୍ଦରଲୋଦି ଗ୍ରାସିଲା
ପୁଣ୍ୟ ହସ୍ତିନାପୁର ;*
ମହମ୍ମଦ ସେନା ପୂରିଲେ
ଅହମ୍ମଦ ନଗର†
ଗଉଡ, ମାଳବ, ବିଦର,
ଦ୍ରାଚ୍ୟ-କୁନ୍ତଳ, କାଞ୍ଚୀ,
ଭରି ରହିଛନ୍ତି ଯବନ-
ସେନା ପ୍ରତୀଚ୍ୟ-ପ୍ରାଚୀ !
ଗଜପତି ପଦେ ଦଳିତ
ତୁଙ୍ଗ-ତୁରଙ୍ଗ-ବଳ;

---

* ଇବ୍ରାହିମ୍‌ଲୋଦିଙ୍କ ପିତା ସିକନ୍ଦର ୧୫୧୭ ଖ୍ରିଷ୍ଟାବ୍ଦ ଯାଏ ଦିଲ୍ଲୀ ଅଧିକାର କରିଥିଲେ ।

† ସୁଲତାନ୍ ମହମ୍ମଦ ବାହ୍ମାମଙ୍କ ବଂଶର ଜଣେ ଖ୍ୟାତ ସମ୍ପନ୍ନ ରାଜା ଥିଲେ ।

Digitized by srujan ka@gmail.com

ଭାରତରେ ଏକା ଉତ୍କଳ
ଏବେ ସ୍ୱାଧୀନ-ସମ୍ବଳ !*
"କର୍ଣ୍ଣାଟୋଲ୍ଲାଟସିଂହଃ କଳବର ବଜସ୍ୱୀ
ମାଳବ ଧ୍ୱଂସଣୀକଃ
ଜଙ୍ଘାଲୋ ଗୌଡ଼ମର୍ଦ୍ଦୀ ଭ୍ରମରବର ନୃପୋ
ଧ୍ୱସ୍ତ ଦିଲ୍ଲୀନ୍ଦ୍ର ଗର୍ବଃ"
ଦାକ୍ଷିଣାତ୍ୟ-କ୍ଷୁଦ୍ର-ସ୍ୱାର୍ଥର
ପାଇଁ ଲୋଡ଼ା ଆମ୍ଭର
ପ୍ରବଳ-ଉତ୍କଳ-ବାହିନୀ-
ଆନୁକୂଲ୍ୟ ସତ୍ୱର !"
କବିଙ୍କ କଥାରେ ସଭାରେ
ସର୍ବେ ହେଲେ ମଉନ;
ସମସ୍ତଙ୍କ ମନେ ଜାଗିଲା
କ୍ଷଣେ ମନସ୍ୱୀ ଜ୍ଞାନ,
ସତେ ଯେବେ ହୁଏ କର୍ଣ୍ଣାଟ-
ଉତ୍କଳର ପୀରତ,
ଭାରତର ସିଂହାସନ କି
ପାଇପାରେ ବଜାଡ ?

---

* ମହାରାଜା କପିଳେନ୍ଦ୍ରଦେବ ଭାରତରେ ସର୍ବ ପ୍ରଥମ ମୁସଲମାନ-ସୈନ୍ୟଙ୍କୁ ପରାଜୟ କରିଥିଲେ । ଦାକ୍ଷିଣାତ୍ୟରେ କର୍ଣ୍ଣାଟ ଓ ଗୁଲ୍‌ବର୍ଗା, ପଶ୍ଚିମରେ ରାଜପୁତାନା ଓ ଗୁଜରାଟ (ଲାଟ) ଉତ୍ତରରେ ଦିଲ୍ଲୀ ଏବଂ ଜଂଘାଳ ପୁଣି ପୂର୍ବରେ ଗୌଡ଼ ଅର୍ଥାତ୍ ବଙ୍ଗଳା, ସର୍ବତ୍ର ସେ ବିଜୟ ଲାଭ କରିଥିବା କଥା ତାଙ୍କ ଗୋପୀନାଥପୁର ଶିଳାଲେଖରେ ଅଙ୍କିତ ଅଛି ।

Digitized by srujan ka@gmail.com

ତିମ୍ମରସ ଭ୍ରାତୃଷ୍ପୁତ୍ର ସେ
ଗୋପା * ସେହି କାଳରେ
ଆସ୍ଥାନରୁ ଉଠି କହିଲେ,—
'ଶୁଣ ସକଳ ବୀରେ,
ଉତ୍କଳର କବି-ଚନ୍ଦ୍ରମା
ଦିବାକର-ଭୂଷଣ
ଦାକ୍ଷିଣାତ୍ୟ-ରାଜସଭାରେ
ଦିନା ଦିବା-ସ୍ୱପନ !
ନିଶୀଥରେ ଭାନୁ ବିକାଶ,
କିମ୍ବା ନକ୍ଷତ୍ର ଦିନେ,
ଜଳ-ଅଗ୍ନି-ଯୋଗ ପରି ଏ
କଥା ଲାଗଇ ମନେ ।
ଯେଉଁ ଗଜପତି-ଧମନୀ
ଆର୍ଯ୍ୟ-ଶୋଣିତ ଧରେ,
ତାଙ୍କ ବଳ କେଉଁ ଦ୍ରାବିଡ଼-
କୁଳ ପାର୍ଥକୁ ପାରେ ?
ନିଜ ଗୋଡ଼ ଯେବେ ଶକତ
କିପାଁ ପର-ଆଶ୍ରିତ ?
ଗଜପତି-ଦର୍ପ ଦଳିବା
ଭଲ ନ ହୋଇ ଜ୍ଞାତ ।

---

* ଏହାଙ୍କର ପୂର୍ଣ୍ଣ ନାମ ହେଉଛି ନାଦେଣ୍ଡ୍ଲ ଗୋପା । ଏ ମଧ୍ୟ ଜଣେ କବି ଓ ପଣ୍ଡିତ । ପୂର୍ବ ଦିଗ୍‌ବିଜୟ ସମ୍ମୁଖରେ କୃଷ୍ଣଦେବ ସ୍ୱୟଂ କଣ୍ଟୋଟର ଶାସନ-ଭାର ଏହାଙ୍କ ଉପରେ ନ୍ୟସ୍ତ କରି ଯାଇଥିଲେ ।

Digitized by srujan ka@gmail.com

କୃଷ୍ଣବେଣୀ-ବକ୍ଷେ ବୁଡ଼ିବ
　　　　କଣ୍ଡାବିଡ଼ୁ ନଗରୀ ;
କର୍ଣ୍ଣାଟର ଶଂଖ ଶୁଭିବ
　　　　ରାଜମହେନ୍ଦ୍ର ପୁର ;
ଇନ୍ଦ୍ରାବତୀ-ଠୁ କାବେରୀ-
　　　　ଅନ୍ତରାଳ-ପ୍ରଦେଶ
ଆନ୍ଧ୍ର-ମୁକୁଟ ଏ' କର୍ଣ୍ଣାଟେ
　　　　କରୁ ସୀମା ନିର୍ଦ୍ଦେଶ !
ଯବନ-ନିଧନ-ପଣକୁ
　　　　ଦୃଢ଼ କରିବା ସେବେ,
ହେବେ ଗଜପତି ଦଳିତ
　　　　ଦାକ୍ଷିଣାତ୍ୟରେ ଯେବେ ।
ଆସ ଏ ଭାଗ୍ୟ-ସମରେ
　　　　ଦର୍ପେ ଦ୍ରାବିଡ଼-ସୁତ ;
ବାହୁବଳ ଏବେ ଦେଖାଅ
　　　　ରାଜୁ-ରେଡ୍ଡି-ସାମନ୍ତ*
ଚିର-ପଦାନତ ଦେଖ ଏ'
　　　　ତୁମ୍ଭ ଜନମଭୂମି ;
ଅତି ଆତୁରତା ଲଭୁଛି
　　　　ପୁଣ୍ୟ-ଆନ୍ଧ୍ର-ଅବନୀ !"
ଚପଳ ଯୁବକ ଭାଷଣେ
　　　　ରାଜୁ-ରେଡ୍ଡି-ନାୟକେ

---

* 'ରାଜୁ' ଓ 'ରେଡ୍ଡି' ନାମକ ଦୁଇଟି ଯୋଦ୍ଧୃ ସମ୍ପ୍ରଦାୟ ବହୁ ପ୍ରାଚୀନ କାଳରୁ ଦକ୍ଷିଣ-ଭାରତରେ ଅବସ୍ଥିତ । ସେମାନେ ଏବେ କ୍ଷତ୍ରିୟ ନାମରେ ମଧ୍ୟ ପରିଚିତ ହୁଅନ୍ତି ।

Digitized by srujan ka@gmail.com

ବୀରତ୍ୱ-ରଭସେ ଆହ୍ୱାନି
ନିଜ ଅସି-ଶାସ୍ତ୍ରଙ୍କେ
ବୋଇଲେ, "ଜୀବନ ଆମ୍ଭର
ଜନ୍ମଭୂମି ପାଇଁ କି ;
ଉନ୍ମତ୍ତ-ଦ୍ରାବିଡ଼-ଶୋଣିତ
ବପୁ ବହେ ନାହିଁ କି ?"
ଏମନ୍ତ ସେଦିନ ସନ୍ଧରେ
ହୋଇଗଲା ସତ୍ୱର ;
କୋଣ୍ଡାବିଡୁ-ଯୁଦ୍ଧ ପାଇଁ କି
ସର୍ବେ ହେଲେ ବାହାର ।
ନୀଳ-କୃଷ୍ଣବେଣୀ-ବକ୍ଷରେ
ଗୀତ-ବିସ୍ତାର ପରି,
କୃଷ୍ଣଦେବ ରାୟ ବାହାର
ହେଲେ ସଇନ୍ୟ ଧରି ।
କୋଲ୍ଲାଟି ଦୁର୍ଗରେ* ସ୍ଥାପିତ
ହେଲା ଆମ୍ଭ ଶିବିର ;
ସଇନ୍ୟ ସାମନ୍ତ ଘେରିଲେ
କଣ୍ଡାବିଡୁ-ପ୍ରାଚୀର ।
ସେ' କୋଲ୍ଲାଟି-ଗଡ଼ କୋଲ୍ଲେରୁ-
ହ୍ରଦ ପରିବେଷ୍ଟିତ,

---

* କୋଲ୍ଲି ଟିକୋଠା ନାମକ ପ୍ରାଚୀନ ଦୁର୍ଗଟି କୃଷ୍ଣା ଜିଲ୍ଲାରେ ଅବସ୍ଥିତ । ଏହି ଜଳ-ଦୁର୍ଗଟି କୋଲ୍ଲେରୁ ନାମକ ଏକ ବିଶାଳ ହ୍ରଦ ମଧ୍ୟରେ ଦ୍ୱୀପ ପରି ଅବସ୍ଥିତ । ପୂର୍ବେ ଓଡ଼ିଶାର ଗଜପତି ରାଜା ଲାଙ୍ଗୁଳା ନରସିଂହଦେବଙ୍କ ଦ୍ୱାରା ସେଠାରେ ସେହି ଦୁର୍ଗଟି ନିର୍ମିତ ହୋଇଥିବା କଥିତ ହୁଏ ।

Digitized by srujan ka@gmail.com

ଚର୍ତ୍ତିରେ ଆମ୍ବର ଶିଖର
ହେଲା ପରସ୍ଥାପିତ ;
ସୁଦୂର ପାହାଡ଼ 'ଭେଦ ସେ
ରେଖା-ଆକାରେ ଚର୍ତ୍ତି
କୃଷ୍ଣବେଣୀ-କଲ-କଲ୍ଲୋଳ
ନାଚେ ମାନସ ମୋହି ।
କଣ୍ଡାଳକୁ ପୂର୍ବ-ଉତ୍ତର-
ସୀମା ପର୍ବତ ଘେରି
ବ୍ୟାପିତ କ ଚର୍ତ୍ତି ଦୁର୍ଭେଦ୍ୟ-
ଲୌହ-କବଚ ପରି ।
ଆକାଶକୁ ଉଠି ଉଡ଼ଇ
ଗଜପତି-କେତନ,
ଅଙ୍କିତଛି ଯହିଁ ବିଜୟୀ-
ଗଜ-ସିଂହ ଲାଞ୍ଛନ ।
କୋଲ୍ଲେରୁ ସରସୀ-ବକ୍ଷରେ
ଶତ-ତରଙ୍ଗ ମାଳେ
ନୃତ୍ୟରତ ଦୁର୍ଗ-ସଉଧ
ପ୍ରତିବିମ୍ବର ଛଳେ ।
ତା'ପରେ କୁଣ୍ଡଳ* ମାଳକା
ହଂସ-ସାରସ ପରି
ସରସୀର ବକ୍ଷେ ସ୍ୱଚ୍ଛନ୍ଦ
ଧୀରେ ଧୀରେ ସନ୍ତରି ।

---

* କୁଣ୍ଡଳ—ନୌକା

Digitized by srujan ka@gmail.com

କୋଳ୍କେରୁ ତଟରେ ନାବକ-
ପଙ୍କ୍ତି ବସେ ମଞ୍ଜୁଳ;
ତହୁଁ ବନ ଗ୍ରାଜ ଶୋଭିତ
ଶାଲ-ନିକୁଞ୍ଜମାଳ ।
କୋଳ୍କାଟି-ଛାୟାରେ ବସି ମୁଁ
ମଧୁ-ଶରତ-ସଞ୍ଜେ
କୋଳ୍କେରୁ-ବକ୍ଷରେ ନିରେଖେ
ଗରୁ ରଙ୍ଗ-ତରଙ୍ଗେ ।
ଅଦୂରେ ନାବକ-ପଙ୍କ୍ତିରୁ
ଶ୍ରୁଁଣେ ମୋହନ-ଗୀତ,
ସେ ସଙ୍ଗୀତ-ସ୍ୱର-ଲହରୀ
ଭରେ ପବନେ ପ୍ରୀତ ।
ଉଡ଼ ଆସୁଛନ୍ତି ଆକାଶେ
ବକାଳିକା-ମାଳିକା;
ରୌପ୍ୟ-କମରବନ୍ଧ କି
ପିନ୍ଧିଅଛି କାଳିକା ? *
ତରଙ୍ଗାପ୍ଳୁତ ସେ ବାରୁଣୀ-
ମଞ୍ଜୁ-ନିକୁଞ୍ଜ-ଶୋଭା
ଘନ-ପୁଷ୍ପଗନ୍ଧ-ମଣ୍ଡିତ-
ଗିରି ମାନସ ଲୋଭା !
ତହିଁ କଣ୍ଡାବଣ୍ଡୁ-ଚରଣେ
ଦୂର ନଦୀ-କଲ୍ଲୋଳ,

* କାଳିକା—କୃଷ୍ଣମେଘ

Digitized by srujan ka@gmail.com

କୁସୁମାଞ୍ଜଳି କି ଢାଳଇ
ହୋଇ ପ୍ରେମ-ବିହ୍ୱଳ ?
କୋଲ୍ଲେରୁ ସରସୀ-ବନ୍ଦାଣ-
ମାଝ ଧରି ପ୍ରକୃତି
ନୀରଜନ ଆଣେ ଜାଳନ୍ତି
ଛନ୍ଦିଁ ଆରତି-ବତି !
ଏହି ତ ସେ ଦୁର୍ଗ ଅନନ୍ତ
ଯହିଁ ପରାଣ-ପ୍ରିୟ !
ହୃଦୟରେ ଜାଗି ଉଠଇ
କେତେ ପୂରୁବ ସ୍ନେହ !
ସେହି ଚନ୍ଦ୍ରଗିରି-ପ୍ରାସାଦେ,
ସେହି କୁସୁମ-ବନେ,
ସେହି ପ୍ରୀତି-କଥା ଅମ'ୟୁ
ପ୍ରାଣ-ପ୍ରିୟ ଗହଣେ,
ଉତ୍କଳ-ଜେମାଙ୍କ ସେ ମଧୁ-
ସ୍ନେହ 'ବଧୂ' ଭାଷଣ,
ଜୀବନେ ସେ ସବୁ ହେଲାଣି
ଅତୀତର ସ୍ୱପନ !
କେମନ୍ତେ ବର୍ଣ୍ଣିବ ହୃଦୟ-
ବ୍ୟଥା ? ନ ଆସେ ଭାଷା ;
ନିରାଶା-ସାଗରେ ବୁଡ଼ିଲା
ସବୁ କଳ୍ପନା-ଆଶା !
ପାପ କଥା ଭାବି ନଥିଲି
ମୁଁ ତ ଦିନେ ସପନେ !

Digitized by srujan ka@gmail.com

କାହିଁ ପାଇଁ ସତେ ଏତେ
 ହେଲ ଏହି ଜୀବନେ ?
କାନନ-କୁକ୍କୁଟ-କଣ୍ଠଣି-
 ସ୍ୱର ଆସଇ ଭାସି;
ପ୍ରଦୋଷ-ରକ୍ତିମା ବାରୁଣୀ-
 କୋଳେ ଯାଉଛି ମିଶି;
କୋକ୍ଲିରୁ-ବକ୍ଷରେ ନଳିନୀ
 ଧୀରେ ମୁଦେ ଲୋଚନ;
ଭାବଲି, ଆଉକି ଆସିବ
 ମୋର ଆନନ୍ଦ-ଦିନ ?
ଗଡ଼ିଗଲା ପାଣି ଉଠେ କି
 ପୁଣି ଶିଖରି-ଶିଖ ?
ବାହୁଡ଼ି ଆସେ କି ଧନୁରୁ
 ଛଡ଼ା ହେବା ବିଶିଖ ?
ଅବାରିତ ଅଶ୍ରୁଧାରା ଗୋ
 ବହିଗଲା ନୟନୁ;
ଅସ୍ତାଚଳ-ଶିଖେ ଲୁଚିଲେ
 ଅତି ଦୁଃଖରେ ଭାନୁ ।
ଅଙ୍ଗୁଳିରେ ଥିଲା ମୋହର
 ପରିଣୟ-ମୁଦ୍ରିକା;
ସହାନୁଭୂତିରେ ହୀରକ
 ତହିଁ ଦିଶଇ ଫିକା* ।

* ସଧବା ନାରୀଙ୍କ ଅଙ୍ଗର ଅଳଙ୍କାର ମଳିନ ଦେଖାଗଲେ ତାହା ଏକ ଅଶୁଭ ସଙ୍କେତ ବୋଲି ବୁଝାଯାଏ ।

Digitized by srujan ka@gmail.com

ବାତାୟନ-ପଥେ ଦେଖିଲି-
ଦୁର୍ଗ-ପରିଖା ତଳେ
ନାବଟିଏ ଏକା ଭାସଇ
ଶାନ୍ତ କୋଲ୍ଲରୁ-ଜଳେ ।
ଧନୁ-ଶର ଧରି ନାଉରି
ବନ୍ଧେ ପକ୍ଷୀଙ୍କୁ ଚହିଁ—
ଦ୍ୱୀପ-ଦୁର୍ଗ ଉଚ୍ଚ-ପ୍ରାଚୀର
ରଜ୍ଜୁ ରହିଛି ଯହିଁ ।
ଗବାକ୍ଷ-ପଥରେ ସହସା
ଏକ ବଣିଶ ଆସି
ପଡ଼ିଗଲା ମୋର ଚରଣ-
ତଳେ ଶୂନ୍ୟରୁ ଖସି ।
ଚମକ ଚହିଁଲି ଚଉଦିଗେ
ପତ୍ରଟିଏ ତହିଁରେ
ଗୁନ୍ଥାଅଛି ଏକ ଶଲଲ†
ତୀକ୍ଷ୍ଣ ଅଗ୍ର ଦେଶରେ ।
କିଏ, କେଉଁଠାରୁ କପାଇଁ
ପଠାଇଲା ସନ୍ଦେଶ ?
ପୁଣି କି ଆପଦ କରିବ
ଗ୍ରାସ ମାନସ-ଦେଶ !
ଇଷ୍ଟ-ଦେବ ନାମ ସୁମରି
ଫିଟାଇଲି ପଟାଉ;

† ଶଲଲ = ଝିଙ୍କକାଠି ।

Digitized by srujan ka@gmail.com

ମୁକ୍ତାବଳୀ ଭଳ ଲିପିଟ
ନୁହେ ଅଚହ୍ନା ଆଜ !
ଉଜ୍ଜଳ-ଜେମାଙ୍କ କୋମଳ-
କର-ଅଙ୍କିତ ବୋଲ
ଚୁଟିପାର ଅଡ ଆଗୁରେ
ସେହ୍ନ ଲିପି ପଢ଼ିଲ :—
"ଶ୍ରୀ ଜଗନ୍ନାଥଙ୍କ ଚରଣ—
କଞ୍ଜେ ଶରଣ ପଶି
ନୟନର ମାରେ ଖ୍ୱସି ଏଁ
ଲେଖ ଲେଖୁଛି ବସି ।
କୁଶଳ କଥାକୁ ପଗ୍ଭର—
ବାକୁ ନ ହୁଏ ମନ,
ବଧାତା କରୁଛି ଏମନ୍ତ
ଅଘଟନ ଘଟନ !
ସତେ ଅବା ସତ୍ୱ ତୁମର
ମୋର ବ୍ୟବଧାନକୁ
ସପତ-ସାଗର ରଚଲ୍ଲ
ବନ୍ଧ ବଢ଼ାଇବାକୁ ?
ଶଶଧର ପଶ ବମଳ-
ଭୃଙ୍ଗ ତୁମ ହୃଦୟ,
ଏ ବଶ୍ୱାସ ମନେ ମୋହର
ଥିଲ, ଅଛି ନଶ୍ଚୟ !
ଅବଶ୍ୱାସ ରୂପ ଛଳନା-
ମୟୂ କଳଙ୍କ-ରେଖା

Digitized by srujan ka@gmail.com

ଉଦାରତା ଉଲ୍ଲୋଳତ ସେ
ହୃଦେ ନ ଥିଲା ଦେଖା ।
ସବୁକାଳେ ମେଘ ଲୁଚାଇ
ପାରେ ନାହିଁ ଚନ୍ଦ୍ରମ ;
ସବୁ କାଳେ ରଖି ନପାରେ
ପ୍ରାଣେ ଦୁଃଖ-କାଳିମା;
ସତ୍ୟ ଯାହା ତାହା ଲୁଚିବ
ନାହିଁ କାହାର ବଳେ;
ତୁମ ନିର୍ମଳତା ଫୁଟିବ
ଦିନେ ମନ୍ତ୍ରୀ-ମଣ୍ଡଳେ ।
ବୁଝିବେ ମୋ ଭାଇ ସେ ଦିନ
ତାଙ୍କ ନଷ୍ଟୁର-ଭ୍ରମ,
ଅମୃତକୁ ବିଷ ବୋଲି ଯା'
କଲେ ସେ ବିସର୍ଜନ ।
ନାଇଁ ତର୍କ କରେ ଏ କଥା
ଭାଇଙ୍କର ସଙ୍ଗତେ;
କପାଟ ହେବ ମୋହର
ନଷ୍ଟ ହୁଏ ପରତେ ।
ଯାଣି ହୁଏ ମନ କଥାଏ
ମାତ ପଗୁରିବାକୁ;
ଦଧିସୁ* ବରଣେ ଆସିଛ
ଶୁଣେ ତୁମେ ଏଠାକୁ ।

---

* ଦଧିସୁ=ଦ୍ୱିତୀୟପକ୍ଷ

Digitized by srujan ka@gmail.com

ପଡ଼େନକା କେଉଁ ରମଣୀ-
ପ୍ରେମପୂର୍ଣ୍ଣ-ହୃଦୟ ?
ଏକା ଆକାଶରେ ହୁଏ କି
ଦୁଇ ରବି ଉଦୟ ?
ମନର କଥାଟି ଫିଟାଇ
ଲେଖି ଦେଇଛୁ ସବୁ;
ଉତ୍ତର ଦେବାରେ କୃପଣ-
ପଣ କରିବ ନାହିଁ !
କୋଳେଇ-ଭରଙ୍ଗେ ଭସାଇ
ଦେବ ପଦ ନଖାନା;
ଇତି, ତୁମ ସ୍ନେହ-ଲତିକା-
ସଖୀ-ଉଜ୍ଜ୍ୱଳ-ଜେମା ।”
ଅରେ, ଦୁଇଥର, ତିନିକୁ
ଥର ପଢ଼ିଲି ଯେତେ
ନୟନ-ନଦୀରେ ଲୋତକ-
ବନ୍ୟା ବଢ଼ିଲା ତେତେ ।
ହୃଦ ଫଟା ଦୀର୍ଘ ନିଃଶ୍ୱାସ-
ବାତ୍ୟା ବହିଲା ଖର ;
କା’ ଆଗେ କହିବି ମନର
ଦୁଃଖ ଫିଟାଇ ମୋର ?
ପୁରୁଷ ହାତର କଣ୍ଢେଇ
କଗୋ ସମାଜେ ନାରୀ—
ଯେଉଁଠିକି ଇଚ୍ଛା ଓଟାରି
ନେବେ ଦଉଡ଼ି ଧରି ?

Digitized by srujan ka@gmail.com

ହସିବା କାନ୍ଦିବା ପୁରୁଷ-
ଇଚ୍ଛା ଅଧୀନ ଯେବେ,
ଜଗତରେ ନାରୀ-ଅନନ୍ତ
ଆଉ କ ଅଛି ତେବେ ?
ପୁରୁଷ-ରଚନା ସିନା ସେ
ସବୁ ମିଛର କଥା;
କବିତା, ବନିତା, ଲତା, ଏ-
ମାନେ ପର-ଆଶ୍ରିତା !
ସ୍ୱାର୍ଥପର-ନର ବିରୁଦ୍ଧେ
ମନ ହେଲା ଚଞ୍ଚଳ;
ପ୍ରତିଶୋଧ ପାଇଁ ଅନ୍ତରେ
କଲି ସଙ୍କଳ୍ପ ଦୃଢ଼ ।
ଦୁର୍ବାର ବାସନା ଜାଗିଲା
ମନେ ମୋର ଏପରି;
ଉତ୍ତର ଗୋଟିଏ ଲେଖିଲି
ଚାଳପତ୍ରକୁ ଧରି:—
"ଜଗନ୍ନାଥ ବୋଲି ଦେବତା
ଯେବେ ପାଳନ୍ତେ ମନ୍ତ୍ରୀ,
ନିର୍ଦ୍ଦୋଷକୁ ଦୋଷ-ଦୂଷଣ
କିଏ ପାରନ୍ତା ଦେଇ ?
ଦୋଷା-ଦୋଷ, ଧର୍ମ-ଅଧର୍ମ
କରିବାକୁ ବିଗ୍ରହ,
କିଏ ସେ ଅଛିକି ମନ୍ତ୍ରୀରେ
ଶକ୍ତି-ସମ୍ପନ୍ନ-ଧୀର ?

Digitized by srujan ka@gmail.com

ଜଣକର ମନ କଥାଟି
ଅନ୍ୟ ମନରେ ଯେବେ
ପ୍ରତିଫଳ ଜଣା ଯାଆନ୍ତା,
ଆଉ ଦୁଃଖ କି ରହେବେ ?
ଚତୁର ବହୁର ବିଧାନ
ନୋହିବାରୁ ତେମନ୍ତ
ସମସ୍ୟା-ରହସ୍ୟ-ପଟଳେ
ସିନା ଅନ୍ଧ ଜଗତ !
ହୃଦୟକୁ ଖୋଲି ଦେଖାଇ-
ବାର ହୁଅନ୍ତା ସନ୍ଧି,
ଜଗତେ ବହନ୍ତା କପାଇଁ
ରଣ-ରକତ-ନଦୀ ?
ମନ ମୋ ହେଉଛି ଆକୁଳ
ନାଶ କୂଳର ପାଇଁ -
ତିନି ଭୁବନରେ ଯାହାର
ଠାବ-କୂଳହିଁ ନାହିଁ !
ନଶ୍ୱର-ପୁରୁଷ ଇଙ୍ଗିତେ
କାଟେ ଯାର ଜୀବନ,
ପୃଥିବୀରେ ବଞ୍ଚି ରହିବା
ତାର କେଉଁ କାରଣ ?
ତୁମ ମନ ଶାନ୍ତି ହେଉଛି
ଆଜି ଯେଉଁ କଥାକୁ,
ପରାଧୀନ-ପ୍ରାଣ ରଖିଛି
ମାତ୍ର ବଳ ଦେବାକୁ ।

Digitized by srujan ka@gmail.com

ଆକ୍ଷିର ପାଣିରେ ଅକ୍ଷର
ଲିଭି ଯାଉଛନ୍ତି ଏବେ;
ଭବିଷ୍ୟତେ ପୁଣି ଲେଖିବ
ବଞ୍ଚି ଥାଏଟି ଯେବେ !"
ଫୋପାଡ଼ି ଦେଲା ସେ ପତ୍ରକୁ
ବାତାୟନ-ପଥରେ;
ଧନୁଶର-କର-ନାଗର
ସ୍ଖଳିଗଲା ସଇତରେ ।
ଦିଗନ୍ତ ବ୍ୟାପିଲା କୋଳରୁ
ଶତ-ତରଙ୍ଗ-ମାଳେ
ଅନୁକମ୍ପା-ସିକ୍ତ-ଶୀକର-
ବିନ୍ଦୁ ନୟନୁ ଛାଡ଼େ !

ତୃତୀୟ ସର୍ଗ

ବହୁଦିନ ପୁଣି   ଅଗତ ହେଲାଣି;
ସମର ସରଇ ନାହିଁ !
ବହୁ ବୀର ରକ୍ତ-   ଶୋଣିତରେ ତୃପ୍ତ
ନୁହଇ ତ ରଣ-ଭୂଇଁ !
କଣ୍ଡାବଡ଼ ଦୁର୍ଗ   ଘେରିଛନ୍ତି ସର୍ବ
କର୍ଣ୍ଣାଟ-ବାହିନୀ ଏବେ
ଉଭୟ ପକ୍ଷରୁ   ବଳ ନ ଯିବାରୁ
କେହି କାହାରିକୁ ଲବେ ।
ଗଡ଼ ଅନ୍ତରାଳେ   ଜଗିଛନ୍ତି ବଳେ
ଦୁରନ୍ତ ଓଡ଼ିଆ-ସେନା,
ଆତ୍ମ-ପ୍ରତିରୋଧ   ଅଦ୍ଭୁତ ସେ ଯୁଦ୍ଧ
କରି ନ ହୁଏ କଳନା ।
ରସଦ* କେ' ଦିଏ ?   ଦୁର୍ଗେ କି ଉପାୟେ ?
କେଉଁ ପଥେ ଗୁପତରେ ?
ରାଜନୀତି-ସିଦ୍ଧି-   ତିକ୍ତରସ-ବୃଦ୍ଧି
ପରାଜିତ ସେହିଠାରେ ।
କର୍ଣ୍ଣାଟ-ଶିବିରେ   ଆଜ ନିଶୀଥରେ
ଚାଲିଛି ଗୁପ୍ତ-ମନ୍ତ୍ରଣା ,
ସଉଭାଗ୍ୟ-ଭାନୁ   କର୍ଣ୍ଣାଟ-ଗଗନୁ
ପୁଣି ପ୍ରକଟିବ କି ନା ?

---

* ରସଦ — ଖାଦ୍ୟ ସାମଗ୍ରୀ

Digitized by srujan ka@gmail.com

ଗୁପ୍ତଚର ଆସି ଗଲେଣି ତ ସଖି,
ବସନ୍ତ ବାହିନୀ ସାଥେ
ବୀର-ଗଜପତି- ହି କଳିଙ୍ଗ ପତି
ଆସନ୍ତି ଦକ୍ଷିଣାପଥେ ।'
ମହାନଦୀ-ଜଳ ଲଂଘିଲେଣି ବଳ ,
ଦେଖ ଆସିଅଛି ଚର;
ଅଗଣ୍ୟ ଉତ୍କଳ- ସୈନ୍ୟ ଦନ୍ତାବଳ
ଅପାର ମତ୍ତ-କୁଞ୍ଜର ।
ଚଳିଯିବେ ଦଳ ଯେବେ ମହାବଳୀ,
କର୍ଣ୍ଣାଟ ହୋଇବ ଚୂନା;
ଯୁଦ୍ଧ କରିବାର କଥାଟି ଦୂରର
ଗଜପତି ସଙ୍ଗେ ସିନା !
କହିଲେ ଅପ୍‌ପାଗୀ* ହଠାଣରେ ଭଜି,
ଉତ୍କଳଙ୍କ-ସେନା ଯେବେ
ସିଂହାଚଳ୍କୁ ଦେଖି ଗୋଦାବରୀ ଲଂଘି
ଆସନ୍ତି ଦକ୍ଷିଣେ, ତେବେ
କର୍ଣ୍ଣାଟର ଚିର- ଅଗଣ୍ଡି ନକର
ହେବେ କି ନୀରବ ଆଜ ?
କିଏ ସମ୍ଭାଳିବ ବାହାମନୀ, ପୂର୍ବ-
ଗୋଲ୍‌କଣ୍ଡାର ସେ ଦାଉ ?
ଦେଳ ଥାଉଁ ଥାଉଁ କଣ୍ଡାବଢ଼ୁ ଆଜ
ଜୟ ନ କଲେ ଏଥର

---

*ମନ୍ତ୍ରୀ ତିମ୍ମରସଙ୍କୁ ରାଜା 'ଅପ୍‌ପାଜୀ' ବୋଲି ଡାକୁଥିଲେ ।

Digitized by srujan ka@gmail.com

ହେବ ଗ୍ରାସଖାର ବିଜୟ ନଗର;
ନାହିଁ ଚିହ୍ନ ମହାନ୍ତର" ।
ଶୁଣିଲେ ରାଜନ ଯବନ ଘୋଷଣା;
କହିଲେ ଦୁଃଖିତ ମନେ,
"ତୁଳୁବ-କୁଳର* ଉନ୍ନତ-ଭାସ୍କର
ଅସ୍ତ କି ହେବ ଏ' କ୍ଷଣେ ?
ବିଜୟ ନଗର- ସ୍ୱାଧୀନତା ସୂର
ହେବ ଯେବେ, ସେଥି ସଙ୍ଗ
ଦେବରାୟ-ନାମ କଳଙ୍କର ଧାମ
ହୋଇଯିବ ! ହାୟ ! ହାୟ !!
ଆହା ! କି କୁକ୍ଷଣେ ଜନ୍ମିଲି ନଜାଣେ
ଜନନୀ-ଜଠରୁ ଭବେ !
ମୋ ଲାଗି ଏବେ କି ହେବ କାଳିମାଖୀ
ବିରାଟ-କର୍ଣ୍ଣାଟ ଭବେ ?"
ଆତ୍ମ-ଗ୍ଲାନି ବାଣୀ ରାଜାଙ୍କର ଶୁଣି
ବୋଇଲେ ସଚିବ ଖନର,
"ଥକ ପଣ୍ଡବାର ଜଳିତ ବହ୍ନିର
ନୁହେ ତ ବିପଦ-ମାରେ ।
ବୁଦ୍ଧି-ଭେଳା ଧରି ହେବା କଷ୍ଟେ ପାରି
ଅପାର ପର-ସାଗରେ;

---

* ୧୫୦୫ ମସିହାରେ ବିଜୟନଗରରେ ସାଲୁବା ରାଜ-ବଂଶର ପତନ ପରେ କୃଷ୍ଣଦେବରାୟଙ୍କ ପିତା ନରସାନାୟକ ସେଠାରେ ତୁଳୁବ ବଂଶ ପ୍ରତିଷ୍ଠା କରିଥିଲେ ।

Digitized by srujan ka@gmail.com

କୃପାଣରୁ ବଡ଼ କଉଶଳ-ଦାଢ଼,
ସହସ୍ର ଗୁଣ ପ୍ରଖର !"
ଉତ୍ସାହ ସେ ଗିର ଅମୃତ-ମଧୁର
ମଣ୍ଡିଲେ କର୍ଣ୍ଣାଟ-ମଣି;
ଫେଇ ଆପଣାର ହୃଦୟର ଦ୍ୱାର,
ସଚିବେ ଦେଲେ ସେକ୍ଷଣି ।
ବିନୟକୁ ଭକ୍ତ କହିଲେ ଆପ୍ରାଣ,
"ଏ ନୁହେଁ ମୋର ଯାଚଜ୍ଞା;
ଅଳଙ୍କାରଟିଏ ମାଗନ୍ତ ଯେବେ ଏ'
ଦାସକୁ ହୁଏ ଅନୁଜ୍ଞା !"
"ଅଦେୟ ତ ମୋର ନାହିଁ ତୁମ୍ଭଠାର;
ମାଗ ଯାହା ଅଭିଳାଷ ।"
ବୋଇଲେ ଚତୁର- ବୃଦ୍ଧ-ମନ୍ତ୍ରୀବର,
"ମୋ ମନେ ଶ୍ରଦ୍ଧା ବିଶେଷ,
ଜେମାଙ୍କ ହୀରକ- ଅଙ୍ଗୁରୀୟ ଏକ
ମଣ୍ଡିବାକୁ ଅଙ୍ଗୁଳରେ,
ଏତିକି ମାଗଇଁ ଅନୁଗ୍ରହ ପାଇଁ
ଅଛି ମୋର ଶ୍ରୀ ଶ୍ରୀମୁଖରେ ।"
ହର୍ଷି ଦେଇ ବାଟରେ ବୃଦ୍ଧଙ୍କ ବାକ୍ୟରେ
ବିଜେ କଲ ପିତା ପୁରେ
ମୋତେ ସେ ଭାଷିଲେ, "ଶ୍ରଦ୍ଧା ବଳାଇଲେ
ମନ୍ତ୍ରୀ ଏ' ଅଙ୍ଗୁରୀୟରେ ।
ବହୁ ଉପକାର କରନ୍ତୁ ଆମ୍ଭର
ମାତଙ୍କ ସଚିବ-ବର;

Digitized by srujan ka@gmail.com

ତାଙ୍କ ଇଚ୍ଛାଗୋଟି ପୂରାଇବାରଟି
ଉଚିତ ଅଟେ ଆମ୍ଭର ।"
ତା'ପରେ ପିଅର ପ୍ରସାରିଲେ କର;
ମନ୍ତ୍ରୀ-ମୁଗ୍ଧ ଜନ ପର
ପତି-ଗଜପତି- ୃଣୟର ସ୍ମୃତି
ଦେଲ ତାଙ୍କ କରେ ଭରି !
ଦାନ-ସଙ୍କଳ୍ପରେ ବାରି ପରକାରେ
ଝରିଲା ଲୋତକ ବନ୍ଦୁ;
ଖେଳିଗଲା ମତି ଚନ୍ଦ୍ରଗିରି-ସ୍ମୃତି
ଉଚ୍ଛୁଳାଇ ଶୋକ-ସିନ୍ଧୁ ।
ତହୁଁ ପିତା ହସି କହିଲେ ଆଶ୍ୱାସି,
"ନକର ଶୋଚନା ଜେମା,
ଦଶ ଅଙ୍ଗୁଳିକୁ ରତ୍ନ-ମୁଦ୍ରିକାକୁ
ଗଢ଼ାଇ ଆଣିବା ସିନା !"
ଗଲେ ଦଣ୍ଡଧାରୀ ଅଙ୍ଗୁରୀୟ ଧରି;
ପିଣ୍ଡରୁ ନେଲେ କି ପ୍ରାଣ ?
ଆହା ! ସେ ମୁଦ୍ରିକା- ମୂଲ୍ୟ ସଙ୍ଗେ ଏକା
, ତୁଲ୍ୟ ନୁହେ କୋଟି ଧନ !
କେତେ ଦିନ କଥା ଖେଳିଲା ଏ' ମଥା
କନକ-ସପନ ପରି ।
ନବେଦ-ପରାଣେ ବହିଲି ମୁଁ କ୍ଷଣେ
ଛଦ ପୁତ୍ତଳିକା-ଶିରୀ ।
କେହ୍ନତ ଜାଣେନା ଗୁପତ-ବେଦନା,
ପ୍ରାଣର ପ୍ରଣୟ-ବ୍ୟଥା !

Digitized by srujan ka@gmail.com

କିଏ ଅଶ୍ରୁ ମୋର ଶୁଣିବ ମନର
ମରମ-ସରମ-କଥା ?
ନୀଳ-ନୟନର ଲୋତକର ଝର
ପ୍ରଖର ମୁଁ କାନ୍ଦିବାକୁ !
ରଜ-କୁଳେ ସତେ ଜନମିଲି କେତେ
ବିଧାତାକୁ ନିନ୍ଦିବାକୁ !!
ଅଷ୍ଟମୀର ଶଶୀ ପଶ୍ଚିମାଶା ଗ୍ରାସି
ଖସି ଆସିଲାଣି ଧୀରେ;
ପାଣ୍ଡୁର-ଚନ୍ଦ୍ରିକା ଦିଶିଲାଣି ଫିକା
ପ୍ରଶାନ୍ତ-କୋଲ୍ଲେରୁ-ମାରେ;
ଦୂରେ, ବହୁଦୂରେ ବିଜନ-ପ୍ରାନ୍ତରେ
ଶୁଭଇ ଶୃଗାଳ-ସ୍ୱନ ,
ମୋର ଦୁଃଖ ଦେଖି ଚତୁଷ୍ପଦ ନିଚ୍ଛ
କରନ୍ତି ଉଚ୍ଚେ ରୋଦନ !
ସୁଖ-ଆସନରେ ବସିଥିଲି, ଧୀରେ
ନୟନ ହେଲା ମୁଦ୍ରିତ;
ଶୋକ-ସଂହାରଣୀ ଆସି ନିଦ୍ରା-ରାଣୀ
କଲେ ମୋତେ କୋଳାଗ୍ରତ ।
ମନ-ବେଦନାକୁ ପାଶୋରାଇବାକୁ
ରଚିଲେ ସ୍ୱପନ-ଦୋଳା,
ମାତା ଯେ' ବିଧିରେ ବ୍ୟଥିତ-ଶିଶୁରେ
ପ୍ରବୋଧନ୍ତି କରି ଖେଳା ।
ସ୍ୱପନ-ଦୋଳାରେ ଉଠିଲି ମୁଁ ଖରେ
ଅତି ଉଚ୍ଚ ବିତାନରେ;

Digitized by srujan ka@gmail.com

ଉଡ଼ିଗଲି ହେଲେ   ଆଲୋକ-ମଣ୍ଡଳେ
ପଡନ୍ତୀ ଘଣ୍ଟ ଭୁଖରେ ।
ଲୁଣ୍ଠନ୍ତି ମାଳ-   ମେଘ ମାଳ-ମାଳ,
ଧୂମ୍ରମୟ ସେ ଜଗତ;
ତହୁଁ ଦିଶେ କ୍ଷୁଦ୍ର   ଧରାରେ ସମୁଦ୍ର,
ପର୍ବତ, ସରିତ-ସ୍ରୋତ ।
ଏକାକିନୀ ମୁହିଁ   ଯାଉଥିଲି ତହିଁ
ମାରୁତ-ଜାହାଜ-ସନେ,
ମେଘ-ମାଳେ ଭାସି   ଗୃହୁଁ ଦ୍ରୁହୁଁ ଆସି
ମିଳିଲେ ତରୁଣ ଜଣେ ।
ଆହା ! କି ସୁନ୍ଦର   ରୂପ ତାହାଙ୍କର !
ନେଲେ ମୋର କର ଧରି;
ଘନ-ଯାନେ ବସି   ତାଙ୍କ କୋଳେ ହସି
ଲଭିଲି ସରଗ-ଶିରି !
"ତୁମ୍ଭେ ମୋ ସୁବଣି,   ମୁଁ ତୁମ୍ଭର ସାଥୀ
ଏ' ବିଜନ-ବ୍ୟୋମ-ଲୋକେ !"
କହିଲେ ତରୁଣ   କରି ଅତି ପ୍ରେମ
ଥାପି କର ମୋ ଚିବୁକେ ।
ପୁଚ୍ଛିଲି ମୁଁ ପୁଣି   ସସଂକୋଚ-ବାଣୀ,
"ରଚିବା କାହିଁ ସଂସାର ?"
"ଅମୃତ-ଆଲୋକେ   ଏହି ତାରା ଲୋକେ !"
ହସି ସେ ଦେଲେ ଉତ୍ତର ।
ସେ ସୁନ୍ଦର-ଯୁବା-   ପରଶେ କି ଅବା
ପୁଲକିଲା ମୋର ତନୁ;

Digitized by srujan ka@gmail.com

ଅକାଳ-ବସନ୍ତ-　　　ମଳୟ-ସଂଜାତ-
　ମୂର୍ତ୍ତିମନ୍ତ କି ଅଟନ୍ତୁ ?
ଅନ୍ତୁ ଁ ଖରେ　　　ମାନସ-ବେଗରେ
　ଭେଦି ସେହି ମାୟା-ପୁଷ୍ପ;
ଯୁବକର କର　　　ଆବଦ୍ଧିଟି ମୋର
　ନତମୁ ନବଡ଼େ ଘେର ।
ପୁଚ୍ଛିଲି ସଭ୍ବର,　　　"କି ନାମ ସୁନ୍ଦର ?
　କେଉଁପୁରେ କର ବାସ ?"
କହିଲେ ତରୁଣ,　　　"ମୋ ନାମ ଜୀବନ;
　ଶରୀର ଅଟେ ନିବାସ ।
ମୋହ ପାଇଁ ଭବୁଁ　　　ସୁଖ-ଦୁଃଖ ସବୁ
　ଅନୁଭବ କରେ ପ୍ରାଣୀ;
ମୋହର ଅଭାବେ　　　ଶରୀରକୁ କେବେ
　କାଏ ନ ଲୋଡ଼ଇ ପୁଣି ।
ଜନକ-ଜନନୀ-　　　ସହଧରମିଣୀ-
　ସୁତ-ସୁତା ସବୁଙ୍କର
ମୋ ହାତରେ ପିନା　　　ରହିଅଛି ସୁନା-
　ସେନେହ-ସମ୍ବନ୍ଧ-ଡୋର !
ମୋ ଭଗିନୀ ଜାଣ　　　'ମାୟା' ଯା'ର ନାମ;
　ଜଗତରେ ମହାରାଣୀ;
ଦୁଇଟି ସନ୍ତାନ　　　ତାହାଙ୍କର ପୁଣ
　'ସୁଖ-ଦୁଃଖ' ନାମ ଘେନ ।
ଅଛି ମୋର ଅତ-　　　ଦୁରନ୍ତ ଅରାତି
　ଦାନବ ସେ 'ମୃତ୍ୟୁ' ନାମେ,

Digitized by srujan ka@gmail.com

କରଇ ସମର — ଯା' ଭୁଲେ ମୁଁ ଘୋର
ଜଗତରେ ଅନୁକ୍ଷଣେ ।"
କହୁଁ କହୁଁ ଏତେ — ଦେଖିଲି ପୁରତେ
ଉଭା ସେ ମୃତ୍ୟୁ-ରାକ୍ଷସ ।
କମ୍ପିଲା ଶରୀର — ବଳେକ ତାହାର
ବିକଟ-ବିକୃତ-ବେଶ !
ଜୀବନ-କୋଳରେ — ଲୁଚି ଯାଇ ଖରେ
କରନ୍ତେ ଆତ୍ମ-ଗୋପନ,
ଭୀଷଣ ରଣରେ — ଚରଣ ସେ ଦେଲେ
ଗଗନେ ମୃତ୍ୟୁ-ଜୀବନ ।
ବ୍ୟୋମ-ମଣ୍ଡଳରୁ — ଜ୍ୟୋତିଷ୍କ ନିବହ
ଉଭେଇ ଗଲେଣି କାହିଁ;
ଶୂନ୍ୟ-ମହାଶୂନ୍ୟ- — ଭବନୁ ପତନ
ହୋଇଗଲା ମୋର ତହିଁ ।
ଉପୁରେ ଚିତ୍କାର — କରି ମୁଁ ସତ୍ୱର
ଦେଖିଲି ଖରେ ମନ୍ଦରେ,
କିଏ ନାହିଁ ପାଶେ — ଅରୁଣ ଆଭାସେ
ଉତ୍ତୁଙ୍ଗ ଅଟ୍ଟାଳିକାରେ ।
ନ ବୁଝିଲା ମନ, — ସତ କି ସ୍ୱପନ
ଅସ୍ତିତ୍ୱ ଭବେ ମୋହର ;
ଜୀବନ-ମୃତ୍ୟୁର — ଭୀଷଣ ସମର
ବ୍ୟାପ୍ତ ବିଶ୍ୱ-ଚରାଚର !
ସେହି ନାଦେ ପରା — ପ୍ରକମ୍ପିତ ଧରା,
ପ୍ରକମ୍ପିତ ତ୍ରିଭୁବନ !

Digitized by srujan ka@gmail.com

ସପନ କି ସତ, ବାହାରେ ବହୁତ
ଶୁଭଇ ବାଦନ-ସ୍ୱନ ।
'ଜୟ-ଜୟ' ସ୍ୱରେ ପ୍ରପୂରିତ ପୁରେ
ଉଚ୍ଛୁଳେ ଗଜ-ନବର;
ନପାରେ ଚରକି ମୃତ୍ୟୁର ଜୟ କି
ଜୟ ହେଲା ଜୀବନର !
ଖରେ ଧାଇଁ ଆସି ମୋ ପାଶକୁ ଦାସୀ
ଭାଷିଲା, "ଗୋ ଜେମାମଣି,
ବହୁତ ଦିନରେ ସମର-ଭୂମିରେ
ଜୟ ହୋଇଅଛୁ ପୁଣି !"
ପଚାରିଲି ମୁହିଁ, "କିଏ ସେ ବିଜୟୀ ?
ମୃତ୍ୟୁ କି ଅବା ଜୀବନ ?"
ଏହି ପ୍ରଶ୍ନ ଶୁଣି ଚକିତେ ସେ ପୁଣି
ଚାହିଁଲା ମୋର ବଦନ ।
କିଛିକ୍ଷଣ ପରେ କହିଲା ଆଣ୍ଠରେ ,
"କଣ୍ଠୀରବଡୁ-ମହାରଣେ
କାଲି ନିଶୀଥରେ ଜୟ କରି ଗଲେ
କର୍ଣ୍ଣାଟର ରଥୀଗଣେ ।"
ଦଣ୍ଡକର ପରେ ବୁଝିଲି ସ୍ପଷ୍ଟରେ
ଯାହା ସେ କହିଲା ଦାସୀ,
ଅବାସ୍ତବୁଁ ନିଜେ ବାସ୍ତବ-ରାଇଜେ
ପହଞ୍ଚିଲି ଯେବେ ଆସି ।
କଣ୍ଠୀରବଡୁ ଜୟ ! ମୋ ମନ ଅଥୟ
ହୋଇଲା ଶୁଣି ସେ କଥା ;

Digitized by srujan ka@gmail.com

ବଜ୍ରକ-ବେଗରେ ହୃଦୟ-କନ୍ଦରେ
ଜାଗିଲା ଦାରୁଣ ବ୍ୟଥା ।
"କହ ଦାସି, କହ ଗଜପତି-ସିଂହ
ବଞ୍ଚିତ ଶୃଗାଳ କରେ ?
ଲୁଚିଲେ କି ସତେ ତପନ ଜଗତେ
ଜ୍ୟୋତିରିଙ୍ଗଣ-ଜ୍ୟୋତିରେ ?
ଗୋଷ୍ପଦ ପରିକ ଗଲା ଏବେ ଶୁଖି
ସୁଗଭୀର ପାରାବାର ?
ମନ୍ମଥ-ଶୃଙ୍ଗରେ ବଲ୍ମୀକ ବଧିରେ
ଟଳିଲା କି ଗିରିବର ?"
ଆନନ୍ଦରେ ହସି ବୋଇଲା ସେ ଦାସୀ
ମୋର ଏ' ବଚନ ଶୁଣି,
"ଗିରିବର ପରି ଗଜପତି-ଶିଷ
ଦଳିତ ଗୋ ଜେମାମଣି !
ଏଇ ଦେଖ ଦୂରେ କୋଞ୍ଜେରୁ ବକ୍ଷରେ
ବିଜୟ-ପତାକା ଧରି
ଆସନ୍ତି ଆମ୍ଭର କର୍ଣ୍ଣାଟକ-ବୀର
ଅର୍ଣ୍ଣବଯାନେ ବହରି ।"
ବାତାୟନ-ପଥେ ଦେଖିଲି ତୁରିତେ
ଶତେଇ ସହସ୍ର ପୋତ;
କୋଞ୍ଜେରୁ ବକ୍ଷରେ କଲ୍ଲୋଳ ସଂଘରେ
କର୍ଣ୍ଣାଟକ-ସୈନ୍ୟ-ସ୍ରୋତ !
ଲୋହିତ-ଚରଣ- କୁଳ ମାଳ ମାଳ
ଉଡ଼ଇ ଉଡ଼ୁ-ଚକ୍ରେ;

Digitized by srujan ka@gmail.com

ସହସା ଅଶେଷ ରକ୍ତ-ତାମରସ
ପ୍ରସ୍ଫୁଟିତ କି ସେ ଜଳେ ?
କି ବା ନୀଳ ସରେ ପଞ୍ଚ-ଶାଟିକାରେ
ହାଟକ-ଜରି-ବୁଟିକା
ବେଷ୍ଟିତ କରି ସେ କଟି ତଟେ ଖୋସେ
କୋଲ୍ଲାଟି ଧରା-ନାୟିକା ?
ବିଜୟ-ବାଦନ ବାଜେ ଅପ୍ରମିତ
ସିନ୍ଧୁ କୋଳାହଳ ପରି;
ଶୁଭେ "ଜୟ ଜୟ କୃଷ୍ଣଦେବରାୟ-
କର୍ଣ୍ଣାଟ-ରାଷ୍ଟ୍ର-କେଶରୀ !"
କନକ-ପିଞ୍ଜରେ ଶୁକ ବାସ କରେ,
କିନ୍ତୁ ସେ ନ ଲଭେ ସୁଖ;
କର୍ଣ୍ଣାଟର ଜୟ- ଉଲ୍ଲାସେ ହୃଦୟ
ତେମନ୍ତ ହେଲା ବିମୁଖ !
କଳ୍ପନା-ମଞ୍ଚରେ ଉଚ୍ଚହୋଇ ଖରେ
ବୋଇଲେ ଉତ୍କଳ-ଜେମା,
"ତୁମ୍ଭଲାଗି ଆଜ ଗଲା ସିନା ଲାଜ
ଉତ୍କଳ-ଉଚ୍ଚ-ଗରିମା !
ବିଶ୍ୱାସରେ ବିଷ- ଦେଇ ସର୍ବନାଶ
କଲ ଗଜପତିଙ୍କର;
ଜଗତରେ କାଳ- କାଳକୁ ରଖିଲ
କଳଙ୍କ-କୀର୍ତ୍ତି ତୁମ୍ଭର !"
ତାଙ୍କ ପରେ ସେହି ମଞ୍ଚେ ଉଭା ହୋଇ
ବୋଇଲେ ସେ ଗଜପତି,

Digitized by srujan ka@gmail.com

"ଦୂର ଦକ୍ଷିଣର ଅବଶ୍ୱାସୀ ନର
ପ୍ରମାଣିତ କଲ ଏଥି ।
ଅନନ୍ତ ନିର୍ଭର କରିବାର ଭଲ
ଫଳ ଦେଇଗଲ ଜେମା !
କାଳ-ନାଗୁଣୀକୁ ଦେଖାଇଲେ ବୁକୁ
ଦଂଶି ଦେଇ ଯାଏ ପିନା !"
ଆହା ! ମୋ ଭାଗ୍ୟକୁ ଥିଲା ହୋଇବାକୁ
ବିଶ୍ୱାସଘାତିନୀ-ନାରୀ !
ସତେ ଏ' ଜନମ ରମଣୀ-ସମ୍ମାନ
ଦେବାକୁ ଜଗତୁ ସାର !
ନ ହେଲେ କପାଇଁ ଶିଶୁ କାଳେ ମୁହିଁ
ଜନନୀ-ସ୍ନେହ-ବଞ୍ଚିତା
ହୋଇଥାନ୍ତି ପୁଣି ସତେ ଅଭାଗିନୀ
ପିତାଙ୍କ କୋଳେ ପାଳିତା ?
ଅମୃତରୁ ବଳି ସ୍ୱାଦୁ ହେବା ଭଳି
ଥାଏ କିଛି ଭବେ,
ହେବ ଉପମିତ ଲାଗଇ ପରତ
ଜନନୀ-ସେନେହ ତେବେ ।
ନୟନରୁ ନୀର ବହେ ଝର-ଝର;
ଆକୁଳିତ ହୁଏ ପ୍ରାଣ;
ଜୀବନ ରଖିବା ଜଗତରେ ଅବା
ଅଛଇ କେଉଁ କାରଣ ?
କର୍ଣ୍ଣାଟ-ନୃପତି ପ୍ରବେଶିଲେ ସେଥି,
ପଛେ ଥିଲେ ପରିକର

Digitized by srujan ka@gmail.com

ରତ୍ନ ଅଳଙ୍କାର- ପୂର୍ଣ୍ଣ ସ୍ୱର୍ଣ୍ଣ-ଘର
ଶୋଭୁଥିଲ ଯା'ର କର ।
ହସି ହସି ପିତା ବୋଇଲେ, "ଗୋ ମାତା,
ଆଜ ଏ ଆନନ୍ଦ-ଦିନେ
ପ୍ରଫୁଲ୍ଲିତ ମନେ ରତ୍ନ-ଆଭରଣେ
ଭୂଷିତ ହୁଅ ଏ' କ୍ଷଣେ ।
ରାଜ-ଦରବାର ଶୋଭିବ ତୁମ୍ଭର
ସୁମଙ୍ଗଳ ସ୍ୱୟମ୍ବରେ;
ଇଚ୍ଛା ଅନୁଯାୟୀ ବରମାଳ୍ୟ ଦେଇ
ବରିବ ବର ସେଠାରେ !
ଆମନ୍ତ୍ରିତ କରି କର୍ଣ୍ଣାଟ-ସଂସାର,
ଉନ୍ନତ-ଉଜ୍ଜ୍ୱଳ-କୁଳ;
ତୁମ୍ଭ ପାଣି ପାଇଁ ରାଜ-ପୁତ୍ରେ ଧାଇଁ
ହୋଇଲେଣି ଆସି ଠୁଳ ।
ଅତି ଅଭାଗିନୀ ଆହା ! ମହାରାଣୀ,
ନାହାନ୍ତି ଏ' ମର୍ତ୍ତ୍ୟପୁରେ,
ଆନନ୍ଦ-ସାଗର ପ୍ରେମ-ସ୍ୱୟମ୍ବର
ଦେଖିବାକୁ ନୟନରେ !"
ଏହିପରି କହି ଝର ଝର ହୋଇ
ଚାଲିଗଲେ ବାହାରକୁ,
ଅତି ତୀକ୍ଷ୍ଣଧାର- କୁନ୍ତରେ ଆମୂଳ
ବିଦ୍ଧ କରିଦେଇ ବୁକୁ ।
ଅବସ୍ଥାର ଦାସ ଅଟଇ ମନୁଷ୍ୟ
ମଣିଲ ଏ' ମାତ୍ର ସତ;

Digitized by srujan ka@gmail.com

ବନ୍ଦେ ଅନୁବ୍ରତ ଜୀବନର ସ୍ରୋତ
ନମାନି ଅସତ-ସତ !
ବିବେକ-ଆଘାତ ଅଟଇ ସଂତତ
ଅଜା-ଯୁଦ୍ଧ ସମ ଲଘୁ;
ଅବସ୍ଥା-ଆବର୍ତ୍ତେ ପଡ଼ିଲେ ମୁହୂର୍ତ୍ତେ
ଗୁରୁ ହୋଇପାରେ ଲଘୁ !
ନିୟତି-ସୂତ୍ରରେ ଗ୍ରଥିତ ସଂସାରେ
ସକଳ ଘଟଣାବଳୀ;
କେଉଁ ବୀର ପାରେ ଚଳି ଜଗତରେ
ଭାଗ୍ୟର କଣ୍ଟକ ଦଳି ?
ମୋ କର୍ମ ବଶରୁ ହୋଇଗଲା ମରୁ
ଉର୍ବର-ଜୀବନ-ଭୂଇଁ
ତୃଷିତ ଆକୁଳେ ଜଳହୁଁ ଲୋଡ଼ିଲେ
ପାଇବ କାହୁଁବା ତହୁଁ !
ଉଦ୍ୟୋଗହିଁ ସିନା କବିର କଳ୍ପନା,
ଆତ୍ମ-ପ୍ରତାରଣା କଥା;
ଅତି ଚମତ୍କାର ! ଅନ୍ଧ ଚରାଚର !
ନ ବୁଝେ ବିଶ୍ୱ-ବ୍ୟବସ୍ଥା ।
ବୀଜପରେ ଦ୍ରୁମ, ପରେ ବୀଜ ପୁଣ,
ଜଗତର ଏ ନିୟମ;
ସେହିପରି ଏକା ମନୁଷ୍ୟ-ଜୀବିକା,
କର୍ମ-ଭାଗ୍ୟେ ବିବର୍ତ୍ତନ !
ଯୁଗ-ଯୁଗ ଧରି ବହୁ ଚିନ୍ତାକରି
କେତେ-କେତେ ଋଷି, ଜ୍ଞାନୀ,

Digitized by srujan ka@gmail.com

କର୍ମ-ସ୍ୱର୍ଗ୍ୟ-ଷତ୍ତ୍ୱ ନ ବୁଝି ନିଯୁକ୍ତ
ଆଶ୍ରିଲେ କାଳ-ସରଣି !
ଚିନ୍ତା-ଜାଲ ମୋର ଛିଣ୍ଡିଲା ସତ୍ୱର
ପ୍ରବେଶି ସେବକା ଯେବେ
ବୋଇଲେ, "ଉଠ ମା କର୍ଣ୍ଣାଟ-ଚନ୍ଦ୍ରମା,
ଶିଙ୍ଗାର ବଢ଼ିବ ଏବେ !
ରାଜାଙ୍କର ଆଜ୍ଞା କେ' କରେ ଅବଜ୍ଞା ?
କାହାର ଏମନ୍ତ ଗୁଣ୍ଠ ?
ଦୁନ୍ଦୁମ୍ବର-ସଙ୍ଗ ପାଇଲାଣି ଶୋଭା
ଯେନ ବାନା, ହାତୀ, ଛତ୍ର !
ଉଠ ଜେମାନ୍ତେଣି, ଦୂରେ ଶୁଭିଲାଣି
ସହସ୍ର କାହାଳୀ ସ୍ୱନ;
ବସନ୍ତ-ଉତ୍ସବ କର୍ଣ୍ଣାଟ-ବୈଭବ,
ଆଜ ଯେ ମଙ୍ଗଳ ଦିନ !"
ଏତେ କହି ଦାସୀ- ଖଣେ ହସି-ହସି
ଧରି ସୁବାସିତ ବାରି
ଅନୁସରି ବିଧି ରାଜକାର୍ଯ୍ୟ ସିଦ୍ଧି
ସ୍ନାନ ସମ୍ପାଦ ମୋହଣ,
ମୂଲ୍ୟବାନ ବାସ ପିନ୍ଧାଇ ସୁବେଶ
କଲେ ଅତି ଯତନରେ;
ରତନ ନିବଦ୍ଧ ମଣ୍ଡିଲେ ମୋ ଦେହ
ଖଞ୍ଜି ଯେ' ଯଥା ସ୍ଥାନରେ ।
ଦୀର୍ଘ ନୀଳ ବେଣୀ ସଯତନେ ବୁଣି
ମଣ୍ଡିଲେ କୁସୁମ-ଗନ୍ଧ ।

Digitized by srujan ka@gmail.com

କଜ୍ଜଳ, ସିନ୍ଦୂର, ଅଳତା, କର୍ପୂର,
ଯାହା ଯହୁଁ ପାଏ ଶୋଭା ।
ଦରପଣ ପାଶେ ଉଭା କରାଇ ସେ
ବୋଇଲେ, "ଦେଖ ଲପନ,
ରମା, ଉମା, ଶଚୀ, ରତି, ରୂପ କନ୍ତି
ଲଜ୍ଜିତ ହୋଇବେ ପୁଣ !
ତିନପୁରେ ନାରୀ ଏମନ୍ତ ସୁନ୍ଦରୀ
ନଥିଲା, ନାହିଁ, ନହେବ;
କେତେ ତପସ୍ୟାର କପାଳେ କାହାର
ରଖିଛୁ ଲେଖି ଦଇବ !"
ବିରକ୍ତରେ ମୁହିଁ ବୋଇଲି, "କିପାଇଁ
ବକ-ବକ ହୁଅ ତୁମେ ?
କାମ ଯେବେ ନାହିଁ ବାହାରକୁ ଯାଇ
ଉତ୍ସବ ଦେଖ ନୟନେ !"
ମୋ ବଚନ ଏକା ସେ ପରିଚାରିକା
ମଣିଲେ ସ୍ନେହ-ଭର୍ତ୍ସନା;
ବୋଇଲେ, "ହେଉମା, ଯାଉଛୁଁ ମଣିମା;
କର ନିର୍ଜ୍ଜନ-ଭାବନା !"
ହସି ହସି ତହୁଁ ଚାଲିଗଲେ ସେହୁ;
ମୋ ପାଶେ ରହିଲି ଏକା
ମୀନାକ୍ଷୀ ନାମକ ବଣ୍ଡାସିନୀ ଏକ
ପ୍ରାଚୀନ ପରିଚାରିକା ।
ମୋହର ଜନନୀ- ସମ ବୟସିନୀ
ଆଦରଣୀ ଏ' ଦାସୀର

Digitized by srujan ka@gmail.com

ଅନ୍ତର ତୃପ୍ତିର ଥାଏ ନିରନ୍ତର
ସେନେହ ପାଇଁ ମୋହର !
ମାତାଙ୍କୁ ହସାଇ ଏହା କୋଳ ପାଇ
ହୋଇଥିଲି ମୁଁ ପାଳିତା;
ଦେଖି ମୋ ଲପନ ବୁଝିଲି ବଦନ,
ଅନ୍ତରେ ମୁହିଁ ଚିନ୍ତିତା !
ଏକାନ୍ତେ ପୁଚ୍ଛିଲି, “କିସ ଜେମା ହେଲି ?
କିପାଇଁ ମଳିନ ମୁଖ ?”
ମୁଁ କହିଲି, “ମାଆ ନାହିଁ ଯାର ଆହା,
ସଂସାରେ କାହିଁ ତା’ ସୁଖ ?”
ନୟନକୁ ପୋଛି ବୋଇଲି ସେ, “ଛି-ଛି !
ନକହ ଆଉ ସେ କଥା;
ଜଗତରେ ନାରୀ- ଦୁଃଖ-ବିଷବଶି
ଜାଣନ୍ତି ପତି-ସ୍ୱବତା !
ତୁମ ଭାଗ୍ୟାକାଶେ ଏ ଶୁଭ ଦିବସେ
ଉଦିବେ ପତି-ତପନ;
ଗତ କଥା ଭାବି ଯାଅ ନାହିଁ ଦ୍ରବି
କର୍ଣ୍ଣାଟ-ସମ୍ରାଟ-ଧନ ! ”
ମୋର ତୃଷିତର ମୁଖରେ ମନ୍ଦାର-
ବିନ୍ଦୁଏ ଦେବାର ପରି,
ବିଷମ ବେଦନା ଆଣି ଦେଲି ସିନା
ସାନ୍ତ୍ୱନା-ବାକ୍ୟ ତାହାର !
ଅବରୁଦ୍ଧ ଦୁଃଖ ହୋଇ ଏକ-ମୁଖ
ବହିଲା ପ୍ରବଳ ସ୍ରୋତ;

Digitized by srujan ka@gmail.com

ବଦନ ଲୁଛାଇ ତା' ବୁକୁରେ ନେଇ
କାନ୍ଦିଲି ମୁହିଁ ବହୁତ !
କ୍ଷଣକର ପରେ ବୋଇଲା ସଧୀରେ,
"ହେବ ସିନା ସ୍ୱୟମ୍ବର,
ତେ' ଧନ ବର୍ଜନେ ଭୀଷଣ ଶ୍ମଶାନେ
ଜଳିବ ଚିତା ମୋହର !"
"ଆହା ! କେଡ଼େ କଥା କହିଲ ଗୋ ମାତା ?"
ବୋଇଲା କାନ୍ଦି ସେ ଦାସୀ;
ମୁଁ କହିଲି, "ନାଶ- ସମାଜକୁ ସାର
ଦେଲି-ମୁଁ ଜଗତେ ଆସି !"
ତହୁଁ ଠିକ-ଠିକ- ସବୁ କଥାଯାକ
କହିଲି ତାକୁ ଫିଟାଇ;
ସରଗରୁ ପଡ଼ି ଗଲି ପରି ଛୁଟି
ତାଙ୍କା ଦେହଲି ସେଠାଇଁ ।
ବୋଇଲା, "ଏକଥା କେମନ୍ତେ ବଧାତା
ସହିବେ ମହୀ-ମଣ୍ଡଳେ ?
କଳଙ୍କ-କାଳିମା ବୋଳା ହେବ କନା
ଉତ୍କଳ-ଭୂଲୁବ-କୁଳେ ?
କର୍ଣ୍ଣାଟ ନୃପତି ଶୁଣି ଏ' ଭାରତୀ
ଆତ୍ମ-ଅପମାନ ଭରେ
ଭିନ୍ନରସ-ନାମ ଜଗତରୁ କାଣ
ପୋଛିଦେବେ ଏକାଥରେ !
ଯାଉ ଅଛି ମୁହିଁ ନୃପତିଙ୍କୁ ତହିଁ
କହିବି ଏ' ସମାଚାର;

Digitized by srujan ka@gmail.com

ରାଜ-ସଂସାରର   ପବିତ୍ର ଅମ୍ବର
ହୋଇବ କି ଛାରଖାର ?"
ଏତେ କହି ସେହୁ   ଯିବା ପାଇଁ ଯହୁଁ
ଉଠିଲା; ଧରି ତା' କର
ବୋଇଲା, "ମୋ ରାଣ,   କାହା ଆଗେ ପୁଣ
ପ୍ରକଟ ଏହା ନକର !
ରାଜ-ସଂସାରରେ   ଶୁଣିଛୁ ପୂର୍ବରେ
ଏହି ଅବସ୍ଥାରେ ସତେ
କଳଙ୍କ ଘୋଡ଼ାଇ   ରଖିବାର ପାଇଁ
ନରହତ୍ୟା ହୁଏ କେତେ !
ବନ୍ଦୀ ହୋଇ ଯାର   ଜଙ୍ଗଲ-କୁମାର
ଅଛନ୍ତି ଏ' ପ୍ରାସାଦରେ;
ତାହାଙ୍କ ଜୀବନ   ଅତି ମୂଲ୍ୟବାନ
ମୋ ଜୀବନ ତୁଳନାରେ !
ଗୋରୁ ମାରି ଶ୍ୱାନ   ପୋଷିବା ସମାନ
ନ କର ବ୍ୟବସ୍ଥା ଏବେ;
ଜୀବନ ପାଇଁ   କେ'ରହିବ ନାହିଁ
କ୍ଷଣ-ଭଙ୍ଗୁର ଏ' ଭବେ ।
ଅଗ୍ନି ଥାଏ ଯେଉଁ   ଶୁଷ୍କ କାଷ୍ଠେ, ସେହୁ
ଯାଏ ସିନା ପୋଡ଼ି ଜଳି;
ଭିନ୍ନରସ୍ଥ ଦ୍ୱିଜ   ହୋଇବ ଦଗ୍ଧପ୍ରାୟ
ପୂର୍ଣ୍ଣ ହେଲେ ପାପ-ଫଳ
ଉପକାର ମୋର   କରିବାକୁ ତୋର
ମନରେ ବଳୁର ଯେବେ,

Digitized by srujan ka@gmail.com

ପ୍ରାଣପତି ସହିଁ ନେଇ ସ୍ଥଳ ତହିଁ
ନକର ବିଳମ୍ବ ଲବେ ।"
ଏହା ଶୁଣି ଦାସୀ ବୋଇଲା ନିଶ୍ୱାସି,
"ଅତି କଠିନ ସେ ପଥ !
ଗୁପ୍ତ-କାରାଗାର ହୋଇଛି ତିଆର
ଭୂମି ତଳେ ଖୋଳି ଗାତ ।
ସୁଡ଼ଙ୍ଗଟି ଭେଦି ଯିବା ପାଇଁ ଫନ୍ଦୀ
କରିପାରେ ମୁହିଁ ଯିନା ;
ଅତି ସୁକୁମାର ତନୁଟି ତୁମ୍ଭର,
ଯାଇ ନ ପାରିବ ଜେମା !"
ଏହି ବାଣୀ ଶୁଣି ମୁଁ ବୋଇଲି ପୁଣି,
"ଯମାଳୟ-ପଥ ଠାରୁ
ଦୁର୍ଗମ-ଦୁର୍ଗରେ ଯିବା ମୋ ପକ୍ଷରେ
ହୋଇ ନ ପାରେ ତ ଗୁରୁ ?
କୁମାରଙ୍କ ପାଇଁ ଦେଇ ପାରେ ମୁହିଁ
ପ୍ରାଣ ହେଲେ ପ୍ରୟୋଜନ;
କିଛି ନ ବିଚାର; ଅତି ଶୀଘ୍ର କର
ଯିବାପାଇଁ ଆୟୋଜନ !"
ପିତାଙ୍କ ସନ୍ତକ ପାଟ-ଛୁରି ଏକ
ଲୁଚାଇ ବସନାଞ୍ଚଳେ,
ବାହାରିଲି ମୁହିଁ ଦାସୀ ସଙ୍ଗ ହୋଇ
ଗୁପତ ପଥେ ଚଞ୍ଚଳେ ।
କେହି ନ ଜାଣିଲେ ଆମ୍ଭେ ଯିବାବେଳେ
ଅଙ୍ଗଣ, ଉଦ୍ୟାନ ତେଜି;

Digitized by srujan ka@gmail.com

ସତେ ଗମେ ଆଜ   ସଂସାର ବରଜ
ମହାପଥ-ଯାତ୍ରୀ ସାଜ ?
କଏ ଜାଣଇ ସେ'   ନିଶୀଥ-ଆକାଶେ
କିପାଇଁ ଖସେ ତାରକା ?
କେଉଁ ଲୋକେ ପୁଣ   ଗମଇ ସେ' ବ୍ୟୋମ
ଉଜ୍ଜ୍ୱଳ କରି ଉଲ୍କା ?
କେବଣ ଦୁଃଖରେ   ଗଭୀର ତମିରେ
ଚନ୍ଦ୍ର ତଳେ ଝରେ ସୁମ ?
କଏବା ବୁଝଇ   କେମନ୍ତେ ଗମଇଁ
ପ୍ରିୟ ଦେହ ତେଜ ପ୍ରାଣ ?
ଅଜ୍ଞାତ-ନଦେଶେ   ଅଜଣା-ପ୍ରଦେଶେ
ଚାଲିଛି ଜନ୍ମଉ-ଧାର;
ବୁଝି ତ ନୁହଇ   ଦଏ କାହା ପାଇଁ
କେତେବେଳେ ଆତ୍ମହରା !
ଗୋଲକ-ଧନ୍ଦାରେ   ଏଡ଼ ଏ' ସଂସାରେ
କାରଣ ଜାଣିବାପାଇଁ
ସେ' ଯାହା ଚିନ୍ତାରେ   ବ୍ୟତିବ୍ୟସ୍ତ ନରେ,
ସମୟ, ସୁବିଧା କାହିଁ ?
ଆତ୍ମ-ସୁଖ ପାଇଁ   ସର୍ବେ'ଛନ୍ତି ଧାଇଁ
ଆଶା-ସମ୍ମୋହନ-ଯାନେ;
କାହାର କଥାକୁ   କଏ ଶୁଣିବାକୁ
ନାହିଁ ଏହି ଧରା-ଧାମେ ।
ସ୍ୱାର୍ଥର ମନ୍ତ୍ରରେ   ଅନ୍ଧ-ତମସରେ
ମୋହିତ ପ୍ରାଣୀ-ଜଗତ;

Digitized by srujan ka@gmail.com

ଏକର ଅନ୍ତର- ବ୍ୟଥାଟି ଅପର
ଜାଣିବ ଆଉ କେମନ୍ତ ?
ଭାବନା-ସ୍ରୋତରେ ଭାସି ଏ' ପ୍ରକାରେ
ପହଞ୍ଚିଗଲି ସଭରେ
ଅସ୍ତ୍ର-ଶସ୍ତ୍ର ଧରି ଜାଗ୍ରତ ପ୍ରହରୀ
ଉଭା ଯେଉଁ ଢାରଦ୍ୱାରେ ।
କହିଲା ସେ' ଖରେ, "ରହ ସେହିଠାରେ !
ନୋହିଲେ ମରଣ ଧ୍ରୁବ !"
ତା' କଥାଟି ଶୁଣି ମୁଁ ବୋଇଲି ପୁଣି
"କେ' ଆମ୍ଭେ କରନା ଠାବ !"
କହିଲା ମୀନାକ୍ଷୀ, "ସାବଧାନ ରକ୍ଷି !
ବୁଝ ଆଗେ ଆମ୍ଭେ କଏ ।
ଜାହାକୁ ବଚନ କହୁଛୁ ଏସନ ?
ଜାଣିଛୁକି ସିଏ ସିଏ ?"
ଦାସୀ ବାକ୍ୟ ଶୁଣି ସାବଧାନେ ପୁଣି
ସମୀପକୁ ଆସି ରକ୍ଷୀ,
କି କରିବ ମନା ? ଭାବି ରାଜ-କନ୍ୟା !
ଚମକି ପଡ଼ିଲା ଦେଖି !
ଭୂମିଷ୍ଠ-ପ୍ରଣାମ କରି ସେ' ବଚନ
କହିଲା ବିନମ୍ର କରି,
"ଆଜ୍ଞାଦେଇ କ୍ଷମା, ତୁମ୍ଭରେ ମହିମା,
କରୁଛୁ ଏହି ଗୁହାରି ।
କର୍ତ୍ତବ୍ୟର ଦାସ ଅଟେ ସିନା ଦାସ
ରାଜ-ଆଜ୍ଞା ପାଳିବାକୁ;

Digitized by srujan ka@gmail.com

କାରାଗାର-ଦ୍ୱାରେ   ନିଶୀଥ ପ୍ରହରେ
ରକ୍ଷକ ମୁଁ ଜଗିବାକୁ ।"
ମୁକୁତାର ହାର   କଣ୍ଠରୁ ବାହାର
କରି ମୁଁ ଦେଲି ତା' କରେ;
ବୋଇଲି, ଚଞ୍ଚଳ   ଅରଗଳ ଖୋଲି
ଯିବୁଁ ଆମ୍ଭେ ଅଭ୍ୟନ୍ତରେ ।"
ମୋ ବଦନ ଦେଖି   ଢୋକ ଗିଳି ରକ୍ଷୀ
ବୋଇଲା, "ରଖ ଏ' ମୁଣ୍ଡ !
ଅଞ୍ଚଳରୁ ଫେଇ   ଦେଖାଇଲି ମୁହିଁ
ସନ୍ଦୁକ-ସଙ୍ଗୀନ ଖଣ୍ଡ ।
ନିରୁତ୍ତର ସେଥୁ   ଫିଟାଇଲା ତହୁଁ
ଲୁହାର ସଦର-ଦ୍ୱାର;
ଚର ଚର ହୋଇ   ଦାସୀ ସଙ୍ଗେ ମୁହିଁ
ପଶିଲି ସେ' ଅଭ୍ୟନ୍ତର ।
ପଛରେ ଚୋଡ଼ାଇ   ବୋଇଲା, "ଦୋହାଇ,
ବିଳମ୍ବ କରିବେ ନାହିଁ !
ପୂର୍ଣ୍ଣ-କଳଶରୁ   ପାଣି ସରୁ ସରୁ*
ପ୍ରବେଶିବେ ରକ୍ଷୀ-ସାଇଁ !
ପାଳି ସାଇ ମୋର   ଆସିବ ସତ୍ୱର
ଦେଖିଲେ ଏ' ବ୍ୟତିକ୍ରମ

---

* ପୂର୍ବେ ସମୟ ଜାଣିବା ପାଇଁ ବ୍ୟବସ୍ଥା ଥିଲା ଯେ ଗୋଟିଏ ଘଟରେ ଜଳ ପୂର୍ଣ୍ଣ କରି ଯେଥିର ନିମ୍ନରେ ଗୋଟିଏ କ୍ଷୁଦ୍ର ରନ୍ଧ୍ର କରାଯାଏ । ସେଥିରୁ ବିନ୍ଦୁ ବିନ୍ଦୁ ଜଳ ପଡ଼ୁଥାଏ । ଏପରି ସ୍ଥଳେ ଘଟରୁ ଶେଷ ଜଳ ବିନ୍ଦୁଟି ଝଡ଼-ପଡ଼ିଲେ ଗୋଟିଏ ପ୍ରହର (ଘଡ଼ି) ଅତୀତ ହେବା ଜଣାପଡ଼େ ।

Digitized by srujan ka@gmail.com

ଝନା ଝଗୃରରେ ଣିରନ୍ଥି ଘା' କରେ
ଜଶିବାକୁ ହେବ ଦାନ ।”
ଆଉ କ କହିଲ ମୋତେ ନ ଶୁଭିଲ;
ଗମିଲ୍‌ ପାତାଳ ପଥେ;
ଅତି ଅନ୍ଧକାର- ପୁର ଭୟଙ୍କର ।
ନରକ ସେ' କ ମରତେ ? ?

Digitized by srujan ka@gmail.com

ଚତୁର୍ଥ ସର୍ଗ

ନାହିଁ ଚନ୍ଦ୍ର, ନାହିଁ ତାରକା,
ନାହିଁ ତପନ ଯେଉଁ ପୁରେ,
ଅତି ଘନ-ଘୋର-ତିମିର
ପରିପୂରିତ ସେହିଠାରେ !
ପିଚ୍ଛିଳ-ବନ୍ଧୁର-ଦୁର୍ଗମ-
ବିଷବାୟୁ-ଦୂଷିତ-ପୁରୀ,
ଗୁମ୍ଫାରେ ମିଳି କ ରହନ୍ତି
ସେହି ଭୂତଳେ ଭୂତ ପୁରି ?
ନର-ଜଗତରୁ ଛିନ୍ନ ସେ'
ଅତି ଦୁଃଖ-ପ୍ରତମ-ଦେଶ,
ପ୍ରସାରିତ ତହିଁ ତମସ
ଯହିଁ ଆଲୋକ ନାହିଁ ଲେଶ !
ଅଜ୍ଞାନର ଘୋର-ଅନ୍ଧାରେ
ସ୍ୱଳ୍ପ-ଜ୍ଞାନର ଜ୍ୟୋତିଃ ସମ
ଅଳ୍ପଦୂରେ ସେହି ଗହ୍ୱରେ
ଜ୍ୱଳେ ପ୍ରଦୀପ ଅନୁପମ ।
ଅନୁସରି ସେହି ଆଲୋକ-
ରେଖା ବନ୍ଧୁର-କାରାଗାରେ
ଗମିଲି ମୁଁ ଦାସୀ ଗହ୍ୱଣେ
ଶୀର୍ଣ୍ଣ-ପଥରେ ଅତି ଖରେ ।

Digitized by srujan ka@gmail.com

ମୃତ୍ୟୁ ପଲ୍ୱପୂଣ-ପରାଣ
ପ୍ରାୟେ ପ୍ରଦୀପ ଜ୍ୱଳେ ଯହିଁ,
ପ୍ରବିଷ୍ଟ ହେଲ ସେ ପ୍ରକୋଷ୍ଠ-
ଭ୍ରାନ୍ତ ମୁହୂର୍ତ୍ତକରେ ମୁହିଁ ।
ଆବଦ୍ଧ ଏ' ବନ୍ଦୀ-ସଦନେ
ପତି ମୋର ଜୀବନ-କାନ୍ତ !
ରୋମାଞ୍ଚିତ ହେଲା ତନୁଟି;
ପ୍ରାଣ ହୋଇଲା ଆକୁଳିତ !!
କେତେଦିନ କେତେ ମୂର୍ତ୍ତି ଗୋ
ଏବେ ଜାଗଇ ଏହି ମନେ !
କେମନ୍ତେ କହିବ କଥାକୁ
ଠେକ ମଥାକୁ ତାଙ୍କ ପନେ ?
ଘଟିବ ନଥିଲା ଏମନ୍ତ
ହେବ ସଙ୍ଗମ-ଯୋଗ ଆସି;
ଚରଣ ଚଳଇ ନାହିଁଯେ
ଦେଖି, ଚକିତ ହୁଏ ଦାସୀ ।
ବୋଇଲା, "ଆସ ମା' ଚଞ୍ଚଳେ;
ସ୍ୱର୍ଗ ଏହି ସେ କାରା-କକ୍ଷ,
ପ୍ରଶସ୍ତ କଥାଟି ମନରେ
ଟିକେ' କରିଥିବଟି ଲକ୍ଷ ।
ବାହାର-ଦୁଆରେ ଜଗି ମୁଁ
ଥିବି, ଯାଅ ମା ଅଭ୍ୟନ୍ତରେ" ।
ଏତେ କହି ଦାସୀ ଦେଖାଇ-
ଦେଲା ପଥ ସେ ଅନ୍ଧକାରେ ।

Digitized by srujan ka@gmail.com

ସଧୀରେ ଦେହଳୀ ଲଂଘି ମୁଁ
ଗଲି ଗୃହ-ଗର୍ଭକୁ ଯେବେ
ଯାହା ହେଲା, ତାହା ସ୍ମରଣେ
ଆହ ! ଗାତ୍ର କମ୍ପଇ ଏବେ !
ଅତି କ୍ଷୀଣ-କ୍ଷୁଦ୍ର-ପ୍ରଦୀପ
ଜ୍ୱଳୁଥିଲା ସେ' କକ୍ଷ-କୋଣେ
ବିକମ୍ପିତ-ଶିଖା ଯାହାର
ଭୀତି ଉପୁଜାଇଲା ମନେ !
ଅନ୍ଧକାର-କୋଳେ ଲୋହିତ-
ଲେଖା ଦେଖା ଯାଉଛି ସତେ,
ତିମିର-ଦାନବ-ଲପନ
ବିଲେପିତ କି ନର-ରକ୍ତେ ?
ଭୟରେ କମ୍ପିଲା ଏ' ଗାତ୍ର
ଯେବେ ଦେଖିଲି, ସୁମଳିନ
କାଷ୍ଠ-ଆସନରେ ଆସୀନ
ଶୀର୍ଣ୍ଣ-ବଦନ-ପ୍ରାଣ-ଧନ !
ନିମଜ୍ଜିତ ଚିନ୍ତା-ସାଗରେ
ସେହି ଶୋକ-ସ୍ତିମିତ-ମୂର୍ତ୍ତି;
ନାହିଁ ତହିଁ ଲବେ ପୂର୍ବର
ସ୍ମିତ-ସରସ-ହାସ-ଜ୍ୟୋତିଃ ।
ଅପଘନ ସଙ୍ଗେ ମନର
ଏତେ ନିବିଡ଼ ବନ୍ଧ ବୋଲି
କୁମାରଙ୍କୁ ଦେଖି ଅନ୍ତରେ
ଏବେ ଅନୁଭବ ମୁଁ କଲି ।

Digitized by srujan ka@gmail.com

ଜଣାଇବ କେଉଁ ଭାଷାରେ
କରି ସମ୍ବୋଧନକୁ ବାରେ
ଯେତେ ଶୋକ ଭରି ରଖିଛୁ
ଏହି ଭଙ୍ଗା-ହୃଦପୁଟିରେ ?
ମୋହର ପାଇଁକ ସେ' ଯିନା
ଏତେ ଦୁଃଖର ଅଧିକାରୀ !
ଏହା ଦେଖିବାକୁ ଯାହା ମୁଁ
'ଆହା ! ରହିଛୁ ଦେହ ଧରି !!
ହଂସୂଲ-ତୂଳର ପଲଙ୍କେ
ଯା'ର ହେଉ ନଥିଲା ନିଦ,
କେମନ୍ତ କଠିନ ବିଧାତା !
ଆଜ ତାର ଏ' ପରମାଦ !!
ଶତ ପରିକର ଯାହାର
ପଦ-ପ୍ରାନ୍ତରେ ଅନୁକ୍ଷଣ
ଖଟୁଥିଲେ; ହାୟ ! ଆଜ ସେ
ଏକା, ବିଜନ-ବନ୍ଦୀ ପୁଣ !
ବିଷଧର ଖର-ଫୁତ୍କାର
ପରି ନିଃଶ୍ୱାସ ତେଜି ମୁହିଁ
ଦେଖିଲି, ଚମକ ପଡ଼ ସେ'
ଫେରି ମୋ ଆଡ଼େ ଦେଲେ ଗ୍ରୀବି ।
ପୁଚ୍ଛିଲେ, "ଦେବୀ ? ନା ଦାନବୀ ?
କିଏ ଆସିଲୁ ଏହି ପୁରେ ?"
କି ଦେବି ଉତ୍ତର ? ସ୍ଫୁରିଲା
ନାହିଁ ଭାଷା ମୋ' ରସନାରେ ।

Digitized by srujan ka@gmail.com

ନୟନକୁ ତୋଳ ଲପନ
ମୋର ·ସ୍ୱଲ୍ଲେନ ଉଲକର
ହସି ଉଠିଲେ ସେ' ଉଦ୍‌ଭ୍ରାନ୍ତ
ଅତି ଉନ୍ମତ୍ତଜନ ପର ।
ଦଣ୍ଡେଯାଏ ହସି ବୋଇଲେ,
"ଭଲ, ଆସିଲ ମାୟାବିନ,
ତୁମ କଥା ଭାଳି ଭାଳି ମୁଁ
ଏବେ ବାତୁଳ ହୋଇଲିଣି !
ଶୁଣିଥିଲି ପିନା ପୂରୁବେ
କେଉଁ ଦୂର-ଦକ୍ଷିଣ-ଦେଶେ
କାମରୂପେ ବାମା ସହସ୍ର-
ଥିଲେ ପୁରୁଷ-ଭ୍ରମ-ବେଶେ !
ଏବେ ତ ଦେଖିଲି ପ୍ରତ୍ୟକ୍ଷେ
ସେହି ପୁରୁଣା-ଶୁଣା-କଥା;
ତୁମରି ପାଇଁକି ମନରେ
ମାତ୍ର ଉପୁଜେ ଏକ ବ୍ୟଥା,
'କେଉଁ ସରଗରେ ହୋଇବ
ସତେ ତୁମର ଠାବ ପୁଣି ?'
ଯେତେ ଦିନ ଥିବ ଜୀବନେ
ହେଉଥିବ ଏ' କଥା ଗୁଣି !
ଭୂତଳେ ମୁ ସୁଖ-ଭୁବନେ
ସିଂହାସନ ପାଇବ ସେହୁ
ନାରୀକୁ ନଥାଏ ବିଶ୍ୱାସ
କରେ ରୂପ-ମୋହରେ ଯେହୁ !"

Digitized by srujan ka@gmail.com

ବନ୍ଧୁ ଦମ୍ଭ ଧରି ସହିଲି
ସେହି ବାକ୍ୟ-ଶାୟକ-ଜ୍ୱାଳା;
ନାରୀ-ନିନ୍ଦା ଶୁଣି ଧଇର୍ଯ୍ୟ-
ବନ୍ଧ ମୋହର ଭାଙ୍ଗିଗଲା ।
ପ୍ରତାଡ଼ିତା ଫଣୀ ପରାୟେ
ଥରେ ଗ୍ରୀବାକୁ ଉଚ୍ଚ କରି
ବୋଇଲି, "ନିରପରାଧିନୀ
ସିନା ସଂସାରେ ଏକା ନାରୀ !
ଦେହର ଶୋଣିତ ପୀୟୂଷ
କରି ବଞ୍ଚାଏ ଶିଶୁ ଯେହୁ,
ତାହାଠାରୁ ବଳି ବିଶ୍ୱାସ-
ଯୋଗ୍ୟ ଜଗତେ କିଏ ଆଉ ?"
ଉଚ୍ଚହାସ୍ୟ କରି କହିଲେ
ସେ' ଯେ ଶୁଣି ମୋହର ବାଣୀ,
"ବାକ୍ୟ-ଛଳନାରେ ଭୁଲିବା-
ମନ ମୋର ବଦଳିଲାଣି !
ହାଟୁଆ ହୁଡ଼ିଲେ ପାଳଏ,
ଚଷା ହୁଡ଼ିଲେ ବର୍ଷକିଏ,
ପ୍ରେମିକ ହୁଡ଼ିଲେ ଭୋଗଇ
ଦୁଃଖ ଜୀବନ ଥିବାଯାଏ !
ଜଳ ଆଣେ ମରୀଚିକାର
ପଛେ ଧାଇଁଲି ଯେଉଁଦିନ,
ବୁଝିତ ନଥିଲି ହୋଇବି
ଶୋକ-ମରୁ-ପ୍ରାନ୍ତରେ ଲୀନ !

Digitized by srujan ka@gmail.com

ମନେପଡ଼େ ଉପଦେଶ ସେ'
ବୃଦ୍ଧ-ରାଜତପସ୍ୱୀଙ୍କର
'ଅବାଧ ବିଶ୍ୱାସ ଅଜ୍ଞାତ-
କୁଳଶୀଳଙ୍କୁ କରିବାର !'
ଲଂଘିଦେଇ ସେହି ସ୍ଥବିର-
ହିତ-ବଚନଗୋଟି ମୁହିଁ
ଯୁବକ-ସୁଲଭ-ଭୁଲରୁ
ଅନୁତାପରେ ହୁଏ ଦହି !
ବିଶ୍ୱାସ କଲି ସେ' ସରଳା-
ସୁକୁମାରୀ-କୁମାରୀ କଥା,
ଜାଣେନାହିଁ ସେତୁ ଜଗଂତ
ନର-ମନର ଆବିଳତା !
କହିଲି ଧନେ ସେ' ବିଶ୍ୱାସେ,
'ସଇ, ହେଲ କି ତୁମେ ବାଇ ?
ସ୍ୱର୍ଗୀୟ-ଅମୃତ-ଧାରକୁ
ବିଷ ମଣିଲ କାହିଁ ପାଇଁ ?
ଅନାବିଳ ସଚ୍ଛ ଅନ୍ତର
ମୁହିଁ ଜାଣଇଁ ଭଲକରି ।
କେମନ୍ତ ଭାଷାରେ ଲକ୍ଷିତ
ଦେଖ ଶଠାଉ ଏ' ତାଙ୍କର !'
ଏତେ କହି ଜଗନ୍ମୋହିନୀ
ପତ୍ର ଗୋଟିଏ ଦେଲା ମୋତେ,
ପଢ଼ି ମୁଁ ରହିଲି, ସଚେତ !
ଭୁଲ ହୋଇ,ଯାଉଛି କେତେ !

Digitized by srujan ka@gmail.com

ରୂଢ଼-ବ୍ୟବହାର ମୋହର
ଦେଇ ନଥିବ କେତେ ବ୍ୟଥା
କୋମଳ-ପରାଣେ ପ୍ରିୟାର !
ତେଣୁ କହିଲା ନାହିଁ କଥା !!
ଅନୁତାପ-ଦଗ୍ଧ-ଅନ୍ତରେ
କ୍ଷମା ମାଗିବା ପାଇଁ ତାକୁ
ଗମିଲି ଚଣ୍ଡାଉ-ବର୍ଣ୍ଣିତ-
ଗୁପ୍ତ-ସଙ୍କେତ-ସ୍ଥାନଟିକୁ ।
ନିଶୀଥ-ନିର୍ଜ୍ଜନ ପଥରେ
ବାହାରିଲି ସୁଡ଼ଙ୍ଗ-ଦ୍ୱାରେ;
ଜାଣିନ ଥିଲି ମୋ ପାଇଁ
ଜନ୍ମା ପଡ଼ୁଛି ମେହ୍ୱଠାରେ !
କଣ୍ଡାବଜ୍ ଦୁର୍ଗ ବାହାରେ
ଥିଲା ଅଶ୍ୱ-ଦୂତ ରହି;
କହିଲା, 'କର୍ଣ୍ଣାଟ-କୁମାରୀ
ଦେଇ ଅଛନ୍ତି ପଠିଆଇ ।
କୋଲ୍ଲେରୁ-ସରସୀ-ସଲିଳେ
ନାବ ମଧ୍ୟରେ ରାଜଜେମା
ଶ୍ରୀଛୁମୁଙ୍କ ପାଇଁ ଅପେକ୍ଷା
କରି ରହି ଅଛନ୍ତି ସିନା !'
ଦେଖାଇଲା ତହୁଁ ମୋହରି
ପରିଣୟ-ମୁଦ୍ରିକା ଫେଇ;
ଅବିଶ୍ୱାସ ପାଇଁ ଅନ୍ତରେ
ଆଉ ସ୍ଥାନ ରହିଲା ନାହିଁ !

Digitized by srujan ka@gmail.com

ବିଦ୍ରୁଙ୍କ ନଗର ଗମିଲି
ତାହା ସଙ୍ଗତେ ଲକ୍ଷ ଘୁଳେ;
ଅଦୂରେ ଦେଖିଲି ନଉକା-
ଟିଏ ଭାସେ ସରସୀ-ଜଳେ ।
ଯବନକାତସ୍ଥ ଆବୃତ,
ନାରୀ-ବ୍ୟବହୃତ ସେ ତରି;
ନୀରବରେ ଆରୋହିଲି ମୁଁ
ତହିଁ ଦୂତର କର ଧରି ।
ତତକ୍ଷଣେ ଭାସିଲା ତରଣି
ଦୂର ଗଭୀର-ଜଳେ ଏକା;
କଏ ତହିଁ ନାହିଁ କାହିଁକି ?
ହୃଦୟରେ ପଶିଲା ଶଙ୍କା ।
'କାହାନ୍ତି କୁମାରୀ ?' ବୋଲି ମୁଁ
ପୁଚ୍ଛା କରନ୍ତେ, ହସି ଦେଇ,
କହିଲା ସେ ଦୂତ, 'ଦେଖିବ
ଚାଲ ବନ୍ଦୀ-ଗୃହକୁ ଯାଇ !'
ବେଷ୍ଟିଗଲେ ଅଦଭୂତରେ
ତହିଁ ସଶସ୍ତ୍ର ସେନାବୃନ୍ଦ;
ବୁଝିଗଲି କଏ ମୋ ପାଇଁ
ପାତି ରଖିଛି କୂଟ-ଫାନ୍ଦ !
ଠକ ପିନା ଲୋକ ଶିଖଇ;
ମୁଁ ଯେ ଠକ ଠକିଲି ପୁଣି !
ଗଜପତି କୋଳେ ଜନମି
କୁଳେ କଳଙ୍କ ଦେଲି ଆଣି !"

Digitized by srujan ka@gmail.com

ଏହ୍ନ ଗିର ଶୁଣି ତାଙ୍କର
ବଜ୍ର ପଡିଲା ପରି ମୁଣ୍ଡେ
ଉତ୍ତର ଦେବାକୁ ମେ ହର
ବାକ୍ୟ ସ୍ଫୁରିଲା ନାହିଁ ତୁଣ୍ଡେ !
ମୋହର ମୁଦ୍ରିକା ପାଇଁକ
ମନ୍ତ୍ରୀ ଥିଲେ ବ୍ୟାକୁଳ ହୋଇ,
ସେ କାରଣ ବୁଝିବାକୁ ତ
ଆଉ ବିଳମ୍ବ ହେଲା ନାହିଁ !
କିଛି କାଳ ବନ୍ଦୀ ମଉନ
ହୋଇ ରହିଲେ ସ୍ତମ୍ଭିତରେ;
ଅଭିମାନ-ଭଗ୍ନ-କଣ୍ଠରେ
ପୁଣି କହିଲେ ଅତି ଧୀରେ !
"ବନ୍ଦୀ କରିଥିଲ ତୁମକୁ
ଯେବେ ଚନ୍ଦ୍ରଗିରିରେ ବୋଲି
ଏ' ତାହାର ପ୍ରତିଶୋଧଟି
ଏବେ ନିଶ୍ଚୟେ ବୁଝିଗଲି !
ଆସିଅଛ ଅଜ ଏଠାକୁ
ମୋର ଦୁଃଖ ଦେଖିବା ପାଇଁ !
କ୍ଷତ୍ରିୟ ହୋଇ ମୁଁ ପ୍ରାଣକୁ
ତିଳେ ଆଶା କରଇ ନାହିଁ;
ସ୍ୱୟମ୍ବର ପଣ ତୁମର
ହେବ ? ଶୁଣିଛି ମୁଁ ଆଗରୁ;
ଅନ୍ତରାୟ ଏବେ ଚହିଁକ
ମୁହିଁ, ହୋଇଛ ମନେ ଭୀରୁ ।

ଶିର ମୋର ସେଥିପାଇଁ କି
　　　　　　ଆଜ ତୁମର ପ୍ରୟୋଜନ !
କ୍ଷମିଯ୍ୟ ମୁଁ. ପ୍ରାଣ ଦେବାକୁ
　　　　　　କେବେ ଭେ ଶୋଚନା ନାହିଁ ଜାଣ !!
ଦୁଃଖ ହୁଏ ମାତ୍ର ଏତିକ
　　　　　　କଥା ରହିବ କାଳେ-କାଳେ,
ତୁମର ମୋହର ପ୍ରୀତିକ
　　　　　　ସାକ୍ଷୀ କେବଳ ଦିଗପାଳେ !!”
ସ୍ତମ୍ଭିତ ହୋଇ ମୁଁ ଶୁଣିଲି
　　　　　　ତାଙ୍କ ମୁଖରୁ ସେ ଘଟଣା !
ମଣିଲି ଖସିକ ଯାଉନ୍ତି
　　　　　　ପାଦ ତଳରୁ ବସୁମତୀ ?
ପଲକ-ବିହୀନ-ନୟନେ
　　　　　　ନଗ୍ନଶରେ ରହିଲି ଚୁହିଁ;
କଣିକାଏ ଦୟା ପାଇଁକି
　　　　　　ଆଜ୍ଞ ଓକର* ମୋର କାହିଁ ?
ଅନନ୍ତ ନଭର ଚରଣେ
　　　　　　ଯାର ଭାବିଥିଲି ମୁଁ ସତେ,
ହାଲ ଦେଇ ଯୁଲି ଯାଆନ୍ତି
　　　　　　ଦୂରେ ଫୋପାଡ଼ି ଦେଇ ମୋତେ !!
ଶୁଖିଗଲା ଏବେ ଅପାର
　　　　　　ଆଶା-ସାଗର ଏ’ ଜୀବନୁ;
ଲିଭିଗଲା ସବୁ ଆଲୋକ-
　　　　　　ରଶ୍ମି ପ୍ରେମ-ପିହିତ-ପ୍ରାଣୁ !

---

* ଓକର=ଇକଲୁ ।

Digitized by srujan ka@gmail.com

ଅବିଶ୍ବାସ-ରୂଷ-ରାକ୍ଷସ
ଗ୍ରାସ କଲା ମୋ ସୁଖରାଶି !
ଅକୂଳ-ନିରାଶା-ସାଗରେ
ଏବେ ଯାଉଛୁ ଏକା ଭାସି !!
ଶେଷ ଥର ପାଇଁ ଆଶ୍ରୟ
ଆଶେ ଧରଣୀ ତଳେ ବସି,
କରୁଣ-କଣ୍ଠରେ ବୋଇଲ,
"ତବ ଚରଣେ ନୁହେ ଦୋଷୀ !
କିଛି ନ ଜାଣଇଁ ମୁହିଁ ଏ'
କଥା, ଜାଣନ୍ତି ଭଗବାନ !
ପ୍ରୀତି ରକ୍ତବନ୍ଧୁ ଭ୍ରମର
ପାଇଁ ଉତ୍ସର୍ଗୀକୃତ ଜାଣ !!"
ନିର୍ଘାତ ଘର ସେ' ଗରଜ
ଆହା ! ବୋଇଲେ ବଚନକୁ,
"ମଣନାହିଁ ମୁହିଁ ନିର୍ବୋଧ-
ଶିଶୁ ମୋହିତ ହୋଇବାକୁ !
ନାଟକୀୟ ରଙ୍ଗମଞ୍ଚରେ
ଅଭିନୟ ପାଇବ ଶୋଭା !
ଅନୁଭୂତି ବଳେ ଦୃଢ଼ ଏ'
ମନ ନୋହିବ ଆଉ ଲୋଭା ।
ଲଳନା-ଛଳନା କଳନା
କିଏ ପାରଇ କରି ହେଲେ ?
ଯା' ଲାଗି ତପସ୍ୱୀ ବଞ୍ଚିଲେ
ଯାଇ ନିର୍ଜନ ବନମାଳେ !

Digitized by srujan ka@gmail.com

ତାରା, ମନ୍ଦୋଦରୀ, ଅହଲ୍ୟା,
ଯେତେ ଥିଲେ ଆଦର୍ଶ-ନାରୀ,
ଅମର-ଅକ୍ଷରେ ଲିଖିତ
ସବୁ ସୁଗୁଣ ତାହାଙ୍କର !
ତୁମ ଜାତି ପାଇଁ ଜଗତେ
କେତେ ନହୁଏ ରକ୍ତପାତ !
ପୃଥିବୀରେ ବହି ଯାଇଛି
କେତେ ମହାସମର-ସ୍ରୋତ !!
କଟାକ୍ଷରେ ବିଷ, ବଚନେ
ବହ୍ନି ଶାଣିତ-କରବାଳ
ନିରୀହ-ପୁରୁଷ-ଶିକାରେ
ତାର ଯୁଗଳ ଦିଅ ଜାଳ !
ଯାଅ ଦୟାକର; ଭୁଲାଇ-
ବାକୁ ନକର ଏ' ଛଳନା;
ତୁମର ଚକ୍ଷୁରୀ-କତୁରି
କାଟି ପାରେ ପାଷାଣ ସିନା !"
ଏତେ କହି ସେହୁ ନିର୍ମମ
ହେଲେ ମଉନ, ଅବସନ୍ନ !
ନିର୍ବାକ, ନିସ୍ପନ୍ଦ, ନିଶ୍ଚଳ
ହୋଇଗଲେ ପୁତ୍ତଳୀ ସମ !!
ବାହାରେ ବାଜିଲା ଆଣ୍ଟରେ
ଘଣ୍ଟା ପ୍ରହରୀ-ନିର୍ଘଣ୍ଟ;
ଦ୍ୱାରଦେଶୁଁ ଦାସୀ ଘୋଷିଲା,
"ସରିଗଲା ପ୍ରହର-କଣ୍ଟ !

Digitized by srujan ka@gmail.com

ଆସ ଆସ ଜେମା, ଚଞ୍ଚଳେ
ଖୁଲିଯିବା ଫାଟକ ଲଂଘି;
କହୁଥିଲ ଦାସୀ ଦିନେ,
ପ୍ରବେଶିବ ତାହାର ସଙ୍ଗୀ !”
ସଜଳ-ଲୋଚନେ ଲୋତକ
ଭରି ଚାହିଁଲ ତାଙ୍କ ମୁଖ;
ଏହି ପରିଣାମ ହୋଇଲ ?
ଏହି ଜୀବନେ ଏହି ସୁଖ ?
ନରକରୁ ବଳି ସହିବା
ପାଇଁ ଦୁଃଖ-ଯାତନା-ଦାଉ
ମଣିଷ-ଜାତିରେ ଜନମ
ଦିଅ ନାହିଁ ବିଧାତା ଆଉ !
ଧୀରେ-ଧୀରେ ମୁଖ ତୋଳିଲ
ବହି ଗମ୍ଭୀର-ଅଭିମାନ,
ଛଳ-ଛଳ ଦୁଇ ନୟନ
ଜ୍ୱଳୁଥିଲ ପ୍ରଦୀପ ସମ !
ଅଶ୍ରୁଭରା-କଣ୍ଠେ କହିଲ,
“ଆଚ୍ଛା, ବୁଝିବ ତୁମେ ଦିନେ,
ଆସୀନ କେ’ ଉଚ୍ଚ-ଆକାଶ-
ସମ ଶାନ୍ତିର ସିଂହାସନେ !!”
ଧୀରେ ଚାହିଁ ଦାସୀ ଗହଣେ
ଫେରି ଆସିଲ ବାହାରକୁ;
ଜୀବନରେ ଆଉ ଭୁଲିବି
ନାହିଁ ସେ ଦିନ ସେ କଥାକୁ !

Digitized by srujan ka@gmail.com

ବଦାୟ ଦେଲି ମୁଁ ଦାସୀକୁ
 'ଅନ୍ତଃପୁରକୁ ଯାଅ' ବୋଲି,
ଦେଖିଲ ପୁରରେ ବ୍ୟାପିତ
 ଶୀର୍ଣ୍ଣ ସରଣି ସେତ୍ତ ସ୍ଥଳୀ ।
ଭଗବତୀଙ୍କର ମନ୍ଦର
 ଥିଲା ଦୁର୍ଗ-ପ୍ରାନ୍ତରେ ଯହିଁ,
ଅସଂଯତ-ପଦେ ଗମିଲ
 ତହିଁ ସଂଯତ ହେବାପାଇଁ ।
ଜିହ୍ୱା-ଲକ-ଲକ ଭୀଷଣ
 ରୁଦ୍ର ! ଖର୍ପର ଧରି କରେ,
ରାଜନ୍ତି ମହିଷ-ମର୍ଦ୍ଦିନୀ-
 ସିଂହ-ବାହିନୀ ସେହିଠାରେ !
ବୋଇଲି, "ପାଷାଣି ! ଜନନୀ
 ହେଲୁ କେମନ୍ତେ ଜଗତର
ରକତ-ଲୋଲୁପ-ରୂପଟି
 କରି ବିକଟ-ଭୟଙ୍କର ?
କେଉଁ ଅପରାଧେ ଜୀବନ
 ମୋର କଲୁ ଶ୍ମଶାନ ଆଜ,
ଅପାର ଆଶାର ସଉଧ
 ମୁହୂର୍ତ୍ତକରେ ଦେଇ ଭାଙ୍ଗି ?
ଶୋଣିତ-ଲାଳସା ଯେବେ ଗୋ
 କାଟି ନିଅ ଶିରଟି ମୋର,
ଜୀବନରୁ ସବୁ ଯାତନା-
 ଦୁଃଖ ନିମିଷେ ହେଉ ଦୂର ।

Digitized by srujan ka@gmail.com

ଶୋଣିତ-ବୋଳିତ-ରସନା
ହେଲା ଲୋଳିତ ମୋ ବଚନେ !
ସ୍ଥିର କରି ଦେଲି ଆନତ
ତାଙ୍କ ପଙ୍କଜ-ଶ୍ରୀଚରଣେ ;
ନୟନ ହୋଇଲା ମୁଦିତ
ଗନ୍ଧ-ମୋଦିତ-ମନ୍ଦିରରେ;
ମଣିଲି ସତେ କି ଜୀବନ
ଅନ୍ତ ହୋଇବ ଏହିଠାରେ !
କେତେକାଳ ଥିଲି ତେମନ୍ତ
ନତ-ନବେଦ-ଅବସ୍ଥାରେ;
ମନେହେଲା ସ୍ୱର୍ଗ-ସୁଖ କି
ଖେଳି ଯାଉଛି ଚରାଚରେ !
ଚମକ ଉଠିଲି ଶୁଣିଲି
ଯେବେ ଶ୍ରବଣେ ପଦ-ଧ୍ୱନି;
ଉଭା ହେଲା କିଏ ଦୁଆର
ଖୋଲି ବନଲା-ସ୍ମୃତି ଗୁଣି!।
ମୁଖ ତୋଳି ଥରେ ଚାହିଁଲି,
ଦେବୀ-ପୂଜକ ସେହିଠାରେ,
ପଳିତ-କେଶ ଯେ ଲେପିତ-
ଚର୍ମ ବୋଳିତ ଚନ୍ଦନରେ ।
ସ୍ନେହ-ସ୍ନିଗ୍ଧ-ମଧୁ-କଣ୍ଠରେ
ଖରେ ପୁଚ୍ଛିଲେ, "କେମାଦେଇ !
ଏମନ୍ତ ସମୟେ ଏଠାକୁ
ଏକା ଆସିଲ କାହିଁପାଇଁ ?"

Digitized by srujan ka@gmail.com

ବୋଇଲି ମୁଁ, "ଭବବନ୍ଧନେ
ସନ୍ତାପିତ ଅନ୍ତର ଯାର,
ଏ ସ୍ଥାନରୁ ବଳି ଆଶ୍ରୟ-
ସ୍ଥଳୀ ସଂସାରେ କାହିଁ ତାର ?"
ହସିଦେଇ ବୃଦ୍ଧ.ବୋଇଲେ,
"ଆହା ! କହିଲ ତୁହ୍ମେ ଯାହା,
ଅନନ୍ତ କାଳରୁ ଭାରତ-
ଇତିହାସରେ ଲେଖା ତାହା !
ଘୋର-ଅନ୍ଧକାରେ ଜଗତ
ଥିଲା ମୋହିତ-ଜଡ଼ ଯେବେ,
ଶକ୍ତି-ସ୍ୱରୂପିଣୀ-ଜନନୀ
ଅବତରିଲେ ଭବେ ତେବେ,
ଦୁଷ୍ଟଙ୍କୁ ସଂହାର ଶିଷ୍ଟଙ୍କୁ
ପୃଥିବୀରେ ପାଳିବା ପାଇଁ
ଯୁଗେ-ଯୁଗେ ଧର୍ମରୂପିଣୀ
ଅବତୀର୍ଣ୍ଣ ଏ' ମହାମାୟୀ !"
ଅମିୟ-ମଧୁର-ଗିରକୁ
ଶୁଣି ସ୍ଥବିରଙ୍କର ମୁଖେ,
ମଣିଲି ଶୀତଳ-ଚନ୍ଦନ
କିଏ ବୋଳିଲା ତପ୍ତ-ବୁକେ ।
ମହା ଖରସ୍ରୋତ-ଆବର୍ତ୍ତେ
ନିମଜ୍ଜିତକୁ ଯେଉଁପରି
ପାରି ହେବାପାଇଁ ଭେଳା କେ'
ଦିଏ ତା' ହାତେ ଦୟା କରି ?

Digitized by srujan ka@gmail.com

ଭକ୍ତିଭରେ ମୁଁ ପ୍ରଣାମ
କରି ଦେବୀଙ୍କ ଶ୍ରୀପଦ୍ମରେ,
ପ୍ରସାଦ-ସିନ୍ଦୂର ବସିଲ
ଦୁଃଖ-ଫୁଲ୍ଲ-କପୋଳରେ !
ମନ୍ତ୍ର-ଶକ୍ତି ପରି ଛୁଟିଲା
ପ୍ଲାବଣ ସ୍ୱର୍ଗୀୟ-ଶାନ୍ତି-ଧାର;
ବୁଝିଲ ନୂତେହ ଉଚିତ
ହେବା ଆକୁଳେ ଆତ୍ମହରା !

ଭୂତଳରେ ସୁଖ-ଦୁଃଖକୁ
ଚିର-କାଳ ଭୋଗିବା ପାଇଁ
ଏ' ଜୀବନ-ଯଉବନ ତ
ସବୁଦିନେ ରହିବ ନାହିଁ !
ତେବେ କାହିଁ ଏତେ ଭାବନା ?
ଏତେ ଆତଙ୍କ ? ଏତେ କଥା ?
ଅଳୀକ-ବିଳାସ ପାଇଁ କି
ପାଇବାକୁ ଅନନ୍ତ-ବ୍ୟଥା ?

ତଇଳ ସରିଲେ ଦୀପ ତ
କେବେହେ ତିଳେ ଜଳଇ ନାହିଁ !
ଜୀବନ-ଅନ୍ତରେ ଜଂଜାଳ-
ଜାଳ ଆଉ ଆସିବ କାହିଁ ?
କହିଲେ ପୂଜକ, "ଚାଲ ମା,
ରାଜା ଅଛନ୍ତି ଅପେକ୍ଷାରେ;
ପାତ୍ର, ମନ୍ତ୍ରୀ, ଅମାତ୍ୟ ଯେ
ପ୍ରବେଶିଲେଣି ସିଂହଦ୍ୱାରେ !

Digitized by srujan ka@gmail.com

ଝଟେ ହେବେ ମହାରାଜା ଯେ
ଏହୁକ୍ଷଣି ଏ' ଦୁର୍ଗ ତେଜ;
ରୁଣ୍ଡହୋଇଲେଣି ହାଡୋଳା
ସୈନ୍ୟ-ସାମନ୍ତ-ଗଜ-ବାଜି !
ଦେବୀଙ୍କ ପ୍ରସାଦ ପାଇଁକି
ମୁହିଁ ଆସିଲି ସିନା ଧାଇଁ;
ବିଳମ୍ବ କରିବା ଏଠାରେ
ଆଜ ଉଚିତ ହେବ ନାହିଁ !"
ବୃଦ୍ଧଙ୍କ ମୁଖରୁ ଏ' ବାଣୀ
ଶୁଣି ହୋଇଲି ଆଚମ୍ବିତ;
ପୁଚ୍ଛିଲି ମୁଁ, "କେଉଁ କାରଣୁଁ
ଏହି ଦୁର୍ଗ ହୋଇବ ତ୍ୟକ୍ତ ?"
ବିସ୍ମୟେ ଗୃହିଁଲେ ସ୍ଥବିର
ମୋର ମୁଖକୁ କିଛି କ୍ଷଣ,
ପଚ୍ଛିଲେ, "ଶୁଣି ନାହିଁକି
ଏତେ ବଡ଼ ଖବର ପୁଣ ?
ସ୍ୱୟମ୍ବର-ସଭା-ମଣ୍ଡପେ
ଦୂତ ଦେଲା ସମ୍ବାଦ ଆସି,
'କଣ୍ଡାବିଡୁ-ଗଡ଼ ଦଖଲ
କଲେ ଅସ୍ତ୍ର ବଳେ ପଶି !
ଆଗତ-ସିତପଖାନ* ସେ,
ଗଜପତି-ପତାକା-କନ୍ଧି;

---

* ସିତପ୍‌ଖାନ୍ ନାମକ ଜଣେ ବୀର ପ୍ରତାପରୁଦ୍ରଙ୍କର ସେନାପତିରୂପେ ଦାକ୍ଷିଣାତ୍ୟରେ ନିଯୁକ୍ତ ହୋଇଥିଲେ । ହିନ୍ଦୁ 'ବିଜୁଳରେ' କୃଷ୍ଣଦେବରାୟ ଆକ୍ରମଣବେଳେ ତାଙ୍କ ସଙ୍ଗେ ଘୋରଯୁଦ୍ଧରେ ସେ ପ୍ରବୃତ୍ତ ହୋଇଥିଲେ ।

Digitized by srujan ka@gmail.com

ଶିର କାଟି ନେଲେ ସକଳ
ଜଗୁଆଳ ସେନାଙ୍କ ତହିଁ !
ବନ୍ଧନ ଥିଲେ ତ ସେଠାରେ
ଗଜପତିଙ୍କ କେମାଦେଈ,
ଉତ୍କଳର ସେନା ତାହାଙ୍କୁ
ତହୁଁ ନେଲେଣି ମୁକୁଳାଇ !
ଏଥିପାଇଁ ବଢଳଛନ୍ତି
ମହାରାଜ, ସାମନ୍ତଗଣ;
ପିଟାଫଖାନର ସଙ୍ଗରେ
ହେବ ଦୁସ୍ତର-ଘୋର-ରଣ !"
ହୁହୁଁ-ହୁହୁଁ ପହଣ୍ଡରକା-
ମାନେ ଆସିଲେ ସେହିଠାକୁ;
ବୋଇଲେ, "ଚଞ୍ଚଳ ମଣିମା
ଜର ବିଜୟ ହାନ୍ଦୋଳାକୁ !
ମହାରାଜ ଆଜ୍ଞା ଦେଲେଣି;
ସବେ ହେଲେଣି ସଜ-ବାଜ;
ପାଟ-ଗଜ-ସୁନା-ହାଉଦା
ପରେ ବିଜୟ ମହାରାଜ !"
ବାହାରକୁ ଆସି ଦେଖିଲ,
ସୁନା-ସିଂହକା ସେହିଠାରେ;
ଦେବାଙ୍କୁ ସୁମର ପଲକେ
ବସିଗଲ ସେ ହାନ୍ଦୋଳାରେ ।
ନୟନରୁ ଦୁଇ ବିନ୍ଦୁ ଗୋ
ଅଶ୍ରୁ ଗଡ଼ି ପଡ଼ିଲା ଗଣ୍ଡେ;

Digitized by srujan ka@gmail.com

ଜୀବନର ସବୁ ମମତା
ଛାଡ଼ି ଚାଲି ଯାଉଛି ଦାରୁଣ !
ସୁଖ-ଦୁଃଖ, ଲଭ-ଅଲଭ,
ଜୟ-ଅଜୟ କରି ସମ,
କହିଥିଲେ ପଥ ଫୁଟିବ
ବୋଲି ସାରଥେ ଭଗବାନ !
ସେହି ମହାମାୟା-ମାଡରେ
ଭ୍ରଷ୍ଟ ହେଲି ବଳଷ୍ଟ ପଥ;
ଜାଣେ ନାହିଁ କେଉଁ ମୁହୂର୍ତ୍ତେ
ଯିବ ସକଳ ଦମ୍ଭ ସରି ।
ଉଠାଇ ହାଡୋଳା-ଭାରକୁ
ଚାଲିଗଲେ ବାହକଗଣ;
କୋଲ୍ଲାଟି-ଗଡ଼ରେ ଛାଡ଼ିଲି
ମୋର ସବୁ ସେ' ବଡ଼ପଣ !
ଅବସ୍ଥା ଫିଟାଇ ଦଅଇ
ଯେଉଁ ଜନ୍ମତ-ଜ୍ଞାନ-ନେତ୍ର,
ଛାତ୍ରକୁ ତା' ଦେଇ ନ ପାରେ
କେଉଁ ଶିକ୍ଷକ ଧରି ବେତ୍ର !
ଧାଇଁଛି ଜୀବନ-ସରିତ;
ନାହିଁ ଆଜର କଥା କାଲି;
ଅଜଣା-ଘଟଣା-ସ୍ରୋତରେ
ଭାଗ୍ୟ-ତରଣୀ ଭାସେ ଖାଲି !

Digitized by srujan ka@gmail.com

ପଞ୍ଚମ ସର୍ଗ

ଜନପଦ, ଗ୍ରାମ, ପରବତ, ବନ,
ନଦୀ, ଉପତ୍ୟକା କରି ଲଂଘନ,
ଦ୍ୱିଲକ୍ଷ ସୈନ୍ୟ ଉପକୂଳ- ମାର୍ଗେ
ବାହାନ-କାର୍ଥେଜ-ବୀର-ସୈନ୍ୟ ।
ଶମନ କି ଖରେ ବିକଟ ବେଶରେ
ଧାଇଁଛି ସଂସାର ସଂହାରିବାକୁ ?
ନଗର ନଗର ପ୍ରଜାକୁଳ ଭାଜି
ଲୁଟନ୍ତି ଜୀବନ ବଞ୍ଚାଇବାକୁ ।
ଆହା ! ଏହି ଜଗତେ ଅଛଇ କରତେ
ମାନବର ମହା-ଅରି ମାନବ !
ବ୍ୟାଘ୍ର-ଭଲ୍ଲୁକଠୁ ପରି ଭୟଙ୍କର !
ଗ୍ରାସ କରେ ଯେଣୁ ଜ୍ଞାନ-ଗୌରବ !!
ଯତ୍ନେ ! ଯା'ନ୍ତି ସେନା କରି ସବୁ ଚୂନା
ଗର୍ବଭରେ ଦର୍ପ ପ୍ରକାଶି କରି,
ନଗର ପ୍ରକାର ସୁନାର ସଂସାର
ମରୁ ସଙ୍ଗେ ସମ କରି ଛାଡ଼ି ଫେରି !
ବଳ-ବୁଦ୍ଧି ଦେଇ ଗଢ଼ିଲ କି ବିଧି
ଜଗତରେ ଏହି ମନୁଷ୍ୟ ଜାତି,
ଧର୍ମ-ବନ୍ଧନକୁ ମୂଳୁଁ ଛେଦିବାକୁ
କରିଦେଇ ତାକୁ ଶାଣିତ-ହାତ ?

Digitized by srujan ka@gmail.com

ପ୍ରମୋଦ ଲଭଇ ସଦା ଯେ' ଭାଇ
ଜଗତେ ଏହି ତ ମଣିଷ ଜାତ !
ଅହଂକାର ଯା'ର ଅସୀମ-ଅପାର;
ଦୟା-ମାୟା ଟିକେ ନାହିଁ ଯା' ଚିତ୍ତ !
ସମ୍ପଦ, କ୍ଷମତା ପାଇଁ ପିତା, ମାତା,
ଭାଇ, ବନ୍ଧୁ ବିସର୍ଜଇ ସ୍ୱଜନେ,
ହତଭାଗ୍ୟ ସେହି ନର ଏହି ମହୀ,
କ୍ଷଣେ ନାହିଁ ସୁଖ ଶାନ୍ତ ଯା' ପ୍ରାଣେ !
'ରଣ' ବୋଲିବାର ଭୀଷଣ-ବ୍ୟାପାର
ଆଜି କେହି ପ୍ରାଣୀ ଭାବଇ ନାହିଁ;
ଶାଣିତ-ଛୁରିକା ମାରିବାକୁ ଏକା
ଦକ୍ଷ ନର ଭାଇ-ବକ୍ଷରେ ଭାଇ !!
କେତୁ ଦିନ ପରେ ଗୋଦାବରୀ-ତୀରେ
ସ୍ଥାପିତ ହୋଇଲା ଆମ୍ଭ ଶିବିର;
ନୀଳ-ବନମାଳେ ନିକୁଞ୍ଜ-ଗହ୍ୱଳେ
ରାଜେ ଯହିଁ ରାଜମହେନ୍ଦ୍ରପୁର !
ଏହି ସେ' ପାବନ- ନଦୀ-ତୀର-ବନ;
ରଚିଥିଲେ ପର୍ଣ୍ଣ-କୁଟିର ଯହିଁ
ପିତା-ସତ୍ୟ ପାଇଁ ରାମ-ରଘୁପ ଇଁ
ଜଗତର ଆଦର୍ଶ ଶିଖାଇ ମହୀ !
ପୁରାଣ-ବର୍ଣ୍ଣିତ ଏହି ସେ' ବିଶ୍ରୁତ
ଯୁକ୍ତ-ନୀରବେଣୀ-ମହାପାବନ !
ଯା' ତଟରେ କେତେ ତପୀଏ ନିବସେ
ରଚିଥିଲେ ପୂତ ପୂତ-ଆଶ୍ରମ !

Digitized by srujan ka@gmail.com

ଆହା ! କାଳବଶେ   ଆଜ ସେ' ପ୍ରଦେଶ
ମହା ଭୟଙ୍କର ସମର-ସ୍ଥଳୀ !
ଧନ୍ୟ ଧନ୍ୟ କାଳ !   ମହିମା ତୁମ୍ଭର,
କେତେ ରଙ୍ଗେ ସତେ ରଚନ୍ତ ଖେଳା !
ବନ-ଗ୍ରାସ ହୋଇ   ଗୁଳ୍ମଅଛି ବନ୍ଧ
ଦଣ୍ଡ, ଫଳ, ଲତା, ବଲତା ଛଳେ !
କେତେ କେତେ ବୀର,   ଜ୍ଞାନୀ, ନରବର,
ଲୀନ ହୋଇଲେଣି ତୁମ୍ଭ କବଳେ !
ପ୍ରାଣର ସୁତକୁ   ହାରିବା ମାତାଙ୍କୁ
ତୁମ୍ଭ ବିନୁଁ କିଏ ଦିଏ ସାନ୍ତ୍ୱନା ?
ପତି-ହରା-ଜାୟା   ପାଇ ତୁମ୍ଭ ଛାୟା
ପ୍ରଶମିତ କରେ ସନ୍ତାପ ସିନା !
ହେଲା ଶିଥିଳିତ   ଦୁଃସହ-ଅଘାତ
କାଳ ବଶେ ମୋର ଦୁଃଖ-ଦାରୁଣ;
ଗୋଦାବରୀ-ତୀରେ   କର୍ଣ୍ଣାଟ-ଶିବିରେ
ଗୁଳିଗଲା କେତେ ରଜନୀ, ଦିନ !
ପୂରୁବ ଦିଗରେ   ଉଦି ରବି ଖରେ
ଲଭନ୍ତ ପ୍ରତୀଚୀ-ଗଗନ-କୋଳେ;
ରହିଥାଏ ଗୁହିଁ   ଉଦାସିନୀ ମୁହିଁ
ବିଷାଦ-ପରାଣେ ସଞ୍ଜ-ସକାଳେ ।
ଅବହେଳିତ ସେ'   ନଦୀ-ତୀର-ଦେଶେ
ଝରି ଯାନ୍ତି କେତେ ପ୍ରସୂନ-ମାଳା;
ବିହଙ୍ଗ-କାକଳୀ-   ମାଧୁରିମା ବୋଳି
ଗାନ କରେ କିବା କାନନ-ବାଳା ?

Digitized by srujan ka@gmail.com

ରକତ-ଚନ୍ଦନ   କରି ବିଲେପନ
        ଅବତରେ ଉଷା ଗଗନ-ସ୍ଥଳେ;
ଉଜ୍ଜ୍ୱଳ-ବାଦଲ-   ତରଙ୍ଗର ମାଳ
        ବନାନେ ବିକାଶେ ଅତି ମଞ୍ଜୁଳେ !
ବହୁ ଦିନ ବିତି   ଗଲାଣି; ଅଗଣ୍ଡ
        ପ୍ରନ୍ତରେ ଯୋଧେ ନ ସରଇ ସମର;
‘ଅଦୂରେ ଉତ୍କଳ-   ବଳ ବେଢ଼ୁଁ ବେଳ
        ଶିଥିଳ ହେଲାଣି’ କହିଲା ସ୍ୱର ।
ଶୁଣିଲି ମୁଁ ଦିନେ   ଦୂର ଶୈଳ-ବନେ
        ସିତଫଂଖାନର ହେଲା ନିଧନ ।
ପୂର୍ବ-ସିନ୍ଧୁ-ତୀରେ   ପଳାୟିତ ଖରେ
        ଗଜପତିଙ୍କର ଭଗ୍ନ-ସଇନ୍ୟ ।
ଉଚ୍ଚ-ଗିରି ଭେଦି   ବହିଯାଏ ନଦୀ
        ପ୍ରବଳ-ବେଗରେ ଯେମନ୍ତ ପୁଣି,
ଚଳିଲେ ପୂର୍ବକୁ   ଶତ୍ରୁ ନାଶିବାକୁ
        ବିରାଟ-କର୍ଣ୍ଣାଟ-ରାଷ୍ଟ୍ର-ବାହିନୀ !
ଶିବିର ସଙ୍ଗତେ   ଚଳନ୍ତି ନିରତେ
        ଅଶ୍ୱ-ଗଜ-ଉଷ୍ଟ୍ରପଲ-ପଦାତି;
ସାଗର-ଜୁଆର   ପରି ଭୟଙ୍କର
        ଦିଶଇ ସେ’ ଅନୀକନୀ-ଆକୃତି !
କେତେ ନଦୀ, କେତେ   ବନ, ପରବତେ
        ଖେଦି ଚଳିଅଛି ଦ୍ରାବିଡ଼-ବଳ;
ରଣ-ଉନମାଦେ   ‘ଜୟ ଜୟ’ ନାଦେ
        ପୂରିତ ସମସ୍ତ ଦିଗ-ମଣ୍ଡଳ !

Digitized by srujan ka@gmail.com

ପଦ୍ମନୂର* ନାମେ ଥିଲା ସେହି ସ୍ଥାନେ
ବୈଭବ-ଶାଳିନୀ-ରମ୍ୟ-ନଗରୀ;
କର୍ଣ୍ଣାଟକ-ସୈନ୍ୟ ଅତ୍ୟାଚାରେ ପୁଣ
ଅସ୍ତମିତ ହେଲା କ୍ଷଣେ ତା' ଶିର !
କେ' ବର୍ଣ୍ଣିବ ଦୁଃଖ ସେ' ନାଗରିକଙ୍କ ?
ଆହା ! କି ନିର୍ମମ ସମର-ଭୂଇଁ !
ସ୍ନେହର ସନ୍ତାନ ତେଜି ମାତା ପୁଣ
ଚାଲିଯାଏ ପ୍ରାଣ ରଖିବା ପାଇଁ;
ବୃଦ୍ଧ-ପିତା ଛାଡ଼ି ପଳାଏ ଦଉଡ଼
ଜୁଆନ-ସନ୍ତାନ ଜୀବନ ଆଣେ;
ଅନ୍ଧ-ମାତା କାନ୍ଦି ଅପେକ୍ଷିତା ହୋଇ
ବସନ୍ତି ଦୁଆରେ କୁଟିର ପାଶେ;
କାନ୍ଦି 'ମାଆ' ବୋଲି ଦାଣ୍ଡେ ଯାଏ ଚାଲି
ଜ୍ଞାନ-ହୀନ-ଶିଶୁ-ସନ୍ତାନ କାନ୍ଦି;
ଅସୂର୍ଯ୍ୟ-ସ୍ପରଶା ଫେଇ ବେଶ-ଭୂଷା
ରାଜ-ଦାଣ୍ଡେ ଧାଏଁ ଶିଥିଳ ହୋଇ !
ଆହା ! ଏକି ଦୃଶ୍ୟ ରଚଇ ମନୁଷ୍ୟ !
ଭଗବାନ ! ଏକି ଭ୍ରମର ଖେଳା ?
କଣ୍ଠାକୁ କଣ୍ଠାରେ ଛାଡ଼ିବା ମିତରେ
ଜଗତରେ କରେ ସମର-ଲୀଳା ??
ବିଜୟର ସ୍ତମ୍ଭ କରି ଅତି ଦମ୍ଭ
ଚାଲିଗଲେ ପଶ୍ଚିମ-ମୁଖେ ବାହିନୀ;

---

* ପୋଟନୁରୁଙ୍କିଟି ବା ପଦ୍ମନୂର ନାମକ ଏକ ସମୃଦ୍ଧିଶାଳୀ ନଗରୀ କଳିଙ୍ଗରେ ଗଜପତି ରାଜାମାନଙ୍କର ଏକ ରାଜଧାନୀ ଥିଲା । ଆଧୁନିକ ଭିମ୍‌ଲିପଟ୍ଟନ ନିକଟରେ ଏହା ଅବସ୍ଥିତ ।

Digitized by srujan ka@gmail.com

ଉଲ୍ଲଂଘନ କରି ନଦୀ, ବନ, ଗିରି,
ପ୍ରବେଶିଲେ ଝାଡ଼ଖଣ୍ଡ-ଅବନୀ ।
ଦୁସ୍ତର-କାନ୍ତାର ମୁଖରିତ ଘୋର
ସିଂହ, ବ୍ୟାଘ୍ର, ଭଲ୍ଲୁକର ଗର୍ଜନେ;
ମଲ୍ଲିକ ମର୍ଦନ- ଗିରି* ଅନୁପମ
ଗୋଦାବରୀ-ଶାଖା ବହେ ଯେ' ସ୍ଥାନେ ।
ଏହି ସେହି ସ୍ଥଳୀ ବୃନ୍ଦାବନ ଭଳି
ରାସ-ସ୍ଥଳୀ ସଙ୍ଗେ କରି ସମାନ
ହରି-ନାମ ଗାଇ ହୋଇଥିଲେ ବାଇ
ଭକ୍ତଗଣ ସହ ପ୍ରଭୁ-ଚୈତନ୍ୟ† ।
କାହିଁ ସେହି ଶୁଭ- ସଂକୀର୍ତ୍ତନ-ରବ ?
କାହିଁ ଆଜିର ଏ' ନିଦାଘ-ଶାନ୍ତ ?
ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ,
ଭବବ୍ୟବହାର ଏ' ଯିନା ସତ !
ମଲ୍ଲିକ ମର୍ଦନ- ଗିରି ମନୋରମ,
ରହିଛି ତେମନ୍ତ ଶାନ୍ତ-ନିସ୍ତବ୍ଧ !
ଶ୍ୟାମଳ-କାନନ ଯହିଁ ସୁବିସ୍ତୀର୍ଣ୍ଣ-
ଦିଗନ୍ତ-ବ୍ୟାପିତ ଅତି ମଞ୍ଜୁଳ !
ବନ-ପରଜାଙ୍କ ପଲ୍ଲୀ ଏକ ଏକ
ଦିଶଇ ନୟନେ ନିକୁଞ୍ଜ-ମାଳେ;

---

* ଏଥିର ଆଧୁନିକ ନାମ 'ମାଲ୍‌କାନ ଗିରି' (କୋରାପୁଟ ଜିଲ୍ଲା)

† ଏହି କାବ୍ୟଗତ କାଳର ୪୩୫ ବର୍ଷ ଆଗରୁ ଶ୍ରୀଚୈତନ୍ୟ ଏଠାକୁ ଆସିଥିଲେ । ସେଥିର ସମୟ ପ୍ରାୟ ୧୫୧୦-୧୨ ଖ୍ରୀଷ୍ଟାବ୍ଦ ।

Digitized by srujan ka@gmail.com

ଆଟବିକ-ଜାତ ନଗ୍ନ ଜାନୁ-ଗୁଣ୍ଠ
ଯୁବତୀ ଢ଼ାଳଇ ଅପାଙ୍ଗ ଲୋଳେ* ।
ପେଶଲ-ଯୁବକ ବନ୍ଧଇ ଶାୟକ
ନିଃଶଙ୍କ-ପରାଣ ସିଂହ-ଶିକାରେ;
ଅମାୟିକା ଅତି ପରଜା-ଯୁବତୀ
ଅପାଙ୍ଗରେ ଯୁବା ମାନସ ହରେ;
ଆହା ! କି ସରଳ, ଶାନ୍ତ, ସୁକୋମଳ,
ନୈସର୍ଗିକ-ବନବାସୀ-ଜୀବନ !
କେଉଁ ରାଜପୁରେ ଏମନ୍ତ ସଂସାରେ
ଉଚ୍ଛୁନ୍ନ† ବିଳାସୀ-ଜନଙ୍କ ମନ ?
ଥାଟ ଦେଖି ଡରି ମୃଗ-ପଲ ପରି
ପଳାୟିତ ଦୂର-ଘନ-ବନକୁ
ଶିଖରୀ-ଶିଖରେ ବିଲୋକି ସେ' ଖରେ
ସଭ୍ୟ-ଦେଶ-କ୍ରୂର-ନର-ପଶୁଙ୍କୁ ।
ଗିରି-ସଙ୍କଟରେ ଗୃଳନ୍ତ ଦର୍ପରେ
କର୍ଣ୍ଣାଟ-ବାହିନୀ ଜୟ-ଉତ୍ସବେ;
ସମର-ବାଦନ ବାଜଇ ବହୁତ
କରାଳ-ଉଲ୍ଲୋଳ-ସିନ୍ଧୁ-ଆରବେ ।

---

* କିମ୍ବଦନ୍ତୀ ଅଛି, ପୂର୍ବେ ସୀତାଙ୍କ ଶାପରେ ପଡ଼ି ବଦା ପରଜାମାନେ ବସ୍ତ୍ର ପରିଧାନ କରନ୍ତି ନାହିଁ । ସେଥିର ବ୍ୟତିକ୍ରମରେ ବାଘ ଖାଇଯାଏ ବୋଲି ଅଦ୍ୟାପି ସେମାନେ ବିଶ୍ୱାସ କରନ୍ତି ।

† ଉଚ୍ଛୁନ—ସ୍ଫୀତ ।

Digitized by srujan ka@gmail.com

କଣ୍ଟୁ ଦନ ପରେ ମତ୍ସ୍ୟ-ତୀର୍ଥ(୧)ଠାରେ
ସ୍ଥାପିତ ହୋଇଲା ଶିବର ଶ୍ରେଣୀ;
ଆଦ୍ୟ-ଅବତାର ପ୍ରଭୁ-ମହେଶ୍ୱର
ପବିତ୍ର କରନ୍ତି ଯେଉଁ ଧରଣୀ ।
ତ୍ରିକଳିଙ୍ଗ-ରାଜ୍ୟ- ସର୍ବଦେଶ-ପୂଜ୍ୟ,
ଯା'ର ଚତୁସ୍ସୀମା ଅତି ପାବନ
ଦଶ ଅବତାର ବନ୍ଦ ବିଷ୍ଣୁଙ୍କର;
ତହିଁ ଏହି ମହୀ ସର୍ବ ପ୍ରଥମ ।
ଶିଳା-ଶୈଳ-ଭେଦ ସ୍ୱଚ୍ଛ ଶିଳାନଦୀ(୨)
ପ୍ରବାହିତ ହୁଏ ଦକ୍ଷିଣ-ମୁଖେ;
ତପୋବନ ଠାରୁ ଅତି ରମ୍ୟ-ସ୍ଥଳୁ-
ବନଭୂମି ରାଜେ ନେତ୍ର-ସମ୍ମୁଖେ ।
ଯହିଁ ସୁଶୋଭିତ ସଲିଳ-ପ୍ରପାତ
ଭୀଷଣ-ଲଳିତ ସେ ଡୁମୁଡୁମା(୩)
କବିତା-କଣ୍ଠରେ ଭାଷାହିଁ ନଷ୍ଟରେ;
ଜଗତରେ କାହିଁ ନାହିଁ ଉପମା !

---

(୧) କୋରାପୁଟ ଜିଲ୍ଲାର 'ମାଛକୁଣ୍ଡ' ପୂର୍ବେ ସ୍ଥାନୀୟ ମତ୍ସ୍ୟ ବଂଶୀୟ ରାଜା ମାନଙ୍କର ଏକ ପ୍ରଧାନ ତୀର୍ଥକ୍ଷେତ୍ର ହୋଇଥିଲା ।

ପୂର୍ବେ ତ୍ରିକଳିଙ୍ଗର ଚତୁଃପାର୍ଶ୍ୱରେ ବିଷ୍ଣୁଙ୍କର ଦଶ ଅବତାର ପ୍ରତିଷ୍ଠା ଲାଭ କରିଥିବା ଜଣାଯାଏ । ସେଥିରୁ ମତ୍ସ୍ୟତୀର୍ଥ ପ୍ରଥମ କ୍ଷେତ୍ର ।

(୨) ଶିଳା ନଦୀ ତଟବର୍ତ୍ତୀ ଭୂଖଣ୍ଡ ପୂର୍ବେ ଶିଳାବଂଶୀୟ ରାଜାମାନଙ୍କର ରାଜ୍ୟ ଥିଲା ।

(୩) ଯେଉଁ ଜଳପ୍ରପାତକୁ ସାଧାରଣତଃ 'ଡୁଡୁମା' ବୋଲି କୁହାଯାଏ, ତାହା ସ୍ଥାନୀୟ ଭାଷାରେ "ଡୁମୁଡୁମା" ଅର୍ଥାତ୍ ଜଳ-ପ୍ରପାତ ଶବ୍ଦରୁ ଜାତ ।

Digitized by srujan ka@gmail.com

ଭୀଷଣ ନିର୍ଘୋଷେ ଚମକି ଆକାଶେ
ରଚଇ ସେ' ଇନ୍ଦ୍ରଧନୁର ଲୀଳା,
ବନ୍ୟାର ଶୀତଳ- ଶୀକର-ଅନିଳ
ବହୁଛି କି ଛବି ସାନ୍ଦ୍ର-ଖେଳା ?
ସେ' ଜଳ-ପ୍ରପାତ ଗଜତ ଯେମନ୍ତ
ସୁମତ୍ତ-ଗିରି-କରି ଯେଠାରେ
ଶୁଣ୍ଡିକୁ ବିସ୍ତାରି ସକ୍ରୋଧେ ଶୁଙ୍କାରି
ପୃଥ୍ୱୀ କମ୍ପାଇ ଗର୍ଜନ କରେ !
କବି ଗିରୀଶ୍ୱର ବନ୍ଧୁ ଉର୍ଜ୍ଜ୍ୱଳ-
ଶାଣିତ-କୃପାଣ ପ୍ରଭାବ ଛଳେ
ବୋଲଇ ବଚନ, "ଶୁଣ ବୀରଗଣ,
ଯେ' ଅଛ ସୁପୁତ୍ର ଆସ ଏ' ସ୍ଥଳେ !"
କି ଅବା ପ୍ରକୃତ ବନ୍ଧୁ ରମ୍ୟ ଦ୍ୟୁତି-
ମଣ୍ଡିତ ସଲିଳ-ପ୍ରପାତ-ଦେହେ
ବିଗଳିତ ଚନ୍ତିଁ ଉନ୍ନତିର ପାଇଁ
ମାନବିକ ଶକ୍ତି ଦ୍ୟୁତି-ପ୍ରବାହେ ।
କତିଦିନ ଚନ୍ତିଁ ଥିଲୁଁ ଆମ୍ଭେ ରହି;
ଶୁଣିଲୁଁ ସେ ଦେଶ ବୀର-ରଜନ
ଗଜପତିଙ୍କର ଦକ୍ଷିଣ-ଦୁଆର-
ରକ୍ଷକ ଭୈରବଦେବ ଯା' ନାମ*
ବହୁ ବଳ ଧରି ନନ୍ଦପୁର ଗିରି-
ଦୁର୍ଗଟି ଆରୂଢ ଅଛନ୍ତି ପଥେ,

---

* ଜୟପୁର ରାଜ-ବଂଶର ତୃତୀୟ ରାଜା ଭୈରବଦେବ ୧୫୧୦-୨୭ ଖ୍ରୀଷ୍ଟାବ୍ଦରେ ନନ୍ଦପୁର ଠାରୁ ଶାସନ କାର୍ଯ୍ୟ ଚଳାଉଥିଲେ ।

Digitized by srujan ka@gmail.com

ଘନ-ବନ-ମାଝେ   ଅତି-ଉଚ୍ଚ-ଶୈଳେ
ଦୁରନ୍ତ-ପାର୍ବତ୍ୟ-ସେନା ସଙ୍ଗତେ ।
ପିତାଙ୍କ ଆଦେଶେ   ଉଡ଼ୁମା-ପ୍ରଦେଶେ
ସ୍ଥାପିତ ହୋଇଲା ଆମ୍ଭ ଶିବିର;
ଧୂଳିଲେ ସକଳ   କର୍ଣ୍ଣାଟକ-ବଳ
ଛୁଡ଼ ହଗୁଆଳ-ସୈନ୍ୟ ମାତର ।
ଅତି ଦୁର୍ନିବାର-   ଯୁଦ୍ଧ ସେ' କାନ୍ତାର-
ଗଇଜରେ ଲଗି ରହିଲ ପନ୍ଥ,
ମତ୍ସ୍ୟ-ତୀର୍ଥଠାରେ   କର୍ଣ୍ଣାଟ-ଶିବିରେ
ବାସ କରିବାକୁ ହୋଇଲୁ ଚହୁଁ ।
ପର୍ବତ-ସଙ୍କୁଳା-   ମତ୍ସ୍ୟ କୁଣ୍ଡେ* ଖେଳା
କରନ୍ତି ନିରତେ ମୀନ-ମଣ୍ଡଳୀ;
ଜୀବ ହିଂସା ପାହିଁ   ବିବର୍ଜିତ ହୋଇ
ରାଜେ ତପୋବନ-ପାବନ ଭଳି !
କେତେ ପୁଷ୍ପ-ଗୁଚ୍ଛ   ଭାସି ଯାଏ ସ୍ୱଚ୍ଛ-
ମତ୍ସ୍ୟ-କୁଣ୍ଡ-ଗିରି-ଝରଣା-ଜଳେ;
ବନବାଣୀ କିବା   ରଚି ପୁଷ୍ପ-ଗଛ
ସମର୍ପଇ ମହେଶ୍ୱରଙ୍କ ଗଳେ !
କଳ-କଳ ତାନେ   ପ୍ରଭୁ ସ୍ତୁତି-ଗାନେ
ମଗ୍ନ ତପସ୍ୱିନୀ ସେ ନିର୍ଝରଣୀ !

---

* ଭୂତପୂର୍ବ ଜୟପୁର ଜମିଦାରୀରେ ଓଡ଼୍ଭାଡ଼ି ବା ଓଡ଼ବାଡ଼ି ନାମକ ଗୋଟିଏ ଗଡ଼ ଥିଲା । ତାହା ଆଧୁନିକ ପାଡ଼ୁଆ ତାଲୁକାର ଅନ୍ତର୍ଭୁକ୍ତ । ସେଠାରେ ମଧ୍ୟ-ଯୁଗରେ ମତ୍ସ୍ୟବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ସେମାନଙ୍କର ଲାଞ୍ଛନ ମତ୍ସ୍ୟ । ତେଣୁ ମତ୍ସ୍ୟ ମାରିବା କେତେକ ଜଳାଶୟରେ ସେତେବେଳେ ନିଷିଦ୍ଧ ହୋଇଥିଲା ।

Digitized by srujan ka@gmail.com

ଅତି ମନୋରମ ଶ୍ୟାମଳ-କାନନ !
ମହିମାନ୍ୱିତ ସେ' ପୁଣ୍ୟ-ଅବନୀ !
ଦିନେ ଏକାନ୍ତରେ ଗୁରୁ-ପ୍ରଶାନ୍ତରେ
ସ୍ନାନ ସାରି ସ୍ୱଚ୍ଛ ମଧ୍ୟ-କୁଣ୍ଡଟେ,

ବୋଇଲି ମନରେ ପ୍ରଭୁ-ମତ୍ସ୍ୟେଶ୍ୱରେ
ପ୍ରଣମି ପଦ୍ମରେ ଭକତିଭରେ,
"ପ୍ରଳୟ ପୟୋଧି- ଜଳରେ ଧରଦ
ଶଂଖାସୁର ବେଦ କଲ ଉଦ୍ଧାର;
ଏହି ଦୁଃଖିନୀର ପତିଙ୍କ ମନରୁ
ଶଙ୍କାସୁର କରି ଦିଅ ସଂହାର !"
କହୁଁ-କହୁଁ ମୋର ନୟନରୁ ନୀର
ଝରଇ ଅପାର ସନ୍ତାପ-ଧାରା !

ବ୍ୟଥିତ-ଅନ୍ତରେ ସେ ପୁଣ୍ୟ-ସ୍ଥାନରେ
ହୋଇଗଲି କ୍ଷଣେ ମୁଁ ଆତ୍ମହରା !
ଏକାଳେ ଦୂରରୁ ଶୁଭିଲ ସୁନ୍ଦରୁ-
କଣ୍ଠରୁ ଲଳିତ-ସଙ୍ଗୀତ ଚହିଁ;
ଏମନ୍ତ ବିଜନ- କାନନରେ ପୁଣ
ଗାନ ଶୁଭେ ? ହେଲି ଚକିତ ମୁହିଁ !

ଦେଖିଲି ଶ୍ୟାମଳ- ନବ-ଦୁର୍ବାଦଳ-
ସମ ସୁକୋମଳ-କମ୍ବଳ ପରେ
ଉଦ୍‌ଭ୍ରାନ୍ତର ପରି କଏ ବ୍ରହ୍ମଗୃହ
ଗୀତ ଗାଏ ପିକଜିତ-କଣ୍ଠରେ ?
ଧୀରେ-ଧୀରେ ତହିଁ . ଅଗ୍ରସର ହୋଇ
ଦେଖି ମୁହିଁ ସେହି ସ୍ଥବିର ଛବି;

Digitized by srujan ka@gmail.com

ହେଲି ଆଚମ୍ବିତ; ଏ' ଯେ ପଟେଶତ
ଢବାକର କବି-ଜଗତ-ରବି !
ଜ୍ଞାନୀ- ସୁପଣ୍ଡିତ- ଭାରତ-ବନ୍ଦିତ,
ଶାନ୍ତ, ଦାନ୍ତ, ସ୍ଥିର, ସ୍ମିତ-ଭାଷଣ !
ମୋତେ ଚିହ୍ନିପାରି ଅତି ସ୍ନେହ କରି
ବୋଇଲେ କୋମଳ-ମୃଦୁ-ବଚନ,
"କିମ୍ପା ଆସିଲ ମା ଏକାକିନୀ ଜେମା ?
ଏ' ଯେ ଭୟଙ୍କର ଶ୍ୱାପଦ-ସ୍ଥଳୀ !
ବ୍ୟାଘ୍ର, ଗଜ, ବୃକ, ବରାହ, ଭଲ୍ଲୁକ,
ଦଳ ବାନ୍ଧି ଏଥି କରନ୍ତି କେଳୀ !"

ହୋଇ ସୁବିନୀତ କରି ପ୍ରଣିପାତ
ବୋଇଲି, "ନାହିଁ ମୋ ପ୍ରାଣେ ମମତା;
ଜୀବନ-ମୃତ୍ୟୁର ଦାୟିତ୍ୱ ଯାହାର,
ସେ ପିତା ଅଚିନ୍ତ୍ୟ-ବିଶ୍ୱ-ବିଧାତା !"
ଶୁଣି ଏ' ବଚନ ଚାହିଁ ମୋ ବଦନ
ବିସ୍ମୟେ କହିଲେ କବି, "ଏ କଥା
ନୃପତି ଝିଅରୁ- ତରୁଣୀ ମୁଖରୁ
ଶୁଣିଲେ ଲାଗଇ ମନରେ ବ୍ୟଥା !
ଏମନ୍ତ ବୈରାଗ୍ୟ ନୁହଇ ତ ଯୋଗ୍ୟ
ରାଜଜେମା-ସୁକୁମାରୀ, ତୁମ୍ଭର
ଅନ୍ତରେ ଅପାର ଦୁଃଖ ଦୁର୍ନିବାର
ଦିଶଇ ତ ଏବେ କେତେ ମୋହର !"
ବୋଇଲି ମୁଁ, "ରାଜ- ବିଳାସ-ସମାଜ
ତ୍ୟଜି ଯାଏ ପିତା ଜଗତେ ଆଗ;

Digitized by srujan ka@gmail.com

ସେତେ ଅଛି ସେଥିଁ ଚତୁରବର ସେମ୍ଭ
ଲଭଇ ବାତ୍ୟାର ପ୍ରବଳ-ବେଗ !
ବିଳାସ-ବାସନା ଦୁଃଖ-ଜନ୍ମା ଯିନା !
ସମ୍ପତ୍ତି ହ୍ରାସଇ ପାପ-ଉଦ୍ବେଗେ;
ରୋଗ-ଶୋକ-ତାପ- ତାପିତ-ଧନିକ;
କୁଟିରେ ବିଷାଦ-ଶୋକ ନ ରହେ !"
"ଆହା ! କେଡ଼େ ଉଚ୍ଚ- ହୃଦୟ ପାଇଛ !"
କହିଲେ ସ୍ୱବର-କର ଧରିଣ,
"ତୁମ୍ଭ ସମ ମର୍ତ୍ତ୍ୟ- ମଣ୍ଡଳରେ ରହି
ଅଛନ୍ତି ଅଳପ ହୃଦୟବନ୍ତ !
ମରୁ-ଦେଶ ପରି ଏ' ସମର ସ୍ଥଳୀ,
ତହିଁ ମଧ୍ୟେ ତୁମ୍ଭେ ସୁଧାର ଧାର !
ମନେ ହୁଏ ମୋର, ସୁବର୍ଣ୍ଣ ତୁମ୍ଭର
ପ୍ରସରବ ନଷ୍ଟେ ପୃଥିବୀ ପାର !
ଦେନ ମୋ ଆଶୀଷ, ସୁଦୀର୍ଘ ଆୟୁଷ
ବଞ୍ଚି କର ଅବନୀର ମଙ୍ଗଳ ।
ସୀତା, ସାବିତ୍ରୀଙ୍କ ପୂତ-ଅକଳଙ୍କ
ରାଜୁ ତୁମ୍ଭ ହୃଦେ ସୁଗୁଣ-ମାଳ !"
ମୁଁ କହିଲି, "କାହିଁ ମୋ ଭାଗ୍ୟରେ ସେହି
ମହା ପୁଣ୍ୟବସ୍ତୁ-ଦେବ-ଦୁର୍ଲ୍ଲଭ ?
ଏ' ହତଭାଗିନୀ ଅଶିବ ଦୁଃଖିନୀ;
କର୍ଣ୍ଣାଟ-ଶଶାଙ୍କ-କଳଙ୍କ ଲେଖ !
ମୋ ଦେହରୁ ପୁଣି ଏହି ରଣ-ଭୂମି
ଜାଣତ ଲଭିଛି କେଡ଼େ ଖଣ୍ଡନ !

Digitized by srujan ka@gmail.com

ଚନ୍ଦ୍ରଗିର ଠାରୁ ସର୍ବ ଦେଶ ମନ୍ଥ
କଷ୍ଟ ବଢେ ଯୁଦ୍ଧ-ବାତ୍ୟା ସଘନ !
ମିନତି ମୋହର ଆହେ କର୍ଣ୍ଣେଶ୍ୱର,
ପାର ଯେବେ କର ନିର୍ବାଣ ରଣ;
କର୍ଣ୍ଣାଟ-ଉତ୍କଳ କରି ଏକ ଦଳ
ରଖ ଲକ୍ଷ-ଲକ୍ଷ ନିରୀହ ପ୍ରାଣ !"
ବୋଇଲେ ସ୍ଥବିର ହୋଇଣ ଗମ୍ଭୀର,
"ଅସମ୍ଭବ କଥା କହିଲ ତୁମେ !
'ଜଳ-ଅଗ୍ନି ଭେଟ' ବୋଲି ସେ କର୍ଣ୍ଣାଟ-
ସଭାରେ କହିଲେ ଗୋପାଳ ଦନେ ।
ମନ୍ତ୍ରୀ ତିମ୍ମରସ କରିବେ ନିଃଶେଷ
ସମୟେ କର୍ଣ୍ଣାଟ-ବିଭବ ଭବେ;
ବୃଦ୍ଧ ହେଲି ମୁହିଁ; ଜାଣୁଅଛି ଏହି
କଥାଟିରେ ନାହିଁ ସଂଶୟ ଲବେ !"
ବୋଇଲି ମୁଁ, "ସତ ଯାହା କହିଲ ତ !
କିନ୍ତୁ, ଉପାୟ କି ନାହିଁ ତହିଁ କି ?
ସନ୍ଧି କାଳେ ଗୋପ୍ୟ ନ ରହଇ ପାପ,
ହେ କବି, ଏ' କଥା ଜାଣି ନାହିଁକି ?
ଜନ-କ୍ଷୟ-ବ୍ରତ, କର୍ଣ୍ଣାଟ ଅଦ୍ଭୁତ,
ଗୋପା-ତିମ୍ମରସ-ମନ୍ତ୍ରଣା ବଢେ !
ନୃପବର ସ୍ଥାନେ ମଣିନାଗ ଯତନେ
ଡୁଣ୍ଡୁଭ* କି ଶିବ-ମସ୍ତକେ ରହେ ?

* ଡୁଣ୍ଡୁଭ=ଧଣ୍ଡା ସାପ ।

Digitized by srujan ka@gmail.com

ରାଜର୍ଷି-ପ୍ରତିମ ଉତ୍କଳ-ରାଜନ
ପ୍ରତାପରୁଦ୍ର ଯେ ଉନ୍ନତ-ମନା,
ରଣ-ଅବସାନ- ପ୍ରସ୍ତାବରେ ପୁଣ
କରିବେ ନାହିଁ ସେ' କଦାପି ମନା ।
ଜଗତମୋହିନୀ ତାଙ୍କ ଜେମା-ମଣି
ଜଗତ-ମୋହିନୀ-ଶକ୍ତିଶାଳିନୀ;
ସୁକୁମାରୀ ବାଳା ଉତ୍କଳ-କମଳା
ମୂର୍ତ୍ତିମତୀ କ୍ଷମା-ଦୟା-ରୂପିଣୀ ।
ସେହି ମୋର ସହି; ଜୀବନଟି ଦେଇ
ପାରନ୍ତି ମୋ ପାଇଁ, ଧରି ମୋ ନାମ
କହିବ ତାହାଙ୍କୁ ବନ୍ଦ କରିବାକୁ
ଏ' ରଣ ଉପାୟ କରି ଭିଆଣ !"
କହିଲେ ସ୍ଥବିର, "ସନ୍ତକ ଭ୍ରମର
ଧର, ଯାଏଁ ଥରେ କରେ ଉଦ୍ୟମ !
ସଫଳ ହୋଇଲେ ମଣିବି ମୁଁ ଭଲେ
ଜଗତେ ସାର୍ଥକ ହେଲା ଜୀବନ !"
ରତ୍ନ-ହାର ଫେଇ ତାଙ୍କ ହାତେ ଦେଇ
ବୋଇଲା, "କହିବ ରମ୍ଭା-ମେନକା,
ସ୍ୱର୍ଗ-ଅପସରୀ ତୁମ୍ଭେ ଦହେଁ ପରି ?
ଏହି କଥାଟି ମୋ ସନ୍ତକ ଏକା !
ବୋଲିବ, ତାଙ୍କର ଦୁର୍ଭାଗ୍ୟ ବକ୍ଷରି
ପ୍ରସବନ୍ତି ଯେଉଁ ଗରଳ-ଫଳ
ହତଭାଗିନୀକୁ ହେବ ଭୁଞ୍ଜିବାକୁ
ଜୀବନେ ତା' ପୁଣି ସୁଦୀର୍ଘ-କାଳ !"

Digitized by srujan ka@gmail.com

ଏତେ ବୋଲି ମୂର୍ଚ୍ଛି   ଗଦ-ଗଦ ହୋଇ
ନ ପାରିଲା କହି ବଚନ ଆଉ;
ବୃଦ୍ଧ କବିବର   ହୋଇଲେ କାତର;
ବୋଇଲେ "ଏବେ ସେ କଥାଟି ଥାଉ !
ସାଧ୍ୟ ଅନୁସାରେ   ଚେଷ୍ଟା କରିବାରେ
ହେବ ନାହିଁ ପରାଙ୍ମୁଖ ମୁଁ କେମା;
କର୍ତ୍ତବ୍ୟର ପାଇଁ   କାତର ନୁହଇଁ;
ଫଳାଫଳ ଏକା ହରି କରୁଣା !"
ଏତେ କହି ସେହୁ   ଚାଲିଗଲେ ତହୁଁ;
ଛଳ-ଛଳ ଶୂନ୍ୟ ନୟନ ତୋଳି
ଦେଖିଲା, ଗଗନ-   ମଣ୍ଡଳେ ତପନ
ଉଠନ୍ତି ଅରୁଣ-କୁଙ୍କୁମ ବୋଳି !
ଦୂରେ ନୀଳ-ବନ   ସ୍ୱାଗତ ଗାୟଣ
ଜଣାଏଁ ମଧୁର-କାକଳୀ ଛଳେ;
ନବ-ଦୂର୍ବାଦଳ-   ଶୋଭିତ-ନୀହାର-
ବିନ୍ଦୁ କି ଗ୍ରଥିତ ମୁକୁତା-ମାଳେ !
ଫେନିଳ-ଶଯ୍ୟାରେ   ଶିଳା-ନଦୀ-ତୀରେ
ପ୍ରସ୍ଫୁଟିତ-ଗୁଚ୍ଛ-ସୁମନ ରାଶି
ଅଞ୍ଚଳରେ ଭରି   ଅତି ଯତ୍ନ କରି
ଉପହାର ଦିଏ ପ୍ରକୃତି ହସି !
ଦିନ-ଦିନ, ମାସ-   ମାସ ହେଲା ଶେଷ
ସ୍ୱଚ୍ଛାବାରେ ନୀଳ-କାନନ-କୋଳେ,
ମହେଶ୍ୱର-ସେବା   ଅତି ମନ ଲୋଭା;
ବିତି ଯାଏ ଦିନ ଭକତି-ହେଲେ !

Digitized by srujan ka@gmail.com

ଶିଳା-ନନ୍ଦା-ତଟରେ ପ୍ରଭୁଙ୍କ ସ୍ମୃତିରେ
ନିତି ଆସେ କେତେ ଲୋତକ ଢ଼ାଳି,
ନ ଜାଣେନ୍ତି କେହି କେମନ୍ତେ ଭାସଇ
ଦୁଃଖ-ପାରାବାରେ ମୋ ମନ-ତରୀ !
ତିନ ମାସ ପରେ ଦିନେ ପ୍ରଦୋଷରେ
କହିଲା କଞ୍ଚୁକୀ ଆସି ସମ୍ମୁଖରେ,
"ଉତ୍କଳ-ବ୍ରାହ୍ମଣ ଆସି ଏକ ଜଣ
ସାକ୍ଷାତ ପାଇଁକି ମିନତି କରେ ।"
ଉତ୍ସୁକ ପ୍ରାଣରେ ବୋଇଲି ମୁଁ ଖରେ,
"ଘେନ ଆସ ତାଙ୍କୁ ଅତି ସତ୍ୱର ।"
କିଛି କ୍ଷଣ ପରେ ମୋର ପୁରତରେ
ଉଭା ଦିବାକର-କବି-ଶେଖର ।
ସନ୍ୟାସୀ-ବେଶରେ ଦେଖି ଉତ୍କଣ୍ଠରେ
ପୂଜି ତାଙ୍କୁ ବସାଇଲି ଆସନେ;
ପୁଚ୍ଛିଲି ଆତୁରେ, "କହନ୍ତୁ ସତ୍ୱରେ
କି ହେଲା ଉତ୍କଳ-ଶିବିରାଙ୍ଗଣେ ?"
ପୁତ୍ତଳିକା ପ୍ରାୟ ଥକ ଗଲି ହାୟ !
ଯାହା ଶୁଣିଲି ସେ ବ୍ରାହ୍ମଣ-ମୁଖେ,
ନୟନରୁ ନୀର ବହେ ଝର-ଝର;
ବୁଝି ନ ପାରିଲି ସୁଖେ କି ଦୁଃଖେ !!!

Digitized by srujan ka@gmail.com

ଷଷ୍ଠ ସର୍ଗ

କହିଲେ କବି ଗିର ଧୀର-ମଧୁର,
"ଶୁଣ ନଗୋ ରାଜଜେମା ସେ' ସମାଚାର;—
ନନ୍ଦପୁର-ଈଶ୍ୱର ଭୈରବଦେବ-
ଗୌରବ ରଣାଙ୍ଗଣେ କରି ଖରବ,
କର୍ଣ୍ଣାଟ-ବଳ ଲଂଘି ଓଡ଼ବାଡ଼କୁ(୧)
ଅଗ୍ରସର ହୋଇଲେ ଇନ୍ଦ୍ର-ଧାରକୁ ।
ଇନ୍ଦ୍ରାବତୀରେ, ଝଞ୍ଜାବତୀ ନଦୀରେ
ନାବ ଚଳାଇ ନେଲେ କର୍ଣ୍ଣାଟ-ତୀରେ ।
ଝଞ୍ଜାବତୀର କୂଳେ ଉଚ୍ଚ-ଶିଖର
ପାଗଳ-ବାପୁମାଳ ତୋଳନ୍ତି ଶିର(୨) ।
ପ୍ରାଚୀନ ଚମ୍ପାବତୀ-ନଗରୀ(୩) ତହିଁ
ନାରାୟଣପାଟଣା ନାମ ବହଇ ।
ନଦୀ-ତୀର 'ଗରୁଆ ଘାଟ'(୪)ରେ ଦିନେ
ଚମ୍ପାବତୀ-ନଗରୀ-ନାଗରୀଗଣେ

---

(୧) ଏଥିର ଆଧୁନିକ ନାମ ଓଡ଼ଡ଼ାଡ଼ ।

(୨) ପ୍ରବାଦ ଅଛି, କୋରାପୁଟ ଜିଲ୍ଲାର ଝଞ୍ଜାବତୀ ତଟରେ 'ବାପୁମାଳ' ପାହାଡ଼ ଆରୋହଣ କଲେ ଲୋକେ ପାଗଳ ହୋଇ ଯାଆନ୍ତି ।

(୩) କଳିଙ୍ଗରେ ଚମ୍ପାବତୀ ଗୋଟିଏ ପ୍ରାଚୀନ ନଗରୀ ଥିବା କଥା ବୌଦ୍ଧସାହିତ୍ୟରୁ ପ୍ରମାଣିତ ହୁଏ । ସେଥିର ଆଧୁନିକ ନାମ ନାରାୟଣପାଟଣା ।

(୪) ଝଞ୍ଜାବତୀ କୂଳରେ ଯେଉଁ ପ୍ରାଚୀନ ଚମ୍ପାବତୀ ନଗରୀ ଥିଲା, ସେଠା ରାଜପ୍ରାସାଦସ୍ଥ ଅନ୍ତଃପୁର ମହିଳାମାନେ ସ୍ନାନ କରିବା ପାଇଁ ଗରୁଆଘାଟରେ ଦୀର୍ଘ-ଲମ୍ବିତ ସୋପାନମାଳା ନିର୍ମିତ ହୋଇଥିଲା । ସେଥିର ଭଗ୍ନାବଶେଷ ଅଦ୍ୟାପି ବିଦ୍ୟମାନ ।

Digitized by srujan ka@gmail.com

କରୁଥିଲେ ଯେ ରମ୍ୟ-ସ୍ୱଚ୍ଛ-ସଲିଳା -
ଝଞ୍ଜାବତୀର କୁଟିଳ ସଲିଳ-ଲୀଳା !
କାହିଁ ସେ ଚମ୍ପାବତୀ ନଗରୀ ଶୋଭା,
ଅମର-ଅପସରୀ-ମାନସ-ଲୋଭା ?
'ଆମ୍ବ-ପର୍ବତ' ଯେଉଁ ଦକ୍ଷିଣ ପାଶ
'ସତୀ-ଗର୍ତ୍ତ'ରେ ଢାଳେ ଲୋତକ-ଧାର !*
ନାରାୟଣପାଟଣା-ଗଡ଼-ଦୁଆର
ଜଗିଥିଲେ ଅସଂଖ୍ୟ ଉତ୍କଳ-ବୀର ।
ତାଙ୍କ ସଙ୍ଗରେ ମହା-ସମର କରି
ଜିଣି ଗଲେ ଥାଟ ଅରଣ୍ୟ-ପୁରୀ ।
ବଲ୍ଲଭନାରାୟଣ-କନକଦୁର୍ଗା-
ପାଳିତ-ରାଜ୍ୟଗୋଟି ହେଲା ଅଧିକାର† ।
ଗଦବା, କୁଇ, କନ୍ଧ ବଳକୁ ଦଳି
କର୍ଣ୍ଣାଟ-ଥାଟ ଗଲେ ପୂର୍ବକୁ ଚଳି ।
ପଥରେ ପାର୍ବତୀପୁ-ରକ୍ଷିତ-ଗଡ଼
ପୋଡ଼ିଲେ; ନାମ ହେଲା ତା' 'ପୋଡ଼ାଗଡ଼' ।*

---

* ଚମ୍ପାବତୀର ଦକ୍ଷିଣରେ 'ଆମ୍ବ-ପର୍ବତ' ବିଦ୍ୟମାନ । ସେଠାରେ ପୂର୍ବେ ବୌଦ୍ଧ-ତପସ୍ୱୀମାନେ ବାସ କରୁଥିବାର ପ୍ରବାଦ ଅଛି । ଚମ୍ପାବତୀର ରାଜା ବିଶ୍ୱନାଥଦେବଙ୍କର ୧୬,୦୦୦ ରାଣୀ ଥିଲେ । ରାଜାଙ୍କ ମୃତ୍ୟୁପରେ ସେମାନେ ଯେଉଁ ହୁତାଗର୍ତ୍ତରେ ଜୀବନ୍ତ ଦଗ୍ଧ ହୋଇଥିଲେ ଅଦ୍ୟାପି ସେହି 'ସତୀଗର୍ତ୍ତ' ପ୍ରଭୃତି ନାରାୟଣ ପାଟଣାରେ ବିଦ୍ୟମାନ ।

† ଜୟପୁର ରାଜ ବଂଶର ଇଷ୍ଟ ଦେବତା ବଲ୍ଲଭନାରାୟଣ ଏବଂ ଇଷ୍ଟଦେବୀ କନକଦୁର୍ଗା ବହୁକାଳରୁ ପ୍ରସିଦ୍ଧି ଲାଭ କରିଛନ୍ତି ।

* ଅଦ୍ୟାପି ଏହି ନାମରେ ଗୋଟିଏ ପ୍ରାଚୀନ ଦୁର୍ଗର ଭଗ୍ନାବଶେଷ ସେଠାରେ ଅଛି ।

Digitized by srujan ka@gmail.com

ଗୁପ୍ତଗଡ଼ ଦୁର୍ଗରେ କରି ପ୍ରବେଶ,
ସଂପାଦିଲେ ସେ ସାତଦିନେ ତା’ ଧ୍ୱଂସ ।
ନାଗାବଳୀର ଖର-ବନ-ମାଳିକା
ଜଗି ରହନ୍ତି ପଡ୍ଡି ରାଜ୍ୟ-କାଳିକା,
ଗଡ଼-ପ୍ରାଚୀର ତହିଁ ଦୁର୍ଭେଦ୍ୟ-ଗିରି
ତୋଳନ୍ତି ଅଭ୍ରଭେଦୀ ଶିର ତାହାରି ।
ବନ୍ଧ-ସରଣୀ ଅନୁସରି ବାହିନୀ
ଚଳିଲେ ବଂଶଧାରା-ତୀର-ଅବନୀ ।
ଝାଡ଼ଖଣ୍ଡ-ରାଜ୍ୟର ସୀମାକୁ ମାଡ଼ି
କର୍ଣ୍ଣାଟ-ଅନୀକିନୀ ରଚିଲେ ଧାଡ଼ି ।
ବିସ୍ତୀର୍ଣ୍ଣ ଖେମୁଣ୍ଡିର ପଶ୍ଚିମ ଦେଶେ
ଶସ୍ୟ-ଶାଳିନୀ ପାଲକୁଣ୍ଡା ପ୍ରଦେଶେ*
ଶାଳ-ବନରେ ଧୀରେ ସେ’ ବଂଶଧାରା
ବହଇ ଭେଦି ମଧ୍ୟ-କଳିଙ୍ଗ-ଧରା ।
କର୍ଣ୍ଣାଟ-ସେନା ସେହି ମିଶ୍ରିତ-ସୈକତେ
ସ୍ଥାପିଲେ ଛାଉଣୀ ସେ ଖିମୁଣ୍ଡି-ପଥେ ।
ଭେଟି ଗୁପ୍ତଚର ସେହି ସ୍ଥାନରେ
ଜଣାଇଲା କର୍ଣ୍ଣାଟେଶ୍ୱର ଶ୍ରୁତିରେ,—
‘ପୂରିଗଲେଣି ବଂଶଧାରାର କୂଳ
ଉତ୍କଳପତିଙ୍କ ଗଜପତିଙ୍କ ବଳ !

---

* ଜୟପୁର ଓ ପାରଳାଖିମୁଣ୍ଡି ମଧ୍ୟରେ ପାଲକୁଣ୍ଡା ନାମକ ଏକ କ୍ଷୁଦ୍ର ଜମିଦାରୀ ଅବସ୍ଥିତ । ତାହା ଏକ ଅତି ଉର୍ବର ଭୂମିରେ ସ୍ଥାପିତ ଓ ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ଅନ୍ତର୍ଭୁକ୍ତ ।

Digitized by srujan ka@gmail.com

ନଗରାକଟକରୁ ଗୁଡ଼ାରି ଯାଏଁ *
ଅପ୍ରମିତ ଗ୍ରୁଡ଼ି ଗଣା ନ ଯାଏ ।
ଉତ୍କଳ-ବଳ ଅକଳନା ଅଟଇ;
କର୍ଣ୍ଣାଟ-ଆଟ ଦଳ ଦେବେ ବଟଇ ।
ବାରବଟୀ-କଟକାଂ ଦବ୍ୟ ଦୁର୍ଗରେ
କେତେ-କେତନ ଉଡ଼େ ଦର୍ପରେ,
ଉତ୍କଳ-ସମ୍ରାଟଙ୍କ ଶିବିର ତହିଁ
ସ୍ଥାପିତ ନଦୀ-ତଟରେ ସଜ୍ଜିତ ହୋଇ ।
ଶବର-କନ୍ଧ-ସେନାଙ୍କର ଛଥିତ —
ଧନୁର୍ଦ୍ଧର ଗଣନ୍ତୁ କିଏ ସମର୍ଥ ?
ଅଛ ଅଲୌକିକ ସେ' ଉତ୍କଳ-ସେନା;
ଲକ୍ଷନ୍ତି 'ରଥୀ' ସହ ଶତେକ 'ଜେନା';
ଶତ 'ରଥୀ'ଙ୍କ ପରେ ଅଟନ୍ତି 'ପତି';
ପଞ୍ଚପତ ହୋଇନ୍ତି 'ବାହିନୀ ପତି';
ପଞ୍ଚ 'ବାହିନୀପତି' କର ଗୃହୀତ
ଉଚ୍ଚାଧି ବିଭୂଷିତ ସେ' 'ମହାପାତ୍ର';
ଏମନ୍ତ ଷୋଳ ମହାପାତ୍ର ଅଧୀନେ
ଗୃହ ନପୂତ ବଳ ତହିଁ ଏକ୍ଷଣେ !

---

* ବଂଶଧାରା ନଦୀ କୂଳରେ ମୁଖଲିଙ୍ଗ ନିକଟରେ ନଗରାକଟକ ନାମକ ଯେଉଁ ଗ୍ରାମଟି ଅଛି ତାହା ପ୍ରାଚୀନ କଳିଙ୍ଗ-ନଗର ଥିଲା । ସେଠାରୁ ଉତ୍ତରକୁ ପାୟ ୬୦ ମାଇଲ ଦୂରରେ ବଂଶଧାରା କୂଳରେ ଗୁଡ଼ାରି କଟକ ବିଦ୍ୟମାନ । ଖିମୁଣ୍ଡି ରାଜବଂଶର ଏହା ପ୍ରଥମ ରାଜଧାନୀ ।

† ପାରଳାଖେମୁଣ୍ଡି ତାଲୁକରେ ବାରବଟୀ ଗୋଟିଏ ପ୍ରାଚୀନ ଦୁର୍ଗ ଥିଲା । ଏହା ମଧ୍ୟ ବଂଶଧାରା କୂଳରେ ନଗରାକଟକ ଓ ଗୁଡ଼ାରି କଟକର ଠିକ୍ କେନ୍ଦ୍ର ସ୍ଥଳରେ ଅବସ୍ଥିତ ।

Digitized by srujan ka@gmail.com

ସାଗର ପରି ଶୋଭେ ସେନା-ନିବାସ;
ବ୍ୟାପିତ ବେଳା କିବା ନଦୀ ସୈକତ;
ଲହରୀ-ମାଳା ପରି ପତାକା ଶ୍ରେଣୀ;
ମତ୍ସ୍ୟ-ମଗର ଅଶ୍ୱ-ଗଜ-ବାହିନୀ !
ରଥ ନିକର ତହିଁ ନଉକା ପରି
ସୈନ୍ୟ-ସାଗରେ ଯାଉଛନ୍ତି ସନ୍ତରି;
'ଗଜପତିଙ୍କ ଜୟ' ସିନ୍ଧୁ ନିର୍ଘୋଷ
ବ୍ୟାପିତ ଦଶ ଦିଶ ହୋଇ ବିଶେଷ;
ରାଜ-ଶିବିରାବଳୀ ବସ୍ତ୍ର-ସଦନ
ବାହିନୀ-ସିନ୍ଧୁରେ କି ଅର୍ଣ୍ଣବ ଯାନ !
'ଚଳନ୍ତି-ବିଷ୍ଣୁ' ନାମେ ଯା'ର ଖ୍ୟାତି,
ତହିଁ ସେ' ଉତ୍କଳର ଶ୍ରୀଗଜପତି !
ଜାହ୍ନବୀ-କୃଷ୍ଣବେଣୀ ଅନ୍ତରାଳରେ
ଉତ୍କଳ ସିନ୍ଧୁ-ବେଳା-ବଳୟ ପରେ
ଉଚ୍ଛୁଳେ ତୁଙ୍ଗ-ବୀଚି-ମାଳମା ଯହିଁ
ପୁଣ୍ୟ-ଭୂମିର ଗିରି-ଚରଣ ଛୁଇଁ,
ପୁରୁଷୋତ୍ତମଙ୍କର ପ୍ରସାଦ ବଳେ
ପରିପୁଷ୍ଟ ସେ' ରାଜ୍ୟ ମହୀ-ମଣ୍ଡଳେ !
ପ୍ରସିଦ୍ଧ ତହିଁ ସେଉଁ ନ୍ୟାୟ-ଶାସନ
ଶୁଣ ସେ' ରାଜ୍ୟେଶ୍ୱରଙ୍କର ସଦ୍‌ଗୁଣ,-
ଦାନରେ ସମ ଏକା କର୍ଣ୍ଣ ତାହାଙ୍କୁ;
ଜନକ ଉପମିତ ଭକ୍ତି-ଭାବକୁ;
ମାନରେ ମାନଗୋବିନ୍ଦହିଁ ସମାନ
କ୍ଷିତିପତିଏ କିବା ସଦ୍ୱସାର୍ଜ୍ଜନ !

Digitized by srujan ka@gmail.com

ଅହିଂସ-ବଇଷ୍ଣବ-ମତରେ ବ୍ରତୀ
ହେଲେହେଁ ରଣାଙ୍ଗଣେ ଅପୂର୍ବ-ଯତୀ !
ନୃପ-ସୁଗୁଣଗଣ ଭ୍ରମି ସଂସାରେ
ଆଶ୍ରୟ କରିଛନ୍ତି ତାଙ୍କରିଠାରେ !

କ୍ଷମା ହେଉ ଧୃଷ୍ଟତା ମୋର ମଣିମା,
ତୁମ୍ଭ ତାଙ୍କର ତାରା ଚନ୍ଦ୍ର ଉପମା !!'
ଏତେ କହି ମଉନ ହେଲା ସେ' ଚର
କରି କର୍ଣ୍ଣାଟ-ନୃପ ଦମ୍ଭକୁ ଚୂର ।

ବିସ୍ମୟେ ସ୍ତମ୍ଭୀଭୂତ ହୋଇ ନୃମଣି
ଭାଷିଲେ ସଚିବଙ୍କୁ ଏପରି ବାଣୀ,
'ଭାବିଥିଲି କୋଲ୍ଲାଟିକୋଟରେ ଯାହା,
ପ୍ରତ୍ୟକ୍ଷରେ ଘଟିବ ଏବେଟି ତାହା !
ଭୁଲୁବ-କୁଳ ହେବ ନାଶ ଏଥର;
ଜାଣି ଜାଣି ଝାସିଲି ରଣ-ସାଗର !
ଯାହା କହିଲୁ ଦୂତ ନକର ଶଙ୍କା,
ଉତ୍କଳ ରବି, ଆମ୍ଭେ ଖଦ୍ୟୋତ ଏକା !
ଗଜପତି-ଅନଳେ ପତଙ୍ଗ ପରି
ଦଗ୍ଧ ହେବ ନିଶ୍ଚେ କର୍ଣ୍ଣାଟ-ଶିଶୁ ।
ଜନମ-ଭୂମି ମୁଖ ଦେଖିବାପାଇଁ
ଗୋଟିଏ ସୈନ୍ୟ ଏଥୁଁ ଫେରିବେ ନାହିଁ !
ଉତ୍କଳ-ବଳ ବର୍ଣ୍ଣେ ଦୂତ ଯେମନ୍ତେ;
ଶୂର ଅଯୁତ ମାତ୍ର ଆମ୍ଭ ସଙ୍ଗତେ !
ଶତେକ ସହ ଏକ କରେ କି ରଣ ?
କଥା! ରହିବ ସିନା, ଏ' ବିଡମ୍ବନ !

Digitized by srujan ka@gmail.com

ବୃଥାରେ ନରହତ୍ୟା ନହେଉ ଆଉ;
ବିଜୟ ଲଭ ଯେବେ ନ ହେବ ନୋହୁ;
ଫେରିବା ଏହିଠାରୁ ମଙ୍ଗଳ ଏକା;
ମରଣ ବରଣ କି ରଣ-ଜୀବିକା ?
ନୃପତିଙ୍କ ମୁଖରୁ ଏମନ୍ତ ଶୁଣି
କହିଲେ ମନ୍ତ୍ରୀ-ମଣି ଉତ୍ସାହ-ବାଣୀ,
'କାତରତା ନୁହଇ କ୍ଷତ୍ରୀ-ଧରମ;
ହାରିବା ଜିଣିବା ନିଜର ସ୍ମରଣ !

ସମର-ଭୂମି ଏକା ଧରମ-ଭୂମି;
ନିଧନେ ସ୍ୱର୍ଗ, ଜୟେ ଲଭ ଅବନୀ;
କହିଥିଲେ ଏ' ମାତ୍ର କୁରୁକ୍ଷେତ୍ରରେ
ଅଖିଳ-ବିଶ୍ୱ-ଶ୍ରେଷ୍ଠ-ପୂରୁଷ ଥରେ ।
ସ୍ମରି ସେ ମହାମନ୍ତ୍ର ହେ ବୀରବର,
ଦୁର୍ବଳ ପରି ଏବେ ନୁହ କାତର !'
ଶୁଣି ଏମନ୍ତ ବାଣୀ ମୁଖୁଁ ତାଙ୍କର
କ୍ରୋଧେ ବୋଇଲି ମୁହିଁ, 'ହେ ମନ୍ତ୍ରୀବର.

କେମନ୍ତେ ଦିଅ ଉପଦେଶ ଏସନ ?
ଏ' କାଳ ନୁହଇ ତ ସେ'କାଳ ପୁଣ !
ଯେଉଁ ଯୁଗରେ ଏକା ବ୍ରହ୍ମ-ଅସ୍ତ୍ରରେ
ପ୍ରଳୟ ଘଟୁଥିଲା ବିଶ୍ୱ-ସଂସାରେ ।
ନଥିଲା ଜୟ-ପରାଜୟ ନିଦାନ
ଆନୁପାତିକ ସୈନ୍ୟ ସଂଖ୍ୟାରେ ପୁଣ !
ସେ' କାଳେ ଥିଲା ଯିନା ସେ ସବୁ ମାତ୍ର !
ଆଜିର ଯୁଗ-ଧର୍ମ ପୃଥକ ମାତ୍ର !!

Digitized by srujan ka@gmail.com

ଶଠତା, ମିଥ୍ୟା, ଘୋର ବଞ୍ଚନା ଦିନା
ରାଜନୀତିଙ୍କ ଏବେ କରେ କାମନା !
ଏଣୁ ମଇତ୍ରୀଭାବ କାମ୍ୟ ଆମ୍ଭର ।
ଦୟା, କ୍ଷମାରେ ଲଭ୍ୟ ପୁଣ୍ୟହିଁ ସାର :

ପ୍ରେମରେ ଗଢିତ ଏ' ବିଶ୍ୱ-ସଂସାର;
ପ୍ରେମରେ ଲଂଘେ ନାହିଁ ସାଗର ତୀର;
ପ୍ରେମରେ ଉଦେ ଭାନୁ, ଶଶୀ, ତାରକା;
ପ୍ରେମରେ ଫୁଟେ ଫୁଲ ପୂର୍ଣ୍ଣ ବାଟିକା;
ପ୍ରେମରେ ବଢେ ନର୍ଣ୍ଣଶିଣୀ କେଦାରେ
ସଂପାଦ ଶସ୍ୟ ରାଶି ବିଶ୍ୱ-ସଂସାରେ ।
ପ୍ରେମଟି ଭଗବାନ, ପ୍ରେମହିଁ ନିତ୍ୟ;
ଗ୍ରଥିତ ପ୍ରେମ-ସୂତ୍ରେ ସକଳ ସତ୍ୟ !
ହୋଇ ଅମିୟ-ପ୍ରେମ-ମନ୍ତ୍ରରେ ବ୍ରତୀ
ଗଜପତିଙ୍କ ସଙ୍ଗେ କର ପୀରତି !
ଆର୍ଯ୍ୟ-ଦ୍ରାବିଡ଼ ମହା-ମିଳନ-ପଥେ
ହିନ୍ଦୁ-ଶାସନ-ଭାନୁ ଜାଗୁ ଭାରତେ !!'

ମୋର ବଚନ ଶୁଣି ନୃପ ତୁରିତ
ବୋଇଲେ, 'କବି, ଯାହା କହିଲ ସତ !
ଯାଅ ଆମ୍ଭର ବାର୍ତ୍ତା ବହି ସତ୍ୱର
ଗଜପତି-ପ୍ରତାପରୁଦ୍ର-ଶିବିର ।
କହିବ, ବନ୍ଦକର ଦାରୁଣ-ରଣ !
ସନ୍ଧି ପ୍ରସ୍ତାବ ଏବେ ଦେନ ଆପଣ ।
ବୃଥା ଶୋଣିତପାତ ନ ହେଉ ଆଉ;
ଉତ୍କଳ କର୍ଣ୍ଣାଟରେ ବନ୍ଧୁତା ରହୁ !

Digitized by srujan ka@gmail.com

ଯୁଦ୍ଧ-ଅନଳ ଲଗାଇବା ପାଇଁ ତ
ଜଳ ସଦୃଶ ଚଳ ତୁମ୍ଭେ ତହିଁକୁ ।'
କୃଷ୍ଣଦେବରାୟଙ୍କ ମୁଖରୁ ଏହା
ଶୁଣି କହିଲ ମୁହିଁ, 'ହେ ନରନାହା,
ପ୍ରହରୁଁ ପୂତ-ମନେ ସ୍ୱସ୍ତି-ବଚନ
କରଇ ବାଞ୍ଛି ଯେଣୁ ବିଶ୍ୱ-କଲ୍ୟାଣ,
କର୍ତ୍ତବ୍ୟ ଅଟଇ ସେ' ଦ୍ୱିଜ-ଜାତିର
ବିଶ୍ୱ ମଧ୍ୟରେ ଶାନ୍ତି-ମନ୍ତ୍ର ପ୍ରଚାର ।'

ଏତେ କହି ଯିବାକୁ ହେଲ ଉଦ୍ୟତ,
ଦୋଳା ମୋ ପାଇଁ ତହିଁ ହେଲା ଆହୃତ ।
ମଙ୍ଗଳ-କ୍ଷଣେ କଲି ଅନୁକୂଳକୁ
ଦୁର୍ଗା-ମାଧବ ସ୍ମରି ପୂର୍ବ ଦିଗକୁ ।
ପ୍ରଦୋଷ-କାଳେ ହେଲି ପ୍ରବିଷ୍ଟ ପୁଣି
ବିସ୍ତୃତ ବଂଶଧାରା-ପ୍ରବାହ-ଭୂମି ।
ଦେଖିଲି, ପରପାରେ ସାଗର ପରି
ଉତ୍କଳ-ସେନା ପୁଞ୍ଜ ଅଛନ୍ତି ପୂରି ।

ଯେମନ୍ତ ବର୍ଣ୍ଣିଥିଲ କର୍ଣ୍ଣାଟ-ଦୂତ,
ଜାଣିଲି ମିଥ୍ୟା ତହିଁ ନାହିଁ କିଞ୍ଚିତ ।
ବଙ୍ଗୀୟ ବଇଷ୍ଣବ-ବେଶକୁ ଧରି
ଗଲି ସେ' ସ୍ରୋତସ୍ୱିନୀ ଲଂଘନ କରି ।

ପ୍ରହରୀ ଥିଲ ପଥ ଆଗୁଳି ତହିଁ
ପୁଚ୍ଛିଲ, 'ରାଜ-ଆଜ୍ଞା-ପତ୍ରକ କାହିଁ ?
ନାରୀ-ନିବାସ-ବିଶ୍ରାମବାସ ଏଠାରେ !
କିମ୍ପା ପଶିଲ ତୁମ୍ଭେ ଅନଧିକାରେ ?'

Digitized by srujan ka@gmail.com

ମୁଁ ବୋଇଲି, ଯାଚକ-ବଇଷ୍ଣବଙ୍କୁ
ବାରଣ ନାହିଁ କାହିଁ ପ୍ରବେଶିବାକୁ ।
ନିର୍ଲିପ୍ତ-ବାୟୁ ପରି ଆମ୍ଭର ଗତି;
ବ୍ୟବସାୟ ଶ୍ରୀହରି-ପଦେ ଭକତି !'
ତୁଳସୀ-ମାଳା ତାର କଣ୍ଠ-ଲମ୍ବିତ,
ଚଇତନ୍ୟ-ଚରଣ-ଭକ୍ତି-ସଙ୍କେତ ।

ବୋଇଲା, 'କି ସମ୍ବନ୍ଧ ଭବ-ବ୍ୟାପାରେ,
ପ୍ରଭୁଙ୍କ ନାମ ଯେହୁ କୀର୍ତ୍ତନ କରେ ?'
ଏ' ବଚନେ ସନ୍ଦେହ କରି ଦୂତ
ବୋଇଲା ବିନୟରେ, 'ଯାଅ ଭକତ ।'

ଧୀରେ ସେଠାରୁ ହେଲି ମୁଁ ଅଗ୍ରସର
ସ୍ଥାପିତ ଯେଉଁ ସ୍ଥଳେ ରାଜ-ଶିବିର ।
ସାତଟି ଘାଟ ଲଂଘି କଲି ମୁଁ ଗତି,
ଯହିଁ ସେ ମନୋହର ରାଜ-ବସତି ।
ବାରାଣସୀ-କଟକ ଗୁରୁ-ଭବନ;
ରାଜ-ନବର ତହିଁ ଅତି ଶୋଭନ ।
ସିଂହଦ୍ୱାରେ ପ୍ରବେଶି ମୁହିଁ ତୁରିତ
ଗାଇଲି ସାଙ୍କେତିକ ଗୀତ ଲଳିତ:—

ଅତି ପୂରୁବେ ଦିନେ
ସୁର-ପୁର-ଭବନେ ।
ଶଚିପତି ସମାସୀନ ସଭା-ସଦନେ ।
ତହିଁ ଦୁଇ ସୁନ୍ଦରୀ
ରମ୍ଭା, ମେନକା ନାରୀ
ମୋହୁଥିଲେ ପ୍ରଭୁ-ମନ ଦିବ୍ୟ ନର୍ତ୍ତନେ ॥

Digitized by srujan ka@gmail.com

ସୁରୁହୃତ ମୋହିତ
ନିଜ ଗଳ-ଲମ୍ବିତ-
ସଜ-ସ୍ରକ୍ ଦେଲେ ରମ୍ଭା ଗଲେ ବହନେ ॥
ତାହା ଦେଖି ମେନକା
ହୋଇଗଲେ ତାଟକା,
ପଦ ନଗୃକଲେ ହେଲେ ସେ' ଅଭିମାନେ ॥
ଇନ୍ଦ୍ର ଗଳାରେ କାହିଁ
ଆଉ ମାଳା ଯେ ନାହିଁ,
ମେନକାଙ୍କୁ ତୋଷିବାକୁ ସଭା-ସଦନେ ।

ପୁଚ୍ଛିଲା ଦାସୀ ଏକ ତ୍ରିବେଣି ତହିଁ,
'କେବଣ ଦେଶୁଁ ଆସିଅଛ ଗୋସାଇଁ ?
ବଙ୍ଗ-ବୈଷ୍ଣବ ସମ ବେଶ ଦିଶଇ;
ପ୍ରଭୁଙ୍କ ନାମ କଣ୍ଠୁ ପାରକ ଗାଇ ?
ମୋହିତ ଜେମା ତବ ସଙ୍ଗୀତ ଶୁଣି,
ପଠାଇଲେ ପୁରକୁ ନେବାକୁ ପୁଣି ।
ସୁନ୍ଦର ବଇରାଗୀ, ନାହିଁ ବାରଣ;
ପାଇବ ଧନ ମନଇଚ୍ଛା ଆପଣ !
ଆସ ସୁଦୟା କରି ଭିତର-ପୁରେ;
ଗାନ କରିବ ଜେମାମଣି ଛାମୁରେ' ।
ବୁଝିଲି ଶୁଣି ତା'ର କୋମଳ-ଗିର
କର୍ଣ୍ଣାଟ-କୁମାରୀଙ୍କ ସନ୍ତକ-ଶର
ବାଜିଲା ବନ୍ଧାହୋଇ ମୋର ଗାନରେ
ଉତ୍କଳ-ରାଜ-କୁମାରୀଙ୍କ କାନରେ ।
ତାପରେ ଗମିଲି ମୁଁ ଦାସୀ ଗହଣେ
ସୁଭମାମସୂ-ମନୋରମ-ସଦନେ ।

Digitized by srujan ka@gmail.com

ଦେଖିଲି, ଉଜ୍ଜ୍ୱଳ ସେ ଅପୂର୍ବ ପୁରୀ
ବୈଜୟନ୍ତୀ-ମାଳା-ଲମ୍ବିତ-ଶିରୀ !
ଆଲୋକ ମାଳ-ମାଳ, ଅଭ୍ର ମଞ୍ଜୁଳ,
ଜଗତେ କାହିଁ ଅବା ତା' ପଟାନ୍ତର ?

ମୁକୁଳ-ମୁଖେ ପ୍ରତିବିମ୍ବିତ ହୋଇ
ଦିବ୍ୟ-ଦୀପ ଦିନ ସମ ରାଜଇ
ପଦ୍ମ-ହଂସତୂଳ-ତୂଳ-ସୁଖ-ଆସନେ
ସମାସୀନ ଉତ୍କଳ-ରମା ସେ ସ୍ଥାନେ ।
ମୋତେ ଦେଖି କୁମାରୀ ଉଠି ବହନ,
ବସାଇଲେ ଆସନେ କରି ପ୍ରଣାମ ।

ପୁଛିଲେ, 'ଯତି-ବେଶ କରି ଧାରଣ
ସ୍ୱର-ଗୀତିକା-ଗାଥା କର ଗାୟନ ?
ମୋ ମନରେ ସନ୍ଦେହ ଉପୁଜେ ଏବେ,
ରମ୍ଭା-ସଖୀଙ୍କ ଗର୍ଭ କି ହେଲ ଭବେ' ?
ଇଙ୍ଗିତ ଛଳେ ଏହା ପୁଚ୍ଛିବା ଜାଣି,
ଦେଖାଇଲି ସଙ୍କେତ-ହାରକୁ ଆଣି ।

ନୟନ ଛଳ-ଛଳ ହେଲା ତାଙ୍କର;
ଦାସୀ-ସମାଜ କରି ସେଠାରୁ ଦୂର,
ବୋଇଲେ, 'ବୁଝିଗଲି କିଏ ଆପଣ,
କର୍ଣ୍ଣାଟ-ରାଜଜେମା-ଦୂତ ନିଦାନ' !

ସ୍ୱୀକାର କରି ମୁହିଁ କହିଲି ତାଙ୍କୁ,
'ପଠାଇଛନ୍ତି ବାଳା ବାର୍ତ୍ତା ତୁମ୍ଭଙ୍କୁ,
ନଶ୍ୱର-ଜନ-କ୍ଷୟ-କାରଣ-ରଣ
ଘନ-କାନନର ହୁତାଶନ ସମାନ !

Digitized by srujan ka@gmail.com

ପ୍ରେମ-ପୀୟୂଷ-ପ୍ରବାହରେ ତାହାଙ୍କୁ
ଉପାୟ ଚାଞ୍ଚି ସଖି ନିଗ୍ରଇବାକୁ ।
ବ୍ୟକ୍ତି ପାଇଁ କି ଜାତି ଲଘୁ ଭଜଇ ?
କେଶ ପାଇଁ କି କଏ ଶିର କାଟଇ ?

ନୃପତିଙ୍କ ଇଚ୍ଛାରେ କମ୍ପା କହତ,
ଶତ-ସହସ୍ର ନର ହେବେ ନିହତ ?
ଈଶ୍ୱର-ସୃଷ୍ଟି କେଉଁ ଜଣକ ପାଇଁ,
ସମ୍ଭବ ବୋଲି କଏ କହିବେ ନାହିଁ ।’

ଶୁଣିଲେ ଯହୁଁ ଏହି ଗିର କୁମାରୀ,
ଖର-ପ୍ରଦୀପ୍ତ ହେଲା ମୁଖ ତାଙ୍କର ।
ଉଦୟାଚଳ-ଭାନୁ-ଲୋହିତ-ଆଭା
ବାଳା ଲପନେ ଖେଳା କଲା କି ଅବା !
ଝଟିଲା ନୟନରୁ ଅଗ୍ନି-କଣିକା,
ଲାବଣ୍ୟ-ସିନ୍ଧୁରେ କି ଶ୍ରମ-ଝଟିକା ?

ଅକାଳ-ମେଘ ପରି ଗମ୍ଭୀର ସ୍ୱରେ
ବୋଇଲେ ଜେମା ବାଣୀ ଅତି ଅଗ୍ନିରେ,
‘ସ୍ଥବର-ଦ୍ୱିଜ, ତୁମ୍ଭେ କହିଲ ଯାହା
ନ ବୁଝି ନୃପ-ନାରୀ-ମର୍ଯ୍ୟାଦା ଆହା !
ଜାଣତ ନାହିଁ ତୁମ୍ଭେ ଯାହାର ଦୂତ
ତା’ ହୃଦ କେତେ ହଳାହଳ ପୂରିତ !

ସବୁ ଝଲ-ମଲ ସେ ସୁନା ନୁହଇ;
ସବୁ ମେଘ ବରଷା ଋଚଇ ନାହିଁ;
ସବୁ ଶୁକ୍ତିରୁ ମୁକ୍ତା ନ ମିଳେ ପୁଣି;
ସବୁ ବଜୁଳ କୋଟରେ ନାହିଁ ଅଣଣ !

Digitized by srujan ka@gmail.com

ସିନ୍ଧୁ ଭ୍ରମେ କୁହେଳି ସନ୍ତରିବାର
ଫଳହିଁ ଲଭ ଏକା ହେବ ଭୁମ୍ବର !
ଆହା ! ପଡ଼ଇ ମନେ, ମୁଁ ପୁଣି ଥରେ
ଧାଇଁଥିଲି ସେ’ ମରୀଚିକା ପଛରେ !

ତାହାରି ପରିଣାମେ ଦକ୍ଷିଣେ ଆଜି
ଗଲ୍ପ-ଉତ୍କଳ-ବଳ-ସଉଧ ଭାଜି !!
ହାୟ ! କି ଦୁର୍ନିବାର ସେ’ ଘୋରଭ୍ରମ,
କାଚ ସଙ୍ଗେ କାଞ୍ଚନ କଲି ସମାନ !

ସୁଧା-ସିନ୍ଧୁରେ ବିଷଧର-ଫଣିମା
ନିବାସ କରେ ବୋଲି ନଥିଲି ଜାଣି !’
ଏତେ କହୁ ଗଦ୍‌ଗଦ ରାଜ-କୁମାରୀ
ରୁଦ୍ଧ-କଣ୍ଠରେ କଥା କହି ନ ପାରି,
ନୀରବ ହେଲେ; ଅଶ୍ରୁ ଉତ୍ସ ତାଙ୍କର
ଉଠିଲା ନେତ୍ରାନ୍ତରୁ ହୋଇ ପ୍ରଖର !
କ୍ଷିତିରେ ଅସ୍ତମିତ ରବିରେ ଗୁପ୍ତା
ଯେମନ୍ତ ଘଁଘ କରି ବଢ଼ାଏ କାୟା,

କୁମାରୀ ଶ୍ୱାସ-ପ୍ରଶ୍ୱାସଟି ତେମନ୍ତ
ହୃଦୟୁ ଅନ୍ତସ୍ଥଙ୍କୁ ହେଲା ଉତ୍‌ଥିତ ।
ବୁଝିଲି ତହୁଁ ତୀବ୍ର ବେଦନାରାଶି
ରାଜ-କୁମାରୀ-ମନ ଦେଇଛି ଗ୍ରାସି ।

ସାନ୍ତ୍ୱନା ଛଳେ ତାଙ୍କୁ ବୋଇଲି ଗିର,
‘ବୁଝି ପାରିଲି ନାହିଁ ଭାବ ଭୁମ୍ବର !
ଭୁଲର ଜୀବନରେ ହେବା ସମ୍ଭବ;
ଭୁଲରେ ଭରା ଭବେ ସର୍ବ ମାନବ !

Digitized by srujan ka@gmail.com

ଅନ୍ଧାରପୂର୍ଣ୍ଣ ଭ୍ରମ-ଅନ୍ତକ-ଖଣି
ଉଜ୍ଜ୍ୱଳ କରେ କ୍ଷମା-ରୂପକ ମଣି !
ସେ ରତନେ ଭୂଷିତ କର ହୃଦୟ
ମନୋରମାଙ୍କଠାରେ ହୁଅ ସଦୟ !'

ଲଗଡ଼ ଆହତ-ଫଣୀ ପରାଏ ଜେମା
କହିଲେ, 'କାହାକୁ ହେ କହନ୍ତ କ୍ଷମା ?
କଳ୍ପନାରୁ ଜାତ ଯେ' ଶୀରତ-ଶିର,
କହତ କ୍ଷମା ନାମ ନୁହେ କି ତାର ?

କାହୁଁ-ବୁଝିବ ତୁମେ ରୁଷ-ରଞ୍ଜିକ,
କି ପ୍ରେମ ଯେ ଏ' ହୃଦେ ହେଲା ଦନ୍ତ୍ୟ !!
ତହୁଁ ତରୁଣୀ ହେଲେ କ୍ଷଣେ ମଉନ
କହିବାପାଇଁ ଉତ୍ତେଜନା ଦମନ ।
ପ୍ରଳୟ ପୂର୍ବ ସୃଷ୍ଟି-ସ୍ଥିରତା ପରି
ବୁଝିଲ ଏ' ଅବସ୍ଥା ଅଟେ ତାଙ୍କରି ।
ବହୁତ କ୍ଷଣ ପରେ ଅତି ଗମ୍ଭୀରେ
କହିଲେ ବଜ୍ରସମ ଦୃଢ଼-କଣ୍ଠରେ,
'ଶୁଣ ପ୍ରତିଜ୍ଞା ଆଜ ମୋର ବ୍ରାହ୍ମଣ,
ବନ୍ଦ ହୋଇବ ଯେଉଁ ଉପାୟେ ରଣ—'
କଥା ନ ସରୁଁ ଦାସୀ ଆସି ଭାଷିଲା,
'ମହାରାଜ-ବିଜୟ ସମୟ ହେଲା ।';
ପ୍ରତିହାରୀ ଘୋଷିଲା ପ୍ରଶସ୍ତି ସେଥି,-
'ଜୟ ଗଉଡ଼େଶ୍ୱର ଶ୍ରୀଗଜପତି
ନବକୋଟି କର୍ଣ୍ଣାଟ କଲବର୍ଗର
ମହାରାଜାଧିରାଜ ଉତ୍କଳେଶ୍ୱର !'

Digitized by srujan ka@gmail.com

ଉଠିଲେ ଆସନରୁ ହେମା ସମ୍ଭ୍ରମେ;
ଆସନକୁ ତେଜିଲ ମୂର୍ଦ୍ଧ ଦକ୍ଷିଣେ;
ଧୀର-ମନ୍ଥର ପଦେ ସମ୍ରାଟ ତହିଁ
ପ୍ରବିଷ୍ଟ ହେଲେ ଅତି ଗରିଷ୍ଠ ହୋଇ ।
ଉଚ୍ଚ-ଗଉରବର୍ଣ୍ଣ-ଶୁଭ୍ର-ମୂରତି
ପ୍ରତାପରୁଦ୍ର ଦେବ ଶ୍ରୀଗଜପତି ।
ସହସେ ରାଜାଙ୍କର ମଉଡ଼ମଣି,
ଯା'ର ଶାସିତ ଉତ୍କଳିଙ୍ଗ-ଅବନୀ !
ହେଳା-ବିଳାସ-ନେତ୍ର ଢାଳି ସେ ପ୍ରତି
ଭଣିଲେ ଧୀର-ଗିର ସେ' ଗଜପତି,
'କିଏ ଅପରିଚିତ ଏହି ସ୍ଥବର ?
ଉତ୍ତେଜିତ କର୍ପା ମା ମୁଖ ଭୂମ୍ବର ?'
ଉତ୍ତର ଦେଲେ ହେମା ବିନୀତ ସ୍ୱରେ,
କର୍ଣ୍ଣାଟ-ଦୂତ ଉପସ୍ଥିତ ଏଠାରେ .
ରଣ-ବନ୍ଦ-ପ୍ରସ୍ତାବ କରି ବହନ
ଆଗତ ଯତି-ବେଶେ ଏହି ବ୍ରାହ୍ମଣ ।'
ଦେଖିଲ, ମନ୍ତ୍ରୀପତି ଧାତ୍ର-ଲପନେ
କହିଲେ କ୍ରୋଧ-ବିକମ୍ପିତ-ବଚନେ,
'ଧୃଷ୍ଟତା କର୍ଣ୍ଣାଟର ବୁଝିବ କାଲି
ସ୍ରୋତସ୍ୱତୀ-ଶମ୍ଭଳ* ସଂଗ୍ରାମ-ସ୍ଥଳ !
ଆନ୍ଧ୍ର-ଉତ୍କଳ ବଳ ହେବ ବିଦିତ;
ଅରାତି ପରା ସେହୁ ଭାରତ-ଖ୍ୟାତ !
ଅନୁସରି ସେ' ପିନା ମାଚ-ସରଣି
ଜିଣିଲେ ଚନ୍ଦ୍ରପୁର-ଗୃହ୍ର-ଅବନୀ !

---

* ସ୍ରୋତସ୍ୱତୀ-ଶମ୍ଭଳ = ନଦୀ-ତୀର ।

Digitized by srujan ka@gmail.com

ବଳ ପରୀକ୍ଷା ହେବ ସମ୍ମୁଖ-ରଣେ,
କହ ଏ' ବାର୍ତ୍ତା କୃଷ୍ଣଦେବ ରାଜନେ ?'
ଦୂତ ପଥ ମୂର୍ଦ୍ଧ୍ନି ଶୁଣିଲ ଭର୍ତ୍ସି
ଧୀମ ଭୂଷଣେ ଯାହା ଗଲେ ସେ' କହି ।

କ୍ଷଣକ ପରେ ତହୁଁ ଉଚ୍ଛଳ କ୍ଷେମା
ବୋଇଲେ ଦୃଢ଼ କଣ୍ଠେ, 'ଶୁଣ ମଣିମା,
ପ୍ରତିଜ୍ଞା କଲି ଆଜ ମନରେ ମୋର;
ବନ୍ଦ କରିବି ଏହି ସମର ଘୋର !

ନିଷ୍ଠୁର ନରହତ୍ୟା ରଚେ ମାନବ;
ବିଭବ ଆଶେ ଭବେ କି ଅସମ୍ଭବ ?
ଇଚ୍ଛାଠାରୁ କଠିନ ହୋଇବା ପାଇଁ
ବିଭବ-ଲିପ୍ସା ଏକା ମନେ ଆସଇ !

ତ୍ୟାଗ ବିନା ସଂସାରେ ଅଛଇ ସାର,
ତ୍ୟାଗର ସିଂହାସନେ ବିଜେ ଈଶ୍ୱର,
ତ୍ୟାଗ ପରଶେ ହର ହୋଇଲେ ଯୋଗୀ;
ବିଶ୍ୱ-କଲ୍ୟାଣେ ତ୍ୟାଗୀ ହୁଅଇ ଭାଗୀ !
ସଂସାର-ମମତାକୁ କରି ବର୍ଜନ
ତ୍ୟାଗେ କରନ୍ତି ତପୀ ମୋକ୍ଷ ଅର୍ଜନ ।
ତ୍ୟାଗ ସମ୍ମୁଖେ ନତ ବିଶ୍ୱ ଜଗତ !
ତ୍ୟାଗର ଦୃଷ୍ଟ ଏକା ଅନ୍ତ ମହତ !

ତ୍ୟାଗ-ଦେବତା ଉପାସନାରେ ଆଜି
ଜୀବନ-ଯଉବନ ଦେବି ବରଜି !'
ତା'ପରେ ତେଜସ୍ୱିନୀ ରାଜ୍ଞୀ ହେମା ଦୃଢ଼
କହିଲେ ଉତ୍ତେଜିତ କଣ୍ଠେ ଘରଣୀ,

Digitized by srujan ka@gmail.com

‘ଦିଅ ଦ୍ୱିଜ ସମ୍ବାଦ ଦେବରାୟଙ୍କୁ,—
ପଞ୍ଚପଣେ ବରଣ କଲି ମୁଁ ତାଙ୍କୁ !
ଆଜି ଏହି ଯେ’ ସନ୍ଧି-ତରୁ ରୋପିତ
ଶାନ୍ତିର ପୁଷ୍ପ-ଫଳେ ହେବ ଶୋଭିତ ।’

ସହସ୍ରେ ବଜ୍ରପାତ ହେଲା କି ତହିଁ ?
କାହା ମୁଖରୁ କଥା ସ୍ଫୁରଇ ନାହିଁ !
ବିସ୍ମୟର ପ୍ରଥମ ଆବେଗ ପରେ
ପୁଚ୍ଛିଲେ ଗଜପତି ଗମ୍ଭୀର-ସ୍ୱରେ,

‘ନୁହେଁତ ପରିହାସ-ସମୟ ଏହା;
ବିଶ୍ୱାସ୍ୟ ପରି କଥା କହିଲ ତାହା ?’
ଉତ୍ତର ଦେଲେ ଜେମା ସ୍ଥିର କଣ୍ଠରେ,
‘ପରିହାସ ଏ’ ସ୍ଥାନୁ ବହୁତ ଦୂରେ !

ଗଜପତିଙ୍କ କୋଳେ ଜନମ ଲଭି,
ଯାହା କହୁଛି ଏବେ, କହୁଛି ଭାବି !!’
ଚିନ୍ତା କଲି ସେ କାଳେ ଶୁଣି ସେ’ କଥା,
ସୁଯୋଗ୍ୟ-ପିତାଙ୍କର ସୁଯୋଗ୍ୟା-ସୁତା !

ହୁତାଶନ ସମାନ ଜ୍ୱଳନ୍ତ-ଶିଖା
ଉତ୍କଳ-ରାଜ ମୁଖେ ଦେଲା କି ଦେଖା ?
ହିମାଚଳ-ମଣ୍ଡଳ ଟଳିଲା ପରି
ପ୍ରଚଣ୍ଡତା ତାହାଙ୍କୁ ନେଲା କି ବରି ?
ବିସ୍ଫାରିତ-ଲୋହିତ-ଲୋଚନ ଯୁଗ
ସୂଚିଲା ଆନ୍ଦୋଳିତ-ଚିତ୍ତ-ଆବେଗ !
କହିଲେ ବଜ୍ରସମ କଠୋର ସ୍ୱରେ,
‘ସମ୍ଭୂତ ହୋଇ ଗଜପତି-ବଂଶରେ,

Digitized by srujan ka@gmail.com

ଏମନ୍ତ କଥା ଉଚ୍ଚାରିଲ କେମନ୍ତ
ବନା ସଙ୍କୋଚେ ଜେମା ଆମ୍ଭ ଅଗ୍ରତ ?
ଉଚ୍ଚ-ମନ୍ଦର-ଚୂଡ଼ା ଯାଏ କି ଭାଜି ?
ଏଡ଼ିକି ସେ ଉତ୍କଳ ନୁହଇ ଆଜି ?

କେଶରୀ-କନ୍ୟା ହେବ ମେଷ-ଘରଣୀ ?
ଆଉ କି ଶୁଣିବାକୁ ଅଛି ଅବନୀ ?
ସକଳ ଗଲେ ଯାଉ, ମହତ ଥାଉ;
ମହତ ଗଲେ ଫେରି ନ ଆସେ ଆଉ !

ମର୍ତ୍ତ୍ୟରେ ଏହି କଥା ରହିବ କିନା,
କର୍ଣ୍ଣାଟ-ରାଣୀ ଗଜପତିଙ୍କ ଜେମା !!
କୁଳକୁ କଳଙ୍କ ଏ କାଳ କାଳକୁ;
ଉତ୍କଳ-ଯଶ ଯିବ ରସାତଳକୁ !

ହୃଦୟୁ ବହ୍ନି ଏହା ସହିବ କିଏ ?
କୋଟିଏ ମୁଖେ ହେବ କଥା ଗୋଟିଏ !’
ଏତେ କହି ହୋଇଲେ ନୃପ ତମତମ;
ତେଜିଲେ କଷ୍ଟ ଅଭିମାନେ ବହନ ।
ମୋ ମୁଖ ଚାହିଁ ଜେମା ବୋଇଲେ ଧୀରେ,
‘ସତ୍ୟର ବନ୍ଧୁ ଶତ୍ରୁ ଏ’ ଜଗତରେ !
କିନ୍ତୁ ମେରୁ-ମନ୍ଦର ପରି ଅଟଳ
ସତ୍ୟକୁ କଲି ଆଜି ହୃଦ-ସମ୍ବଳ !

ଯାଅ ବ୍ରାହ୍ମଣ, କହ ମନୋରମାକୁ
ତାଙ୍କରିପାଇଁ ଥିଲି ଏହା ଦେବାକୁ !
ତାଙ୍କର ଆଚରଣ ଫଳରେ ପୁଣି
ଉତ୍କଳ-ଜେମାମଣି କର୍ଣ୍ଣାଟ-ରାଣୀ !

Digitized by srujan ka@gmail.com

ଚତୁରତା-ସମରେ କାହାର ଜୟ
ହୋଇଛି; ବୁଝନ୍ତୁ ସେ ବୀର-ବନିତା !
ତାଙ୍କ ବିମାତା ହୋଇ ଯାଉଛି ମୂର୍ଚ୍ଛି
କର୍ଣ୍ଣାଟ-ସଂସାରକୁ ମାରିବା ପାଇଁ !!

ଅଟଳ ମେରୁ ଯେବେ ଟଳଇ ଭବେ,
ଅକ୍ଷତ ହୋଇ କିଛି ରହେ କି ତେବେ ?
'ସରଳତାର ପ୍ରତିଦାନ ପାଇଁ କି
କୁଟିଳତାହିଁ ସାର,' ଏହି ନୀତିକି
ଶିକ୍ଷା ଦେଉଛନ୍ତି ଯେଉଁ ନାରୀ ଏ ମନ୍ତ୍ରୀ.
ମୋ ଧନ୍ୟବାଦ ତାଙ୍କୁ ଦିଅ ଜଣାଇ ।'
ଏତେ କହି ନୀରବ ହୋଇଲେ ହେମା;
ଶୁଣି ସେ ବାଣୀ ହେଲ କାଷ୍ଠ-ପ୍ରତିମା !

ଏ'କାଳେ ପ୍ରଭଞ୍ଜନ ଚରଏ ତହିଁ
ଛତାପରୁଦ୍ଧ ଦେବ ଦ୍ରବିଷ୍ଟ ହୋଇ,
ବୋଇଲେ ଉନ୍ମାଦର ପରି ସତ୍ୱର,
'ବିଶ୍ୱାସଘାତକତା ପୂର୍ଣ୍ଣ ସସାର !
ଦେଖ ସେଥିର ନିଦର୍ଶନ ଏ' ପୁଣ,
ଉତ୍କଳ-ରବି-ଛବି ହୁଏ ଉଚ୍ଛନ୍ନ !'
ଏମନ୍ତ କହି ଦେଲେ ବଢାଇ ଖରେ
ତାଳପତ୍ର ଖଣ୍ଡିଏ ହେମାଙ୍କ କରେ !
ପଢ଼ିଲେ ଉଚ୍ଚେ ବାଳା ସେହି ପତ୍ରକୁ
ଯା' ଶୁଣି ଥରିଲ ଏ' ସ୍ଥବିର-ବୃନ୍ଦ:-
'କର୍ଣ୍ଣାଟ-ସମ୍ରାଟଙ୍କ ଆଦେଶ ପାଇ
ଏ' ଗୁପ୍ତ ପତ୍ରେ ଦେଉଅଛି ଜଣାଇ:

Digitized by srujan ka@gmail.com

ଷୋଳ ଉତ୍କଳ-ମହାପ୍ରାଣ ସକଳ,
ହୋଇଅଛୁ ତ ତୃପ୍ତ ଆମ୍ଭର ମେଳ ।
କାଲି ଦ୍ରୁହ୍ମତେ ବଂଶଧାରା-ସମରେ
ଗଜପତି ସମର୍ପି ଆମ୍ଭ ହସ୍ତରେ
ଭୁଞ୍ଜ ଭୁଙ୍ଗ ବିଭବ ଷୋଡ଼ଶ ରାଜ୍ୟ
ଆଚନ୍ଦ୍ରାର୍କ ନ ହେବ ଯାହା ବିରାଜ୍ୟ !'
ପତ୍ର ପାଠ ଅନ୍ତରେ ସେ' ଗଜପତି
କରୁଣ କଣ୍ଠେ ପୁଣି ବୋଇଲେ, 'ଏଥି
ଏମନ୍ତ ନଥିଲା ତ କେବଣ କାଳେ
ଦୁର୍ଦ୍ଦଶା-ରକ୍ତ-ଲିପ୍ତ ଉତ୍କଳ-ସ୍ଥଳେ !!
ଯେଉଁ ଦେଶେ ସଚିବ ବିଶ୍ୱାସଘାତି;
ସନ୍ତାନର ନଥାଏ ପିତୃ-ଭକତି;
ଅସ୍ତମିତ ସେ' ଦେଶ ଗୌରବ-ରବି,
କିଏ ନ ଜାଣେ ତାହା ଅବଶ୍ୟମ୍ଭାବୀ ?'
କ୍ଷଣକ ପରେ ହୋଇ ଭାବେ ବିଭୋର
ଶୂନ୍ୟକୁ ଦୃଷ୍ଟି ଦେଇ ବୋଇଲେ ଗିର,
'ନମସ୍ତେ ରାଜ-ଲକ୍ଷ୍ମି ! ଉତ୍କଳରାଣି !
ପରହସ୍ତଗତା କି ହେବ ଏ'କ୍ଷଣି ?
କି ପାପେ ଜନ୍ମିଲି ମୁଁ ତୁମ୍ଭର କୋଳେ,
ପଦ୍ମସମ୍ଭୂ ରବି କୁଳେ ଉତ୍କଳେ !!'
ଗମ୍ଭୀର ଅନୁତାପ-ତାପେ ଅସ୍ଥିର
ହୋଇ ରାଜନ ଗଲେ ତେଜି ଶିବିର !
ଉନ୍ମତ୍ତ ପରି ସେ ଯେ ଗମିଲେ କାହିଁ
ଘୋର-ନିଶୀଥେ କେହି ଜାଣିଲେ ନାହିଁ !

Digitized by srujan ka@gmail.com

ସୁଗମ୍ଭୀର ରଜନୀ ତମିସ୍ରାବୃତ,
ଅବିରତ ବିସ୍ତୃତ-ଝିଲ୍ଲୀ-ଝଙ୍କୃତ !
ତନ୍ଦ୍ରାପରୁଦ୍ର ହୋଇ ଅଛି ଅଶ୍ୱ
ତେଜିଲେ ହସ୍ତ-ପୃଷ୍ଠେ ସମରାଶ୍ୱ !!

ବୁଝିଲ ଯାହା କହିଗଲେ ନୃପତି,
ଆସନ୍ନ ଅସ୍ତ ରବି-କୁଳ-ବିଭୂତି !
ତନ୍ମରସର ଭେଦ-ନୀତି ଏ' ବୋଲି
ନିଃସନ୍ଦେହରେ ବସନ୍ତ କଥା ବୁଝିଲି;

ମନେ ପଡ଼ଇ, କହିଥିଲେ ସେ' ଦିନେ,—
ସ୍ୱଭୂମି-ଅସ୍ତ୍ର ଶାଣ ସହସ୍ର କ୍ଷଣେ !
ସେହି ଅମୋଘ-ଅସ୍ତ୍ରେ ହୋଇ ଜର୍ଜର
କ୍ଷତ-ବିକ୍ଷତ ଗଜପତି-ଅନ୍ତର !

ଉଦ୍‌ଭ୍ରାନ୍ତ ଚରଣରେ ଗଲେ ଅଜ୍ଞାନେ,
ସନ୍ଦେହ କରି ସ୍ୱୀୟ ବିଶ୍ୱାସୀ ଜନେ ।
ରଜନୀ ଅନ୍ତେ ହେବ ଘୋର-ସମର;
ଫଳ ପ୍ରିତ ନୃପତି ତେଜି ଶିବିର !

ପବନ ପରି ବ୍ୟାପିଗଲା ବାରତା;
ଚହଳ ସୃଷ୍ଟିକଲା ତହିଁ ସେ' କଥା !
ସବୁ ମୁଖରେ ଶୁଭେ, "କାହାନ୍ତି ରାଜା ?"
ସେନାପତିଙ୍କ ତେଜ ନଢଶେ ତାଜା;
ମଧୁ ମକ୍ଷିକା-ବାସେ ଅନଳ ପରି
ବିଶୃଙ୍ଖଳା ହେଲେ ଶିବିର-ନିଶି ।
କେଏ ବୋଲଇ, 'ଆଜି କାହା-ସମର ?'
କେଏ ବୋଲଇ, 'ଯାଇ, ଫେରିବା ଘର ।'

Digitized by srujan ka@gmail.com

କେ' ବୋଲେ, 'ଭଲ ହେଲା ସମର ଶେଷ,
ବୃଥାରେ ଲଭୁଥିଲା ଦେଶ ବିନାଶ !'
ଏମନ୍ତେ କଏ କେତେ ମତ ପ୍ରକାଶି,
ବିଭ୍ରାଟ ଭୁଆଇଲେ ଶୃଙ୍ଖଳା ନାଶି ।

ସେନାପତି, ବାହିନୀ-ପତି, ସଚିବ,
କଏ କେଉଁଠି ଆଜ କେ' କରେ ଠାବ ?
ଘୋର ବାତ୍ୟାରେ ରମ୍ଭା ବନର ପରି
ଦିଶିଲା ଅସ୍ତ-ବ୍ୟସ୍ତ ଶିବିର-ଶିରୀ ।

ବେଳ ଜାଣି କର୍ଣ୍ଣାଟ-ସୈନ୍ୟଟି ତହିଁ
ପ୍ରବିଷ୍ଟ ହେଲେ; ହୁଡ଼ିବିରୋଧିତ ନାହିଁ !
ବିନା ଶକତି-ବ୍ୟୟେ ଲଭି ବିଜୟ
ଗାଇଲେ ସବେ କୃଷ୍ଣଦେବଙ୍କ ଜୟ !!
ଶ୍ୱେତ-ସନ୍ଧି-ପତାକା ଶୋଭିଲା ଖରେ
ଉଚ୍ଚ-ଉଜ୍ଜ୍ୱଳ-ସ୍କନ୍ଧାବାର-ଶିଖରେ ।

ଜଗନ୍ମୋହିନୀ ଗଜପତି-କୁମାରୀ
ସକଳ ଜନଙ୍କର ମାନସ ହରି,
ପ୍ରବେଶି ଭୂମି ମୁଗ୍ଧ ପିତା ସମ୍ମୁଖରେ
ବରଣ-ମାଳା ଲମ୍ବାଇଲେ ଗଳାରେ ।

ଦେଖିଲ, ବିକମ୍ପିତ ଜେମାଙ୍କ କର
ପରଶେ ପୁଲକିତ ପିତା ଶରୀର !
ବନ୍ଦ ହୋଇଲା ରଣ ନାରକୀ-ରବ;
ଗାଇଲେ ବନ୍ଦୀ ବୃନ୍ଦ ଶାନ୍ତି-ସୁରବ;
ଉଠିଲେ ସ୍ନିଗ୍ଧ-ରବି ପୁଣ୍ୟ-ଉଦୟେ
ମଙ୍ଗଳ-କରଜାଳ ବିସ୍ତାରି ଦେଶେ ।

Digitized by srujan ka@gmail.com

ଆନନ୍ଦ-କୋଳାହଳ-ସିନ୍ଧୁ-ଆରବେ
ଝରଟ-ରଜ-ପଟୁ ଆର-ଉତ୍ସବେ
ନୃସିହ୍ନନାଥେ ମାର୍ଜନା ପାଳିଁକ
ଗୃଳଛନ୍ତି କର୍ଣ୍ଣାଟ-ଥାଟ ଚହ୍ନିଁକ ।”

ସତ୍ରୁଁ-ନସତ୍ରୁଁ କଥା ସୁବେଣି ଦୂତ
କହିଲ, “ଜେମାମଣି, ହୁଅ ପ୍ରସ୍ତୁତ ।
ଉଠାଇ ଅନ୍ତଃପୁର-ସ୍ତୁଉଣି ଏବେ
ଫିହ୍ନାଚଳ ତଳକୁ ଯିବେ ସରବେ ।

କର୍ଣ୍ଣାଟ-ସମ୍ରାଟଙ୍କ ଅନୁଜ୍ଞା ଏହି,
ଭୂସ୍ତ ସ୍ତମ୍ଭରେ ଜଣା କରିବା ପାଇଁ ।”
ସପନ ପରି ସବୁ ଲାଗଇ ମୋତେ;
ସତ ବୋଲି କେମନ୍ତେ ଯିବ ଚରତେ ?

ସଂସାରେ ଏମନ୍ତ କି ଘଟଇ ପୁଣି,
ଉତ୍କଳ-ଜେମାମଣି କର୍ଣ୍ଣାଟ-ରାଣୀ ??
ବିଟପ ଯେବେ ସିନ୍ଧୁ ବିଶୁଷ୍କ ହେବା;
ନକ୍ଷତ୍ର ପରି ଶଶୀ ଛୁଟିଣ ଉଡ଼ିବା;

ବିଚିତ୍ରତମ ଚହ୍ନିଁ ଏ’ କଥା ପୁଣି,
ଜଗନ୍ମୋହିନୀ ଦେବସ୍ପୃ-ମୋହିନୀ !!
ଉତ୍କଟ କନ୍ଧାପାର ଯେ’ ପ୍ରତିହଂସା,
ବର୍ଣ୍ଣିବା ପାଇଁ ତାହା କି ଅଛି ଭାଷା ?
ବାରୁଦ-ଗିରି-ଶିରେ ଅନଳ ପରି
ଭୀଷଣ-ଜ୍ୱାଳା-ମାଳା ଯାଏ ଉଦ୍‌ଗାରି !
ଘୋର-ଭୈରବ ଘାତ-ପ୍ରତିଘାତରେ
ଓତ-ପ୍ରୋତ ଭାବେ ଏ’ ଜୀବନ ଧୂରେ ।

Digitized by srujan ka@gmail.com

ଦୁର୍ବଳ-ବୃଦ୍ଧ-ବଳୀବର୍ଦ୍ଦ ଯେମନ୍ତ
କର୍ଷେ କଷ୍ଟେ ପାଇ ସେ' ପୃଷ୍ଠେ ଆଘାତ !
ତେମନ୍ତ ଦଶା ଏବା ଲଭିଲ ମୁହିଁ
ସଂସାର-ବନ୍ଧନାରେ ବନ୍ଧିବାପାଇଁ !!
ଫିଟାଇ କହିଦେଲା ମନର କଥା,
କରିବା ଆଶେ କାନ୍ତ ଲାଘବ ବ୍ୟଥା ।
କେତେ ମୋ ପରି ଗିରି-ଦୁଃଖିନୀ-ନାରୀ
ବେଦନା-ଜଳଧିରେ ଗଲେଣି ସରି—
ମରମରେ ମିଶାଇ ମରମ-ବ୍ୟଥା ।
କେହି ଜାଣନ୍ତି ନାହିଁ ତାଙ୍କର କଥା !!
ଅଭିଶପ୍ତ ଏ' ପୂତ-ଭାରତ-ଧାମ !
କେତେ ପାପରେ ନାରୀ-କୁଳେ ଜନମ !!!"

ଏତେ କହି ସୁନ୍ଦରୀ ଅଧୀର ହୋଇ,
ଅଶ୍ରୁ-ଆବିଳ-ଚନ୍ଦ୍ରମୁଖ ଲୁଚାଇ
ସଖୀ-କକ୍ଷରେ, କ୍ଷଣେ ହେଲେ ମଗନ
କରିବା ଆଶେ ମହା-ଦୁଃଖ ଦମନ !
ପବିତ୍ର-କ୍ଷେତ୍ର ସିଂହାଚଳ ତଳରେ
ଘନ-ତମିସ୍ରାଛନ୍ନ-ଗୁପ୍ତ-ସ୍ଥାନରେ
ଶୁଣିବାକୁ ଜେମାଙ୍କ ଆତ୍ମ-କାହାଣୀ
ଲୁକ୍କାୟିତ ସେ'କାଳେ ଥିଲେ କେ' ପୁଣି ।
ଦୀର୍ଘ-ନିଃଶ୍ୱାସ ପ୍ରସରିଲା ତାଙ୍କର
ଆଖିଶ ଯେସନ୍ତେ ବିଷଧର-ଫୁତ୍କାର !
ନିମିଷକ ମଧ୍ୟରେ ମାୟା ସଦୃଶ
କୃଷ୍ଣ ଦେବରାୟ ସେ' ହେଲେ ଅଦୃଶ୍ୟ ।

Digitized by srujan ka@gmail.com

ହୋଇଲା ରକ୍ତ ତାଙ୍କ ତପ୍ତ ଚଞ୍ଚଳ;
ବର୍ଦ୍ଧିତ-ବିଲୋହିତ-ନେତ୍ର ଯୁଗଳ;
ଓଷ୍ଠ ଦଂଶି ବୋଇଲେ,"ଆଚ୍ଛା ! ଆତ୍ମଘାତି !
ଚତୁର-ମାନ୍ତ ତବ ନେବି ମୁଁ ବୁଝି !!!"

Digitized by srujan ka@gmail.com

ସପ୍ତମ ସର୍ଗ

ବିଦ୍ୟାନଗରେ* ଅତି ସମ୍ଭାରେ
ଉତ୍ସବ କୋଳାହଳ;
ପ୍ରତି ଭବନେ ଜାଳନ୍ତି ଜନେ
ମଙ୍ଗଳ-ଦୀପ-ମାଳ ।
ବିଜୟ-ଦର୍ପେ କର୍ଣ୍ଣାଟ-ନୃପେ
ସମ୍ମାନ ଦେବାପାଇଁ
ଏମନ୍ତ କିହିଁ ଉତ୍ସବ କାହିଁ
ନୋହିଛି, ହେବ ନାହିଁ !
ବାରଣ-ବାଜି- ବ୍ରଜେ ବିରାଜି
ବଜାଇ ବୀର-ବାଜା
ବିଜୟୀ ଅଗ୍ରେ ବିଜୟ ନଗ୍ରେ
କର୍ଣ୍ଣାଟ- ଦେଶ-ରାଜା ।
ଅନ୍ତଃପୁରରେ ହୁଳ-ହୁଳିରେ
ଉଚ୍ଛୁଳେ ସର୍ବ ଦିଶ;
ରମଣୀଗଣେ ଅତି ଯତନେ
ସାଜିଲେ ନିଜ ବେଶ ।
ବନ୍ଦାପନାରେ କୋଳାହଳରେ
ବିଜୟ ବର-କନ୍ୟା;
ବର କର୍ଣ୍ଣାଟ- ରାଷ୍ଟ୍ର-ସମ୍ରାଟ;
କନ୍ୟା ଉତ୍କଳ-ଜେମା !

---

* କର୍ଣ୍ଣାଟ ରାଜଧାନୀ ବିଜୟନଗରର ପ୍ରାଚୀନ ନାମ ଥିଲା ବିଦ୍ୟାନଗରୀ ।

Digitized by srujan ka@gmail.com

ପଞ୍ଚ-ଶିବିକା- କୋଳରୁ ଏକା
ଓହ୍ଲାଇ ମନୋରମା,
କରନ୍ତି ଗତ ମନ୍ଥର ଅତ
ଦୁଃସ୍ୱପ୍ନା ରାଜ-ଜେମା ।
କରୁଣତା କ ବନ୍ଧ ମୂର୍ତ୍ତିକ
ଚାଲଇ ବଣ୍ୟ-ପଥେ ?
ଶାରଦ-ଶଶୀ ପୂର୍ଣ୍ଣିମା-ନଶି
ଘନାଚ୍ଛନ୍ନ କ ସତେ ?
ସର୍ବ ଶେଷରେ ରାଜ-ନବରେ
କଲେ ସେ' ପରବେଶ;
ଅମା-ତମିର ପଶ ସେ' ପୁର
ଦିଶଇ ଦଶ-ଦିଶ !
ଘର୍ଣ୍ଣିଛି ଯା'ର ଅନ୍ତର, ତା'ର
ସରଗୁ ସୁଖ ଭବୁଁ;
ମନ ସଙ୍ଗତେ ପିନା ଜଗତେ
ରାଜଇ ଯେତେ ସବୁ !
ମନ-ଆଲୋକେ ପିନା ପୁଲକେ
ପଲକେ ଚରାଚର;
ମଳନ-ମନେ ଘୋଟଇ କ୍ଷଣେ
ପ୍ରଳୟ-ଅନ୍ଧକାର !
ସୁଖୀ ମନର ଯେଉଁ ସଂସାର,
ତାହାର ସ୍ୱପ୍ନମାରେ
ଦୁଏ କଣ୍ଟକିତ ସାରା ଜଗତ
ବସନ୍ତ ପଣ ଖରେ !

Digitized by srujan ka@gmail.com

ତା' ପାଇଁ ସିନା ସବୁ ସାଧନା,
କାମନା ମାନବର !
ଛିଣ୍ଡାଇ ନାହିଁ ସଂସାରେ କେହି
ମନର ମାୟା-ଡୋର !!

ଆତ୍ମ-ଭାବନା- ତରଙ୍ଗେ ଜେମା
ବହୁ ଦୂରକୁ ଭାସି
ତମିରାଚ୍ଛନ୍ନ- ରାଜ-ଉଦ୍ୟାନ-
ମଧ୍ୟରେ ଗଲେ ପଶି ।

ଉଦ୍‌ଭ୍ରାନ୍ତ ପରି ନୟନେ ଝରେ
ପ୍ରଖର ବାରି-ଧାରା,
ବୁଲନ୍ତି କାହିଁ ଜାଣନ୍ତି ନାହିଁ
ଶୋକାକୁଳିତ ବାଳା !

ଘୋଟି ଆସିଲା ବଉଦ-ମାଳା
ଗଗନ ଗୋଟା ପୂରି;
ସୁଲୁସୁଲିଆ- ଶୀତଳ-ବାଆ
ବହିଲା ଶିରି-ଶିରି;

ଚଳଚପଳା ରଚିଲା ଖେଳା
ତମିରାପ୍ଲୁତ ଘନେ;
ପ୍ରତିବନ୍ଧିତ କରି ସନ୍ତତ
ଛନ୍ଦେଲଙ୍କା ତ ମନେ !

ଅସ୍ଫୁଟ-ସ୍ୱର ଶୁଭେ ଅଦୂର-
ବକୁଳ ତରୁ ତଳେ;
ସମ୍ଭବ କେହି ନିରତ ତହିଁ
ଗୁପତ-ମନ୍ତ୍ରଣାରେ ।

Digitized by srujan ka@gmail.com

ବାଳା ମନରେ ଚମକିଲେ ଖରେ,-
କିଏ ସେ' ଦୁଇଜଣ ?
ସମସ୍ତ ସ୍ଥାନ, ସାଧୁ-ଲକ୍ଷଣ
ନ ହୁଏ ଅନୁମାନ !
ଗରଜ ଚହ୍ନଁ ତକ୍ଷଣେ ଯାଇ
ଦାମିନୀ ଆଲୋକରେ
ଦେଖିଲେ, ରାଜ ଅମାତ୍ୟ, ଭୃତ୍ୟ,
କଥୋପକଥନରେ ।

କରନ୍ତେ ଖେଳା ଚପଳା-ହେଳା
ଫୁଟି ଦିଶିଲା ଚହ୍ନଁ,
ଡମ୍ବରସଙ୍କ କୁଟିଳ-ମୁଖ
ଖଳତା ଲକ୍ଷ୍ୟ ଯହିଁ !

ଯାଉଛି ଜଣା, ଗୁପ୍ତ-ମନ୍ତ୍ରଣା
ଅତି ଭୀଷଣ ପଣ;
ଷଡ଼୍ଯନ୍ତ୍ର-ଜାଲ ଯାତିବା ଭଳି
ପାରନ୍ତି ସେହି କରି !

ଚତୁର ଖଳ ସଚିବ-ଦଳ
ମୂଢ଼େ ମରଳ ହେଲେ;
କେବଣ କଥା ଯାଇଁ ବ୍ୟବସ୍ଥା
ଚଳିଛି ଏତେବେଳେ ?
ଧୀର କଣ୍ଠରେ ସଚିବ ଝରେ
କହନ୍ତି ହୃଦପର,—
"ତୋହର ହାତେ ଘଷିଲ ସତେ
ମୋହର ଭାଗ୍ୟ-ଡୋର !

Digitized by srujan ka@gmail.com

ଜାଣୁ ତ ଝୁଣ୍ଟି   କେମନ୍ତେ ମୂର୍ଦ୍ଧ
ଗଜପତିଙ୍କ ବଳ
ଦଳିତ କରି   କର୍ଣ୍ଣାଟ-ଶିରୀ
ମନ୍ତ୍ରିଲା ମହୀତଳ !
କେବେଁ ସେ' ଦେବ-   ଗଣ୍ଡୁ ନ ଦେବ
ଉଚିତ ମୂଲ୍ୟ ମୋର ।
କର୍ଣ୍ଣାଟେଶ୍ୱର   ହେବ ନକର
ଥିଲେ ଏ' ବୁଦ୍ଧି-ବଳ !
ସେ' ଗଜପତି-   କୁମାର ଏଥି
ଆବଦ୍ଧ ବନ୍ଦଶାଳେ;
ତାହାର ପାଇଁ   ମୋ ମନେ ନାହିଁ
ଶାନ୍ତି, ସାହସ, ବଳେ !
ସବୁ ଜାଣଇଁ   ଷଡ଼୍‌ଯନ୍ତ୍ର ସେହି
ମୂଳରୁ ତୂଳ ଯାଏଁ;
ଉତ୍କଳ-ଜେମା   ଦେବ କି କ୍ଷମା ?
ବଶ୍ୱାସ କରେ କିଏ ?
କ୍ଷୀର ସଙ୍ଗତେ   ବିଷ ଭୁଞ୍ଜିତେ
ଗୋଳ ଦେବୁ ତୁ ସାଇ;
କାମ ନ ସରୁଁ   ମୋର ଭଣ୍ଡାରୁ
ବଧାଇ ଯିବୁ ପାଇ ।"
ଏମନ୍ତ କହି   ଦାସକୁ ଦେଇ
ହଳାହଳର ଶିଶି,
ମନ୍ତ୍ରୀ ବଦନ   ଗଲେ ସେ ଘନ-
ତମିସ୍ର-କୋଳେ ମିଶି ।

Digitized by srujan ka@gmail.com

ଚମକ ଗଲା ବିଜୁଳି-ହୁଳା
କମ୍ପାଇ ଚରାଚର
ଅତି ଭୀଷଣ- ଅଶନି ପୁଣ
ଖସିଲା ଧରାତଳ !

ଧାଏଁ ଘାତକ- ପଶ୍ଚତରକ;
ତା' ପଛେ କେମାମଣି
ପାଦପଭିତରେ ଛୁରିକା କରେ
ଗମନ୍ତ ଏକାକିନୀ !

କାରାଗାରର ଉଚ୍ଚ-ପ୍ରାଚୀର
ବିରାଜେ ପୁରତରେ;
ଘାତକ ଯାଇ ପଶିଲା ତହିଁ
ଭିତରେ ଖରତରେ ।

ଦାମିନୀ-ଦାମେ ଦିଶିଲା ଜଣେ
ପ୍ରହରୀ ଫାଟକରେ;
ଶମନ ସମ ତହିଁ ସେ' ପୁଣ
ପଦଚାରଣ କରେ !

ଛୁରିକା ଖରେ କୁମାରୀ କରେ
ହୋଇଲା ଝଲକିତ;
ମାରିଲା ସେହି ପ୍ରହରୀ ତହିଁ
ନ ଜାଣେ ଏ' ଚରିତ ।

କେଶରୀ ପରି କଣ୍ଠେ ତାହାର
ବସାଇ ଦେଇ ଛୁରି
ନର-ରକତେ ରଞ୍ଜିତ ହସ୍ତେ
ଛୁଟନ୍ତି ସୁକୁମାରୀ ।

Digitized by srujan ka@gmail.com

ବନ୍ଧ-ଗୃହରେ ପ୍ରବେଶି ଖରେ
ଦେଖିଲେ, ଗଜପତି—
କୁମାର ଅତି ବିଷଣ୍ଣ-ମତି
ବସି ଅଛନ୍ତି ସେଥି ।
ନିଷ୍ପ୍ରଭ ତାଙ୍କ ଶୀର୍ଣ୍ଣ-ଶ୍ରୀମୁଖ !
ବପନ ବଢ଼ିନାହିଁ(୧);
ଅର୍ଦ୍ଧ-ନିମୀଳ- ନେତ୍ର ଯୁଗଳ
ଚିନ୍ତାର ଚିହ୍ନ ତହିଁ !
କପୋଳ-ରେଖା ଯାଉଛି ଦେଖା
ଶୋକର ନିଦର୍ଶନ;
ଯୁବା-ବୟସେ ପଳିତ ଦିଶେ
ବାବୁରି-କେଶ(୨) ପୁଣ !
କୁମାର ପାଶେ ଖାଦ୍ୟ-ଭାଜନେ
ସ୍ଥାପିତ ପାତ୍ର ପୂରି;
ବୃଦ୍ଧ ତହିଁ ମୁଣୋହିଁ(୩) ପାଇଁ
ଆରମ୍ଭ ଥିଲେ କରି;
ଘଡ଼-ଘଡ଼ର ନାଦ ପ୍ରଖର
ସେ'କାଳେ ଶୁଭିଗଲା;
ଚମକି ଖରେ ଦେଖିଲେ ଦୂରେ
ଉଭା ସେ' ରାଜବାଳା ।

---

(୧) ଉତ୍କଳର ରାଜକୀୟ ଭାଷାରେ 'ବପନ ବଢ଼ିନାହିଁ' ଅର୍ଥ କ୍ଷୌର କାର୍ଯ୍ୟ ସମ୍ପନ୍ନ ହୋଇନାହିଁ ।

(୨) ବାବୁରି-କେଶ—ଅଲୁଳାୟିତ କୁଞ୍ଚିତ କେଶଗୁଚ୍ଛ ।

(୩) ମୁଣୋହିଁ—ଭୋଜନ ।

Digitized by srujan ka@gmail.com

ଓଖର-ବାଟି* ଧରି ସେ' ଉଠି
ବୋଇଲେ କ୍ରୋଧଭରେ,
"ପତି-ଘାତକ, କି ଲୋଭ ପୁଣି
ଆସିଲ ଏହି ପୁରେ ?"
ଏତକ କହି ଜେମାଙ୍କୁ ଗୃହି
ରକ୍ତ-ଛୁରିକା-କର,
ବୁଝିଲେ ବାତ୍ୟା ଆସନ୍ନ; ହତ୍ୟା
କରିବେ ଏ' ନକର !
କଠୋର ହାସ କରି ପ୍ରକାଶ
ବୋଇଲେ ସେ' ନର୍ମମ,
"ଏଥର ସିନା ପ୍ରକଟ ଜେମା
ହୋଇଲା ରୂପ, ଗୁଣ !
ଛୁରିକା-ହାତେ ନର-ଶୋଣିତେ
ମଣ୍ଡିତ ହେଲ ଏବେ !
ରୂପରେ ରହି ଭଲ କମ୍ପାଇଁ
ଛଳନାବଳୀ ତେବେ ?"
ଟାହାରେ ଝଡ଼- ତୋଫାନ ଘଡ଼-
ଘଡ଼ ଶବଦ କରି
ଶମ୍ପା-ସମ୍ପାତ† ହେଲା ତୁରିତ
କମ୍ପାଇ ବସୁନ୍ଧରୀ !
ନିଜ ପ୍ରତିମା ଦେଖନ୍ତି ଜେମା,
ସିନ୍ଦୂରିତନ୍ତି ସତେ !

---

* ଓଖର-ବାଟି—ଦୁଗ୍ଧ ପାତ୍ର
† ଶମ୍ପା-ସମ୍ପାତ—ବଜ୍ରପାତ

Digitized by srujan ka@gmail.com

ରକ୍ତ-କୁମୁଦ କି କୋକନଦ
ଭାସେ ଲାବଣ୍ୟ-ସ୍ରୋତେ ?
ଚମକ ପଡ଼ି ଗଲେ ସେ' ଦୁହିଁ
ସବୁ ଅଜ୍ଞାତ-କଥା;
ଜୀବନ-ନଦୀ ବଦଳ ଭେଦ
ବିସ୍ମୃତ-ପଥ ଯଥା;
ଅତି କାତର- ବୁକୁ ତାଙ୍କର
ନାଚଇ ଦମ-ଦମ;
ଜାଣିଲେ ନାହିଁ, ଆଉ କି କବି
ରଞ୍ଜିବେ ପ୍ରିୟ ମନ ?
ବହୁ ସମୟ ପରେ ସଞ୍ଚୟ
କରି ମନରେ ଜୋର,
ବୋଇଲେ ଖରେ, ଏ' ଛୁରିକାରେ
ଦେନ ପରାଣ ମୋର,
ପ୍ରତି କ୍ଷଣରେ ଦଂଶନ କରେ
ଶତ ବୃଶ୍ଚିକ ଯହିଁ !
ବକ୍ଷ ଯନ୍ତ୍ରଣା ସମ୍ଭାଳ ସିନା,
ଆଉ ପାରିବ ନାହିଁ !!
ମିନତି ମୋର, ଆଉ ନକର
ଦହନ ମରମକୁ !
ବହୁତ କଷ୍ଟ ସହି ରହିଛି
ବେଦନା ଭରା-ବୁକୁ !!
ଅବଳା ମୁହିଁ ଦୁର୍ବଳ ହୋଇ
ଆଉ ପାରିବ ନାହିଁ !

Digitized by srujan ka@gmail.com

କୁଳଶ ପରି ଗ୍ଲୁଛ ବଦାଶ
ଦେଉଛ କାହିଁ ପାଇଁ ?
ତବ ଚରଣେ ଆଶ୍ରିତ-ଜନେ
ଶରଣ ରଖିବାକୁ
କମ୍ପାଇଁ ଏତେ କୁଣ୍ଠିତ ସତେ ?
ଆସିଛୁ ଜାଣିବାକୁ !
ଏ' ଗିର ଶୁଣି ହସିଲେ ପୁଣି
କୁମାର ସୁକଠିନ;
ବୋଇଲେ, "ନେଇ ମୋର ଦୃଷ୍ଟାନ୍ତ
କରିବା କଲା ତ୍ରାଣ !
ଧରକୁ-ଥର ମୋହ-ମୁଦ୍‌ଗର
ପ୍ରହାର ନାହିଁ ମୋତେ;
ଜାଣି ଗଲଣି ଚାତୁରୀ ପୁଣି
ଶିଖିଛ ଯେତେ ଯେତେ !
ନମ୍ରର ମୂଳେ ଢାଳିଲେ ହେଲେ
ଅପାର-ମଧୁ-ଧାର
ଫଳ ତହିଁର ନୁହେଁ ମଧୁର,
ଜାଣେ ସଂସାର ସାର !"
ଏମନ୍ତ କହି ପିଇବା ପାଇଁ
କ୍ଷୀର-ପାତ୍ରଟି ଧରି,
କୁମାର ବେଗେ ଅଧର ଅଗେ
ଦେଲେ ପରଶ କରି ।
କାତର ହେଲେ କୁମାରୀ ଖରେ
ବିଷ-ଗୋରସ ଦେଖି;

Digitized by srujan ka@gmail.com

ଫାଟି ପଡ଼ନ୍ତ-   ପର ଢୋଇଲା
  ତାଙ୍କର ବେନ ଆଖି !
ଚିଲଙ୍କ ପରି   ଚିତ୍କାର କରି
  ଉଠିଲେ ଜେମା ଖରେ,
"ସବୁର କର*   ବିଷ ପ୍ରଖର
  ମିଶିଛୁ ଗୋରସରେ !"
ବଜ୍ରମୂର୍ତ୍ତି ସମ   କୁମାର ପୁଣ
  ହସି ବୋଇଲେ, "ସତେ ?
ଧନ୍ୟବାଦକୁ   ଦିଏ ତୁମ୍ଭଙ୍କୁ
  କହିବା ହେତୁ ଏତେ ?
'ମୋର ଚରଣ'   ପାଇଁକି ତୁମ
  ଏତେ ମମତା ବୋଲି,
ଏହି ସ୍ଥାନରେ   ଏତେ କାଳରେ
  ଏବେ ମୁଁ ସମଝିଲି !
ବଳ ପାଇଁକି   କଣା ଛେଳିକି
  ଆଉଁସି ଦେବା ପରି
ଜାଣୁଛି ପୁଣ   ମୋ ପାଇଁ ତୁମ
  ସେନେହ ଅଛି ପୂରି ।"
ଆଉ ନ କହି   ଥାଆନ୍ତେ ସେହି,
  କନ୍ତୁ ବଜ୍ରଳ ସମ
କ୍ଷୀର-ବାଟିକୁ   ଜେମା ହାତକୁ
  ଟାଣି ଆଣିଲେ ପୁଣ !

---

* ସବୁର କର=ଅପେକ୍ଷା କର ।

Digitized by srujan ka@gmail.com

ବୋଇଲେ ସଖି, "ପୁରୁଷ ଜାତି !
କେମନ୍ତ ଗୁଣ ତାର ?
ବିଶ୍ୱ ମଧ୍ୟରେ କି ଥାଇ ପାରେ
ଏତେ ନିଷ୍ଠୁର ଘୋର ?"
"ଠିକ୍ ଏ' ଗିର" ବୋଲି କୁମାର
ରଦନ ଚପି ଦୃଢ଼େ
ଭଣିଲେ, ଯାହା କହିଲ ଆହା,
ସଂସାରେ ସତ କେତେ ?
ମନେ ପଡ଼ଇ, ସେ' ଦିନ ସେହି
ଚନ୍ଦ୍ରଗିରିର ଶିଖ୍ରି
ତୁମ ଛଳନା- ଅନଳ ଜେମା,
ଜାଳିଲା ଧ୍ୱଂସ କରି;
ଆତୁର ଥରେ କଣ୍ଠାବର୍ତ୍ତ୍ରେ
ଓକାଇ କଉଶଳେ
ବନ୍ଧ-ମନ୍ଦରେ ପକାଇ ଖରେ
ଜାଳିଲ ଶୋକାନଳେ !
ଅସ୍ତ୍ରଧାରୀଙ୍କୁ, ନାରୀ ଜାତିକୁ
ରାଜକୁଳକୁ ପୁଣି
ବିଶ୍ୱାସ ନାହିଁ ! ମନୀଷୀ କହି
ଥିଲେ ଏ' ମିତ-ବାଣୀ !!
ସେ' ତିନି ଗୁଣ ପ୍ରକଟ ପୁଣ
ହୋଇଛି ଯାହାଠାରେ,
ପୀରତି-ସ୍ନେହ କେମନ୍ତେ କହ
ସମ୍ଭବ ତା' ହୃଦରେ ??"

Digitized by srujan ka@gmail.com

ସ୍ୱପ୍ନ ଆଗରେ　　　ଯେଉଁ ପ୍ରକାରେ
　　ଅବଶ ହୁଏ ପ୍ରାଣୀ,
ତେମନ୍ତ ପିନା　　　କର୍ଣ୍ଣାଟ ଜେମା
　　ହେଲେ ସେ' ବାଣୀ ଶୁଣି !

ଅତି ଦୀନତା　　　ପ୍ରକାଶି କଥା
　　କହିଲେ ଅଶ୍ରୁ ଢାଳି,
"ସବୁ ସ୍ଥାନରେ,　　　ସବୁ ପ୍ରାଣରେ
　　ଅଛନ୍ତି ପରା ହରି ?

ବିଶ୍ୱାସ ଏହା　　　କରିବ ଆହା !
　　କିଏ ମୋ ସମ ଦୀନ ?
କେଉଁ ଜଗତେ　　　ରହିଛ ସତେ
　　ଦୁଃଖୀର ଭଗବାନ ??

ସହାୟ ତୁମେ　　　ହୁଅ ମୁଁ ଶୁଣେଁ
　　ଅତି ଆକୁଳ ବେଳେ;
ଏ' ଅଭାଗିନୀ　　　ବେଳକୁ ତୁମ
　　ରହିଲ କପାଁ ହେଲେ ?

ବିଶ୍ୱ-ସଂସାର　　　ବୁଝ୍ ଏଥର
　　ମହିମା-ମେରୁ ପ୍ରଭୁ !—
ବିଶ୍ୱାସ କର　　　ପଦେ ତୁମ୍ଭର
　　ହାଣ୍ଟି ଜଣେ ସବୁ !!!"

ଏମନ୍ତ କହି　　　ସେ' ଜେମାଦେଈ
　　କରନ୍ତେ ବିଷ ପାନ,
ଗରଳ ଧାର　　　ଢ଼େଲେ ଢଳି
　　ଛିନ୍ନ-ବଲ୍ଲରୀ ସମ !

Digitized by srujan ka@gmail.com

କ୍ଷୀଣ-କଣ୍ଠରେ ବୋଇଲେ, "ଅରେ-
ଅରେ ମାତର ଦଅ
ଚରଣ-ଧୂଳି ମୋ ଶିରେ ବୋଳି
ଦେ ମୋର ହୃଦେପ୍ରିୟ !!"

ଉନ୍ମାଦ ସମ ଉଠିଲେ ଥର
କୁମାର ଏହା ଦେଖି;
ଜାଣିଲେ ପୁଣି ଅପରାଧିନୀ
ନୂହନ୍ତ ପ୍ରାଣ ସଖୀ !

ବହୁତ ଡେରି ପରେ ଏପରି
ବୁଝିବା ସତ୍ୟ କଥା,
ପ୍ରଳୟ ପରି ପବଣ ଘାରି
ଉପୁଜାଇଲା ବ୍ୟଥା !

ପାପ ଲଭାଇ କେ' ଅବା ପାଇ
ପାରଇ ହଜା-ଧନ ?
ପ୍ରାବୃଟ ଅନ୍ତେ ବୁଝିଲେ ଯେବେ
କ୍ଷେତେ କି ହୁଏ ଧାନ ?

ଅନୁତାପର ବିଷ ପ୍ରଖର
ଅନ୍ତର ଦେଲା ଘାରି;
ଆକୁଳେ ବାଇ ପରି ସେ' ହୋଇ
ବୋଇଲେ ଥର-ଥର,
"ପ୍ରିୟ-ପ୍ରାଣକୁ ବଞ୍ଚାଇବାକୁ
ଏବେ ଆତୁର ଯେତୁ,
ପୀୟୂଷ ସମ ସେନେହ-ଶିକ୍ଷ
ଯାଇବେ ପିନା ସେତୁ !

Digitized by srujan ka@gmail.com

ପୋପାଡ଼ ଦେଲ ଉପଳ ବୋଲି
ଶାଳଗ୍ରାମର ଶିଳା;
ଘବ କୁତ୍ସିତ କଲି ବର୍ଜିତ
ଅନନ୍ତ-ସ୍ବର୍ଗଶୀଳା !
ଅତ ଉଚ୍ଚରେ ସିଂହାସନରେ
ବିଶ୍ୱାସ-ସ୍ୱରଗରେ
ଆସୀନ ହୋଇ, ଦେଲ ଗୋ ଦଣ୍ଡ
ପଗଣ ନରନ୍ତରେ !
ଅତ ଉଚ୍ଚକୁ ଗଲ ପାନକୁ
ପକାଇ ରସାତଳେ,
କାଳ କାଳକୁ ଜାଳ ଦେବାକୁ
ବେଦନା-ଦାବାନଳେ !
ତୁମେ ସ୍ୱର୍ଗର ଦେବୀ; ମର୍ତ୍ତ୍ୟର
ପାପ-ପଙ୍କିଳ ମୂର୍ତ୍ତି;
ତୁମର ମୋର ପ୍ରେମ-ଜୁଆର
ବହନ୍ତା କାହିଁ ପାଇଁ ?
ପୁରୁରବାଙ୍କ ପର ମୋ ଲେଖ
ହୋଇବ ଏହି ଠାରୁ* !
ତୁମକୁ ଝୁରି, ଗୁଣକୁ ସ୍ମରି,
ସାରା ଜୀବନ ସାରୁ !

---

* ପୁରାଣରେ ବର୍ଣ୍ଣିତ ଅଛି, ଏକଦା ଉର୍ବଶୀ ଶାପ ପାଇ ସ୍ୱର୍ଗରୁ ଆସି ମର୍ତ୍ତ୍ୟରେ ପୁରୁରବାଙ୍କ ପ୍ରେମରେ ଆବଦ୍ଧ ହୋଇଥିଲେ । କିନ୍ତୁ ଶାପ ଶେଷରେ ସେ ପୁଣି ସ୍ୱର୍ଗକୁ ଚାଲି ଯିବାରୁ ଏଣେ ପୁରୁରବା ଅତ ଅଧୀର ହୋଇ ସଂସାର ତ୍ୟାଗ କଲେ ।

Digitized by srujan ka@gmail.com

ତୁମର ପରି ସୁଷୁମ୍ଣା-ନାସ୍ତ
ପାଏ ମୁଁ କାଳେ କାଳେ;
ଯମା ସମ ପଣ୍ଡ ନ ପାଅ ସନ୍ତି
କେଉଁ ଛନ୍ଦରେ ଦେଲେ !!!"

ଏମନ୍ତ କାଳେ ସେ ବନ୍ଦଶାଳେ
ଶୁଭିଲା ପଦଧ୍ୱନି;
ଭୈରବ ରୂପ କାଳ ସ୍ୱରୂପ
କୃପାଣ କରେ ଘେନି
ଆବୃତ ମୁଖେ ଦୁଇ ଜଣ କେ'
ଉଭା ସେ' ବନ୍ଦିଦ୍ୱାରେ;
କହିଲେ ଡାକ, "ମୃତ୍ୟୁ ପାଇଁ କି
ପ୍ରସ୍ତୁତ ହୁଅ ଖରେ !"
"କିଏ ସେ ତୁମେ ? କପାଁ ଏ' ସ୍ଥାନେ ?"
ପୃଚ୍ଛନ୍ତେ ଗଜପତି,।
ଉତ୍ତର ଦେଲେ, "ଚିତ୍କାର କଲେ
ନିସ୍ତାର ନାହିଁ ଏଥି !"
ବୁଝିଲେ ସେହୁ କୁମାର ଚନ୍ଦ୍ରେ
ଆସେ ଅନ୍ତିମ-କାଳ !
ସଞ୍ଚିତ୍ତ-ବ୍ରତ- ଅଭିସମ୍ପାତ !
ଏହିତ ସଦ୍ୟ-ଫଳ !
ଶକ୍ତିଲେ ସେହୁ ମନରେ ଚନ୍ଦ୍ର,—
"ପ୍ରଭୁ ଶ୍ରୀଜଗନ୍ନାଥ !
ଅଘାବଳୀକୁ କ୍ଷୀଣ ଦେବାକୁ
ଆଜ କେ' ସମରଥ ?"

Digitized by srujan ka@gmail.com

ଏକାଳେ ତହିଁ   କୃପାଣ ଦୁଇ
ଉଠିଲା ଶିର ପରେ;
କୁମାରଙ୍କର   ନେତ୍ର ଯୁଗଳ
ମୁଦିତ ହେଲା ଖରେ !
ଘନ-ଭଷକ   ନରଷ-ଡ଼ାକ
ଶୁଣିଲେ ଅବା ପୁଣି !
ବଜ୍ର-କଠୋର-   ଶବଦ ଘୋର
ଶୁଭିଲା ସେହିକ୍ଷଣି,
"ନିଶ୍ଚଳ ହୁଅ !   କେ' ତୁମ୍ଭେ କହ ?"
ଘାତକ ପଶ୍ଚାତରେ
ଟେକ ବନ୍ଧୁକ   ଭୀଷଣ ଏକ
ପୁଚ୍ଛଇ ନିର୍ଧାରେ !
"ନିଶ୍ଚଳ ରହ !   କିଏସେ କହ
ଘାତକ ତୁମ୍ଭେ ମାନେ ?"
ବଜ୍ର-ଗମ୍ଭୀର   ପୁଣି ସେ' ସ୍ୱର
ଶୁଭିଲା ସେହି ସ୍ଥାନେ ।
ଚମକ ପଡ଼ି   ଉପୁରେ ସତି
ଦେଖିଲେ ସେ' ଦୁହେଁ ଚାହିଁ,
କାଳ-ସ୍ୱରୂପ   କର୍ଣ୍ଣାଟ-ନୃପ
ଦଣ୍ଡାୟମାନ ତହିଁ !!
ବିସ୍ଫାରିତ ସେ'   ନୟନଦେଶେ
ଉଚ୍ଛୁଳେ ଅଗ୍ନି-କଣା;
ଦେଖି ସେ' ରୂପ   ଛଦ୍ମବେଶୀଙ୍କ
ବୁଦ୍ଧି ହୋଇଲା ବଣା !

Digitized by srujan ka@gmail.com

ରାଜ-ଆଦେଶ ହୋଇଲା, "ବାପ
ଫିଟାଅ ମୁଖଁ ପଶୁ !"
ଭଟ୍ଟେ ସେ' ଦୁଇ ଦେଲେ ଖସାଇ
ମୁଖୋଷ ମୁଖଦେଶୁଁ ।
କି ଆଚମ୍ବିତ ! ଏ' ଯେ ସାକ୍ଷାତ
ଭୈରବ କଣ୍ଠୀରେ !
ଅନ୍ୟ ଜଣକ ଅଟଇ ତାଙ୍କ
ରକ୍ଷକ-ଶରକର ।
ପ୍ରଶ୍ନିତ ହୋଇ ନୃପତି ତହିଁ
ଦେଖିଲେ ନିଜ ମନ୍ତ୍ରୀ;
ଆଗ୍ନେୟ-ଗିରି- ଉଦ୍ଗାର-ଶିଖା
ଆଣିଲା ତାଙ୍କ ମୂର୍ତ୍ତି !
ବିଷାଦ, ତାପ, ଘୃଣା ଅମାପ
ଘୋଟିଲା ଅଙ୍ଗ ସାରା !
କହିଲେ ରୁଦ୍ର- ବଚନ-ଦୃଢ଼
ହୋଇ ସେ' ଆତ୍ମହରା;
"ସେହିକ ତୁମେ ଉଚ୍ଚ-ଆସନେ
ଆସୀନ କଣ୍ଠୀରେ,
କୋଟିଏ ନର- ଭାଗ୍ୟର ଡୋରି
ଅର୍ପିତ ଯାର କରେ ?
ଏପରି ତୁଚ୍ଛ- ଅତି ନିକୃଷ୍ଟ-
କୁଟିଳ-ଘୃଣ୍ୟ-ନର
ଅଛନ୍ତି ଅଳ୍ପ, ଏହି ବିକଳ୍ପ
ଥିଏ ମନରେ ମୋର !

Digitized by srujan ka@gmail.com

ଆଲୋକ ଛଳେ ଗୁପ୍ତ ପ୍ରକାରେ
କର୍ଣ୍ଣାଟ-ଶାସନରେ
ଧର୍ମ ସକଳ ଲୁଣ୍ଠାଇ ଦେଲ
ଦୁର୍ମତି-ପାରାବାରେ !

ଭବିଷ୍ୟତରେ ଇତିହାସରେ
ରହିବ ଲେଖା ହୋଇ,
ଭାରତ ପରେ କଳଙ୍କ ଗାରେ
ଏହି କର୍ଣ୍ଣାଟ-ମହି !

ତୁମ୍ଭ କୁଟିଳ- କପଟ ଜାଳ
ଭୁଙ୍ଗ-ଭୁଲୁବ-କୁଳ
ଚର-କାଳକୁ ଜାଳ ଦେବାକୁ
ହୋଇଲା ଦାବାନଳ !!

ଗୁଣଶାଳିନୀ- ରାଜ-ନନ୍ଦିନୀ,
ନେତ୍ର-ପିତୁଳା ମୋର,
ତୁମର ମାୟା- ଅନଳେ ଆହା !
ଜଳିଲା ତନୁ ତାର !!".

କହୁଁ-କହୁଁ ସେ' ପ୍ରଚଣ୍ଡ-ରୋଷେ
ଜ୍ୱଳନ୍ତ-ହୁତାଶନ,
ଆରକ୍ତ ହେଲା ନେତ୍ର; ଥରିଲା
ଆପାଦଅପଦନ !!

ବୋଇଲେ, "କେ'ରେ ! ବାନ୍ଧ ସତ୍ୱରେ
ଏ' ଦୁଇ ନର-ପଶୁ !"
ପହଞ୍ଚି ଗଲେ ସେଠାରେ ଖରେ
ସିପାହି ଦ୍ୱାର' ଦେଶୁଁ ।

Digitized by srujan ka@gmail.com

ଆବଦ୍ଧ ହେଲେ ଦୃଢ଼-ଶୃଙ୍ଖଳେ
ଉଭୟ ଅପରାଧୀ;
ଡମ୍ବରସଙ୍କ ଟିକଅ-* ମୁଖ
ରହିଲା ହୋଇ ମୁଦ ।
କର୍ଣ୍ଣାଟ ରାଜ କହିଲେ; "ଆଜ
ଏମନ୍ତ ଶାସ୍ତି ପୁଣି
ହେବ କୁମର ! ବିଶ୍ବ-ସଂସାର
ସ୍ତବ୍ଧ ହୋଇବେ ଶୁଣି !!!"†
ସଉଦାମିନୀ ସମ ପେକ୍ଷଣି
ଉତ୍କଳ-ରାଜଜେମା
ପ୍ରବେଶି ତହିଁ ବୋଇଲେ, "କାହିଁ
ସଙ୍ଗିନୀ-ମନୋରମା ??"
ଭୂମି-କମ୍ପରେ ଯେପରି ଖରେ
ସକଳ ବିଚଳିତ,
ତେମନ୍ତ ତହିଁ ସମସ୍ତେ ଗୃହିଁ
ହୋଇଲେ ଆକୁଳିତ !
"ଏହିକ ମୋର ସଖୀ ପ୍ରାଣର ?"
ଉଚ୍ଛାରି ସେ ସୁନ୍ଦରୀ,
ଲୋଟିଲେ ଖରେ . ଶବ ସଙ୍ଗରେ
ବିଗତ-ପ୍ରାଣ ପରି !

---

* ଟିକଅ=ଅଙ୍ଗାର ଚୂର୍ଣ୍ଣ-ଚକ ।

† କଥିତ ଅଛି, ମନ୍ତ୍ରୀ ଡମ୍ବରସଙ୍କୁ ଆବଦ୍ଧ କରି ଓଢାପାଳରେ ତାଙ୍କ ଦେହ ଧୀରେ ଧୀରେ ଜୀବନ୍ତ ଦଗ୍ଧ କରା ଯାଇଥିଲା ।

Digitized by srujan ka@gmail.com

ଏମନ୍ତ କାଳେ   ଶୁଭିଲା ଦୂରେ
ସଙ୍ଗୀତ ସୁମଧୁର,
କମ୍ପେ ପୃଥିବୀ   ଗାଆନ୍ତି କବି-
ଚନ୍ଦ୍ରମା ଦିବାକର,—

"ଜଳ-ବୁଦ୍‌ବୁଦ ଏ   ଅଟେ ଜଗତ-ଶିଶୁ;
ତୁମର କଲ୍ୟାଣ ସେ' ବିନା ।

ଫୁଟିବା ଫୁଲ ପୁଣି   ଝଡ଼ିଯାଏ ଅବଶି;
ତୁମର ମାୟା ଅକଳନା
ହେ ମହାପ୍ରଭୁ !
ଦିବସ ପରେ ରାତି ଏ,
ସୁଖ-ଦୁଃଖ ଜୀବନେ ଭରି,

ନଚାଇ ଭବ-ରଙ୍ଗେ   ରସାଇ କେତେ ବାଟେ
ଭସାଅ ଜୀବନ-ବାସନା
ହେ ମହାପ୍ରଭୁ !!!"

ସମାପ୍ତ

ମୁଦ୍ରାକର—ଶ୍ରୀ ପ୍ରସନ୍ନକୁମାର ମହାପାତ୍ର, ଶ୍ରୀ ଶାରଦା ପ୍ରେସ, ଭୁବନେଶ୍ୱର-୨

Digitized by srujan ka@gmail.com